୬ ଭାରତୀୟ ମହିଳା କ୍ରିକେଟ୍ ଦଳର ଐତିହାସିକ
ଶୃଙ୍ଖଳା ବିଜୟ :୨-୧ରେ ଅଷ୍ଟ୍ରେଲିଆକୁ ହରାଇଲା



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS

# ସମ୍ବାଦ କଳିକା

The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୫ ● ୨୨ ଫେବୃଆରୀ ୨୦୨୬, ରବିବାର ● ଭୁବନେଶ୍ୱର ● Vol -33 ● Issue-25 ● 22nd February 2026, Sunday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ଚାଷୀ ପ୍ରସଙ୍ଗରେ ବିରୋଧୀଙ୍କ ନାରାବାଜି,ହଙ୍ଗୋଳ ଭିତରେ ଗୃହ ଚାଲିଲା ମାତ୍ର ୨୨ ମିନିଟ୍

# ସୋମବାର ଯାଏଁ ବିଧାନସଭା ମୁଲତବୀ

ଭୁବନେଶ୍ୱର, ୨୧।୨
ନ୍ୟୁଜ୍ ବ୍ୟୁରୋ



ବିରୋଧୀ ଦଳର ତୁମୁଳୋ ହଙ୍ଗୋଳ, ନାରାବାଜି ଯୋଗୁ ଶନିବାର ଲଗାତାର ୫ମ ଦିନ ପାଇଁ ବିଧାନସଭା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିଲା। ବାଚସ୍ପତି ସୁରମା ପାଢୀ ପୂର୍ବାହ୍ନ ୧୦.୩୦ ମିନିଟ୍ ସମୟରେ ପ୍ରଶ୍ନୋତ୍ତରରୁ ଗୃହକାର୍ଯ୍ୟ ଆରମ୍ଭ କରିବା ମାତ୍ରେ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ହାତରେ ପ୍ଲାକାର୍ଡ଼ ଧରି 'ଚାଷୀ ମାରଣ ନୀତି ଚଳିବ ନାହିଁ, କଟ୍‌ନୀ ଛଟନୀ ଚଳିବ ନାହିଁ' ସ୍ଲୋଗାନ ଦେଇ ଗୃହର ମଧ୍ୟଭାଗକୁ ମାଡ଼ି ଆସିଥିଲେ। ବାଚସ୍ପତି ଶ୍ରୀମତୀ ପାଢୀ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇ ରଖିବା ପାଇଁ ଚେଷ୍ଟା କରିବା ସହ ବିରୋଧୀ ଦଳର ବିଧାୟକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେବା ଓ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିଥିଲେ। ଏହା ସତ୍ତ୍ୱେ ବିରୋଧୀ ବିଜେଡ଼ିର ବିଧାୟକମାନେ ଗୃହର ମଧ୍ୟଭାଗରେ ସ୍ଲୋଗାନ ବାଜି ଜୋରଦାର କରିଥିବା ବେଳେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ାହୋଇ ଚାଷୀ ସମସ୍ୟା ସମ୍ପର୍କିତ ଲେଖାଥିବା ପ୍ଲାକାର୍ଡ଼ ପ୍ରଦର୍ଶନ କରିବା ସହ ପ୍ରତିବାଦରେ ସାମିଲ୍ ହୋଇଥିଲେ। ଏଭଳି ଅବସ୍ଥାରେ ଗୃହକୁ ସ୍ୱାଭାବିକ ଭାବେ ଚଳାଇବାକୁ ସମ୍ଭବ ନ ହେବାରୁ ବାଚସ୍ପତି ଦୁଇଟି ପର୍ଯ୍ୟାୟରେ ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିବାକୁ ବାଧ ହୋଇଥିଲେ। ଏହା ପରେ ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ ଗୃହରେ ଅନୁରୂପ ପରିସ୍ଥିତି ଲାଗି ରହିବାରୁ ବାଚସ୍ପତି ଗୃହକୁ ସୋମବାର ପୂର୍ବାହ୍ନ ସାଢେ ୧୦ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଶନିବାର ବିଧାନସଭାର ଗୃହକାର୍ଯ୍ୟ ବିରୋଧୀ ଦଳର ହଙ୍ଗୋଳ ମଧ୍ୟରେ ପ୍ରଥମାର୍ଦ୍ଧରେ ୧୦ ମିନିଟ୍ ଦ୍ୱିତୀୟାର୍ଦ୍ଧରେ ୧୨ ମିନିଟ୍ ଏପରି ମୋଟ୍ ୨୨ ମିନିଟ୍ ପାଇଁ ଚାଲିଥିଲା। ପ୍ରଥମାର୍ଦ୍ଧରେ ଗୃହରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ବିରୋଧୀଙ୍କ ହଙ୍ଗୋଳ ମଧ୍ୟରେ ୬ ମିନିଟ୍ ଚାଲିବା (ପୃଷ୍ଠା ୭ରେ)

## ୫ ବର୍ଷରେ ଭାରତ-ବ୍ରାଜିଲ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨୦ ବିଲିୟନ ଡଲାର ଅତିକ୍ରମ କରିବ

ନୂଆଦିଲ୍ଲୀ, ୨୧।୨



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ଭାରତ ଏବଂ ବ୍ରାଜିଲ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାର ଅତିକ୍ରମ କରିବାକୁ ପ୍ରତିବଦ୍ଧ। ସେ ଜୋର ଦେଇ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ କେବଳ ସଂଖ୍ୟାର ବିଷୟ ନୁହେଁ ବରଂ ପାରସ୍ପରିକ ବିଶ୍ୱାସ ଏବଂ ଏକ ଦୃଢ଼ ରଣନୈତିକ ସହଭାଗୀତାର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ମୋଦୀ ଶନିବାର ହାଇଦ୍ରାବାଦ ହାଉସରେ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡା ସିଲଭାଙ୍କ ସହିତ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ସେ କହିଛନ୍ତି ଯେ ଭାରତ-ବ୍ରାଜିଲ ସମ୍ପର୍କ ଦୀର୍ଘ ଦିନ ଧରି ରାଷ୍ଟ୍ରପତି ଲୁଲାଙ୍କ ଦୃଷ୍ଟିକୋଣ ଏବଂ ପ୍ରେରଣାଦାୟକ ନେତୃତ୍ୱରୁ ଲାଭବାନ ହୋଇଛି। ବର୍ଷ ବର୍ଷ ଧରି ଅନେକ ଥର ସେମାନଙ୍କ ସାକ୍ଷାତକୁ ମନେ ପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ବୈଠକରେ ସେ ରାଷ୍ଟ୍ରପତି ଲୁଲାଙ୍କ ଭାରତରେ ଗଭୀର ବନ୍ଧୁତା ଏବଂ ବିଶ୍ୱାସ ଅନୁଭବ କରିଛନ୍ତି।ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଐତିହାସିକ ଏଆଇ ଇମ୍ପାକ୍ଟ ଶିଖର ସମ୍ମିଳନୀରେ ରାଷ୍ଟ୍ରପତି ଲୁଲାଙ୍କ ଅଂଶଗ୍ରହଣ ଦୁଇ ଦେଶ ମଧ୍ୟରେ ରଣନୈତିକ ସହଭାଗୀତାକୁ ନୂତନ ଶକ୍ତି ଦେଇଛି। ରାଷ୍ଟ୍ରପତିଙ୍କ ସହିତ ଆସିଥିବା ବୃହତ ବ୍ୟବସାୟିକ ପ୍ରତିନିଧିମଣ୍ଡଳକୁ ସ୍ୱାଗତ କରି ସେ କହିଛନ୍ତି ଯେ ଏହି ପ୍ରତିନିଧିମଣ୍ଡଳ ଦୁଇ ଦେଶ ମଧ୍ୟରେ ବୃଦ୍ଧି ପାଉଥିବା ଆର୍ଥିକ ବିଶ୍ୱାସର ପ୍ରତୀକ।ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ବ୍ରାଜିଲ ହେଉଛି ଲାଟିନ୍ ଆମେରିକାରେ ଭାରତର ସବୁଠାରୁ ବଡ଼ ବାଣିଜ୍ୟିକ ଅଂଶୀଦାର। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଭାରତ-ମର୍କୋସୁର ବାଣିଜ୍ୟ ଚୁକ୍ତିନାମାର ବିସ୍ତାର ଅର୍ଥନୈତିକ ସହଯୋଗକୁ ଆହୁରି ସୁଦୃଢ଼ କରିବ। ସେ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ କ୍ଷେତ୍ରରେ ସହଯୋଗର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ ଏହି ସହଭାଗୀତା କେବଳ ଦୁଇ ଦେଶ ପାଇଁ ନୁହେଁ ବରଂ ସମଗ୍ର ବିଶ୍ୱ ଦକ୍ଷିଣ ପାଇଁ ଗୁରୁତ୍ୱପୂର୍ଣ୍ଣ।

## ଏଆଇର ବ୍ୟବହାର କୃଷକଙ୍କୁ ଫସଲର ଆଗୁଆ ସୂଚନା ପ୍ରଦାନ କରିବ

ଭୁବନେଶ୍ୱର, ୨୧।୨
ନ୍ୟୁଜ୍ ବ୍ୟୁରୋ



ଲୋକସେବା ଭବନରେ ଶନିବାର କୃଷି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ନେଇ ଏକ ଆଲୋଚନା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ମଧ୍ୟ ଯୋଗଦେଇଥିଲେ।

ରାଜ୍ୟ ବଜେଟ୍ ଘୋଷଣା ଅନୁଯାୟୀ ଏଥିରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପୂର୍ବବର୍ଷ ତୁଳନାରେ ୧୨.୩% ବୃଦ୍ଧି ଘଟିଛି। ଏହା ଦର୍ଶାଉଛି ଯେ କୃଷକ ଓ କୃଷିକାର୍ଯ୍ୟକୁ ଅଧିକ ଲାଭାନ୍ୱିତ କରିବା ପାଇଁ ସରକାର ପ୍ରତିବଦ୍ଧ। ଏଥିପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମୟ ସହ ତାଳଦେଇ ଆମକୁ କ୍ଷେତରେ ବିଭିନ୍ନ ନବସୃଜନ ଓ ନୂତନ ପନ୍ଥା ଆପଣେଇ କୃଷିରୁ ଭଲ ଲାଭ ପ୍ରାପ୍ତ କରିପାରିବା ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଆଜିର ସମୟରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବ୍ୟବହାର କରି ଫସଲର ତଦାରଖ କରାଯାଇପାରୁଛି। ରୋଗ ପୋକର ଆଗୁଆ ସୂଚନା ମିଳିପାରୁଛି ଏବଂ ତାପମାତ୍ରା ଅନୁଯାୟୀ ଫସଲର ନିୟନ୍ତ୍ରଣ ମଧ୍ୟ ହୋଇପାରୁଛି। ଓଡ଼ିଶାରେ ଡିଜିଟାଲ କ୍ରପ ସର୍ଭେ ମଧ୍ୟ ସାଟେଲାଇଟ ମାଧ୍ୟମରେ କରାଯାଉଛି। ଏହି ଅବସରରେ କୃଷିବାସ ନାମକ ଏକ ସଂସ୍ଥା ନିଜର ସ୍ମାର୍ଟଫୋନ ଚାଳିତ ଆପ୍ ସମ୍ବନ୍ଧୀୟ ଏକ ଉପସ୍ଥାପନା ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦର୍ଶନ କରିଥିଲେ।

## ଆତଙ୍କବାଦୀ ଆକ୍ରମଣ ନେଇ ଦିଲ୍ଲୀରେ ଆଲର୍ଟ

ନୂଆଦିଲ୍ଲୀ, ୨୧।୨

ଦିଲ୍ଲୀରେ ପୁଣିଥରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କାକୁ ନେଇ ସୁରକ୍ଷା ଏଜେନ୍ସିମାନେ ସତର୍କ ହୋଇଯାଇଛନ୍ତି। ଏହି ଗୁଇନ୍ଦା ସୂଚନା ପରେ ରାଜଧାନୀରେ ହାଇ ଆଲର୍ଟ ଘୋଷଣା କରାଯାଇଛି। କୁହାଯାଉଛି ଯେ ପାକିସ୍ତାନ ସମର୍ଥିତ ଆତଙ୍କୀ ସଂଗଠନ ଲସ୍କର-ଇ ତୋଇବା (ଏଲଇଟି) ଦିଲ୍ଲୀରେ ଆଇଇଡି ଆକ୍ରମଣର ଷଡଯନ୍ତ୍ର ରଚୁଛି।

ସୂଚନା ଅନୁସାରେ ଆତଙ୍କବାଦୀମାନଙ୍କ ନିଶାନାରେ ଐତିହାସିକ ଲାଲକିଲ୍ଲା ଅଞ୍ଚଳ ଓ ଏହାର ପାଖପାଖି ଅଞ୍ଚଳ ଥାଇପାରେ। ବିଶେଷକରି ଭିଡ଼ ଥିବା ଚାନ୍ଦିନୀ ଚୌକ ଅଞ୍ଚଳର ପ୍ରମୁଖ ମନ୍ଦିରକୁ ନେଇ ସୂଚନା ମିଳିଛି। ଯଦିଓ ଔପଚାରିକ ଭାବେ କୌଣସି ବିଶେଷ ସ୍ଥଳର ନାମ ପ୍ରକାଶ କରାଯାଇନାହିଁ, ତଥାପି ସୁରକ୍ଷା ଏଜେନ୍ସିମାନେ ସମ୍ବେଦନଶୀଳ ଧାର୍ମିକ ସ୍ଥଳମାନଙ୍କର ସୁରକ୍ଷା ବଢ଼ାଇଦେଇଛନ୍ତି।

ପୋଲିସର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ୬ ଫେବୃଆରୀରେ ପାକିସ୍ତାନର ରାଜଧାନୀ ଇସଲମାବାଦରେ ଅବସ୍ଥିତ ଟେରଲାଇ ଇମାମ ବାରଗାହରେ ଜୁମା ନମାଜ ସମୟରେ ହୋଇଥିବା ବିସ୍ଫୋରଣ ପରେ ଏହି ଆତଙ୍କୀ ସଂଗଠନ ଭାରତରେ ବଡ଼ ଘଟଣା ଘଟାଇବାର ଚେଷ୍ଟାରେ ରହିଛି। ସେହି ଆକ୍ରମଣରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ଲୋକ ଆହତ ହୋଇଥିଲେ।

## ୧ ଏପ୍ରିଲରୁ ଓଡ଼ିଶାରେ ଆରମ୍ଭ ହେବ ଏସଆଇଆର

ଭୁବନେଶ୍ୱର, ୨୧।୨
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଆସନ୍ତା ଏପ୍ରିଲ ୧ ତାରିଖରୁ ମତଦାତା ସୂଚୀରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର ଆରମ୍ଭ ହେବ । ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ସନ୍ତୁଗୋପାଳନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏଥିନେଇ ଏବେ ମ୍ୟାପିଂ ଜାରି ରହିଛି। ୨୦୦୨ ଏସଆଇଆର ତାଲିକାର ବିବରଣୀ



ଯାଞ୍ଚ କରି ଜଣାଇବାକୁ ନିବେଦନ କରିଛନ୍ତି ରାଜ୍ୟ ନିର୍ବାଚନ ଅଧିକାରୀ। ଓଡିଶାରେ କେଉଁମାନଙ୍କ ନାଁ ଇଲେକ୍ଟୋରାଲ ରୋଲରେ ରହିବ କେତେ କଟିବ ସ୍ପଷ୍ଟ ହୋଇଯିବ। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଇଲେକ୍ଟୋରାଲ କ୍ଲିନ୍ ହେବା ଦରକାର। ଓଡ଼ିଶାରେ ଏସଆଇଆର ୪ଟି ପର୍ଯ୍ୟାୟରେ ଜୁଲାଇ ମାସ ପର୍ଯ୍ୟନ୍ତ ଚାଲିବ। ଇସିଆଇ ନେଟ୍ ଆପ୍ ରେ ଘରେ ବସି ସମସ୍ତେ ଅପଡେଟ ମଧ୍ୟ ଜାଣିପାରିବେ ।

## ଭାରତ ଉପରେ ଶୁଳ୍କ ୧୦%କୁ ହ୍ରାସ: ୨୪ରୁ ଲାଗୁ ହେବ

ନୂଆଦିଲ୍ଲୀ, ୨୧।୨

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଭିନ୍ନ ଦେଶ ଉପରେ ଲଗାଇଥିବା ଶୁଳ୍କକୁ ଆମେରିକାର ସୁପ୍ରିମକୋର୍ଟ ଅସିଦ୍ଧ ଘୋଷଣା କରିଥିଲେ। ଏହି ରାୟ ପ୍ରକାଶ ପାଇବାର କିଛି ଘଣ୍ଟା ପରେ ଟ୍ରମ୍ପ ନୂଆ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହାର ପ୍ରଭାବରେ ଭାରତ ଉପରେ ଆମେରିକାର ଶୁଳ୍କ ୧୮ ପ୍ରତିଶତରୁ ହ୍ରାସ ପାଇ ୧୦ ପ୍ରତିଶତ ହୋଇଛି। ଭାରତ ଉପରେ ଟ୍ରମ୍ପ ଗତବର୍ଷ ଅଗଷ୍ଟଠାରୁ ୫୦ ପ୍ରତିଶତ ଶୁଳ୍କ ଲଗାଇଥିଲେ। ସେଥିରୁ ୨୫ ପ୍ରତିଶତ ପାଲଟା ଶୁଳ୍କ ଥିଲା ଓ ଅବଶିଷ୍ଟ ୨୫ ପ୍ରତିଶତ ରୁଷରୁ ଭାରତ ତେଲ କିଣୁଥିବାରୁ ଜରିମାନା ଭାବେ ଲଗାଯାଇଥିଲା। ତେବେ ଭାରତ ସହ ବାଣିଜ୍ୟ ରାଜିନାମା ସମ୍ପର୍କରେ ସହମତି ହୋଇଥିବା ନେଇ ଆମେରିକା ତରଫରୁ ଘୋଷଣା କରାଯିବା ସହ ଶୁଳ୍କକୁ ୧୮ ପ୍ରତିଶତକୁ ହ୍ରାସ କରାଯାଇଥିଲା। ନୂଆ ଶୁଳ୍କ ସମ୍ପର୍କରେ ଟ୍ରମ୍ପ କହିଥିଲେ ଯେ ଚଳିତ ମାସ ୨୪ ତାରିଖରୁ ତାହା ୧୫୦ ଦିନ ପାଇଁ ଲାଗୁ କରାଯାଇଛି। ଔଷଧ ଏବଂ ଆମେରିକା-ମେକ୍ସିକୋ-କାନାଡା ରାଜିନାମାରେ ଅନ୍ତର୍ଭୁକ୍ତ ସାମଗ୍ରୀ ଉପରେ ଏହି ଶୁଳ୍କ ଲାଗୁହେବ ନାହିଁ। ଏହା ବ୍ୟତୀତ ଆମେରିକାକୁ ଆମଦାନୀ କରାଯାଉଥିବା ସବୁ ସାମଗ୍ରୀ ଉପରେ ୧୦ ପ୍ରତିଶତ ଶୁଳ୍କ ଲାଗିବ ବୋଲି ଟ୍ରମ୍ପ କହିଥିଲେ। ୧୯୭୪ର ବାଣିଜ୍ୟ ନିୟମର ଧାରା ୧୨୨ରେ ଥିବା କ୍ଷମତାକୁ ଉପଯୋଗ କରି ଟ୍ରମ୍ପ ନୂଆ ଟିକସ ଲଗାଇଛନ୍ତି। ଏହି ଧାରା ରାଷ୍ଟ୍ରପତିଙ୍କୁ ୧୫ ପ୍ରତିଶତ ଟିକସକୁ ୧୫୦ ଦିନ ପର୍ଯ୍ୟନ୍ତ ଲଗାଇବାର କ୍ଷମତା ଦେଇଛି।

## ଭୁବନେଶ୍ୱରରେ ଖୋଲିବ ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର

ଭୁବନେଶ୍ୱର, ୨୧।୨
ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୧ ଏପ୍ରିଲ ୨୦୨୬ ଅର୍ଥାତ୍ 'ଓଡ଼ିଶା ଦିବସ' ଅବସରରେ ଭୁବନେଶ୍ୱରରେ ଏକ 'ଭିଏଫଏସ ଗ୍ଲୋବାଲ ଭିସା ଆପ୍ଲିକେସନ ସେଣ୍ଟର' କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଭିଏଫଏସ ଗ୍ଲୋବାଲ ଗ୍ରୁପର ପ୍ରତିଷ୍ଠାତା ତଥା ସିଇଓ ଜୁବିନ କର୍କାରିଆ ଏ ସମ୍ପର୍କରେ ସୂଚିତ କରିଛନ୍ତି ।

ଓଡ଼ିଶାରୁ ବିଦେଶକୁ ଉଚ୍ଚଶିକ୍ଷା ଓ ବ୍ୟବସାୟ ପାଇଁ ଯାଉଥିବା ଯୁବବର୍ଗଙ୍କ ସୁବିଧା ପାଇଁ ଏହି କେନ୍ଦ୍ର ଖୋଲିବା ନିମନ୍ତେ ଗତବର୍ଷ ଅର୍ଥାତ୍ ସେପ୍ଟେମ୍ବର ୨,୨୦୨୫ରେ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଡଃ ଏସ୍. ଜୟଶଙ୍କରଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଥିଲା। ଏଥିସହିତ ଭିଏଫଏସର ଗ୍ଲୋବାଲ ସିଇଓ ଜୁବିନ କର୍କାରିଆଙ୍କ ସହ ମଧ୍ୟ




ଆଲୋଚନା ହୋଇଥିଲା । ତେବେ ଭିଏଫଏସର ଗ୍ଲୋବାଲ ସିଇଓ ଏହି ପ୍ରସ୍ତାବକୁ ସ୍ୱୀକାର କରି ଭୁବନେଶ୍ୱରରେ ୧ ଏପ୍ରିଲ ୨୦୨୬ ରୁ ଭିସା ଆବେଦନ କେନ୍ଦ୍ର ଖୋଲିବା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ପତ୍ର ଲେଖି ଜଣାଇଛନ୍ତି । ସେ ଉଲ୍ଲେଖ କରିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ରରୁ ଯୁକେ ଏବଂ କେତେକ ବଛାବଛା ଦେଶ ପାଇଁ ଭିସା ଆବେଦନ ଗ୍ରହଣ କରାଯିବ। ପରବର୍ତ୍ତୀ ସମୟରେ ଚାହିଦା ଅନୁଯାୟୀ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯିବ। ଏହି କେନ୍ଦ୍ର ମାଧ୍ୟମରେ ସ୍ଥାନୀୟ ଯୁବକଯୁବତୀଙ୍କୁ ପ୍ରଶିକ୍ଷଣ ଦିଆଯାଇ ନିଯୁକ୍ତି ପ୍ରଦାନ କରାଯିବ । (ପୃଷ୍ଠା ୭ରେ)

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ୨୮ ଯାଏଁ ବୃଦ୍ଧି

ଭୁବନେଶ୍ୱର, ୨୧।୨
ନ୍ୟୁଜ୍ ବ୍ୟୁରୋ

'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ୨୦୨୫-୨୬' ଅଧୀନରେ ସମସ୍ତ ପୁରସ୍କାର ପାଇଁ ଆବେଦନର ସମୟସୀମା ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯୋଗ୍ୟ ଆବେଦନକାରୀ ଏ ସଂକ୍ରାନ୍ତ ୱେବସାଇଟକୁ ଯାଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ କରିପାରିବେ। ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ପାଇଁ ଆବେଦନରେ କୋହଳ କରାଯାଇଛି। ପୂର୍ବ କାର୍ଯ୍ୟରତ ଜିଲ୍ଲା ଓ ବ୍ଲକରେ ୩୧ ମାର୍ଚ୍ଚ, ୨୦୨୪ ଭିତରେ ଯୋଗ ଦେଇଥିଲେ ସେମାନେ ମଧ୍ୟ ଏଥିପାଇଁ ଆବେଦନ କରିପାରିବେ। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ଘୋଷଣା କରାଯାଇଛି।

### ଏକାଳ ପଖାଳ




ଆଜି ସୁପର ଏଇଟି ମ୍ୟାଚ୍
ଭାରତ ଆଫ୍ରିକା ଭେଟ
ପୂର୍ବ ଯନ୍ତ୍ରଣା ଭୂଲିନି ଆଫ୍ରିକା
ଫାଇନାଲ୍‌ର ସେ ଛାଟ
ଜିତିବାର ଖୋଜେ ବାଟ
ଜଣାପଡିଯିବ କିଏସେ ଜିତିବ
ଚାଲିବ କରିକି ଥାଟ।

## ୪୩ ବର୍ଷରେ ଶ୍ରୀମନ୍ଦିର ହୁଣ୍ଡିରେ ପଡିଛି ୫୮ କେଜିରୁ ଅଧିକ ସୁନା



ଭୁବନେଶ୍ୱର, ୨୧।୨
ନ୍ୟୁଜ୍ ବ୍ୟୁରୋ

ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସୁନାର, ରୂପା ଓ ନଗଦ ଅର୍ଥ ଦାନ କରି ଥାଆନ୍ତି। ଏହି ଦାନ ଅର୍ଥକୁ ଶ୍ରୀମନ୍ଦିର ପରିଚାଳନା କମିଟି ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ବ୍ୟାଙ୍କରେ ଜମା ରଖିଥାନ୍ତି। ୨୦୧୧-୧୨ ମସିହାରୁ ୨୦୨୪-୨୫ ମସିହା ଭିତରେ ନଗଦ ଟଙ୍କା ଆକାରରେ ହୁଣ୍ଡି ଓ ଅନ୍ୟାନ୍ୟ ଦାନ ଯୋଜନାରୁ ମୋଟ ୩୦୪ କୋଟି ୫୭ଲକ୍ଷ ୮୫ ହଜାରରୁ ଅଧିକ ଟଙ୍କା ପ୍ରାପ୍ତ ହୋଇଛି। ବିଗତ ୪୩ ବର୍ଷର ତଥ୍ୟକୁ ହିସାବକୁ ନେଲେ ୧୯୮୧-୮୨ରୁ ୨୦୨୫-୨୬ ଭିତରେ ଜଗନ୍ନାଥ ମହାପ୍ରଭୁଙ୍କ ହୁଣ୍ଡିରୁ ୫୮ କିଲୋ ୩୧୭ ଗ୍ରାମ୍ ୪୫୨ ମିଲିଗ୍ରାମ୍ ସୁନା ଓ ୧ ହଜାର ୫୮ କିଲୋ ୮୩୬ ଗ୍ରାମ୍ ରୁପା ସଂଗୃହୀତ ହୋଇଛି। ଶନିବାର ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ଧ୍ରୁବ ସାହୁଙ୍କ ଏ ସମ୍ପର୍କିତ ପ୍ରଶ୍ନର ଲିଖିତ ଉତ୍ତରରେ ଆଇନ୍ ମନ୍ତ୍ରୀ ଦର୍ଶାଇଛନ୍ତି ଯେ, ଗତବର୍ଷ ଶ୍ରୀମନ୍ଦିର ହୁଣ୍ଡିରୁ ୧୮ କୋଟି ୫୯ ଲକ୍ଷ ୨୩ ହଜାର ୭୭୦ଟଙ୍କା ଦାନ ଆକାରରେ ସଂଗ୍ରହ (ପୃଷ୍ଠା ୭ରେ)

## ୩ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

ନୂଆଦିଲ୍ଲୀ, ୨୧।୨



ସାରା ଦେଶରେ ଗ୍ରୀଷ୍ମ ଋତୁ ଆସିସାରିଛି। ବର୍ତ୍ତମାନ ସୂର୍ଯ୍ୟ କିରଣ ଧୀରେ ଧୀରେ ପ୍ରଚଣ୍ଡ ହେଉଥିବାରୁ ଗରମ ଅନୁଭୂତ ହେଉଛି। ଏହି ସମୟରେ, ଦିଲ୍ଲୀ, ପଞ୍ଜାବ ଏବଂ ହରିୟାଣାରେ ବର୍ଷା ପରେ, ଅନ୍ୟ ରାଜ୍ୟକୁ ବର୍ଷା ନେଇ ସତର୍କ କରାଯାଇଛି । ବର୍ତ୍ତମାନ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ପାଣିପାଗ ବିଭାଗ ମଧ୍ୟ ଝଡ଼ ପବନ ଏବଂ ବଜ୍ରପାତର ଆକଳନ କରିଛି। ଏହି ସମୟରେ, ପଶ୍ଚିମା ପବନ ଯୋଗୁଁ, ଉତ୍ତର ଭାରତର ରାଜ୍ୟଗୁଡ଼ିକ ସକାଳ ଏବଂ ସନ୍ଧ୍ୟାରେ ହାଲୁକା ଥଣ୍ଡା ଅନୁଭବ କରିବେ।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ରବିବାର ଆଉ ଏକ ଶକ୍ତିଶାଳୀ ପଶ୍ଚିମ ବାୟୁମଣ୍ଡଳ ସକ୍ରିୟ ହେବାର ଆଶା କରାଯାଉଛି। ଏକ ପଶ୍ଚିମ ବାୟୁମଣ୍ଡଳ ଏବେ ଉତ୍ତର-ପଶ୍ଚିମ ବିହାରରୁ ଦକ୍ଷିଣ-ପଶ୍ଚିମ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବିସ୍ତାରିତ ହେଉଛି, ଯାହା ପୂର୍ବ ଉତ୍ତର ପ୍ରଦେଶ (ପୃଷ୍ଠା ୭ରେ)

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଫେବୃୟାରୀ, ୨୦୨୬ ରବିବାର





# ଜନତାଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ନ ହେବା ଉପରେ ଗୁରୁତ୍ୱାରୋପ



**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଆଳିପିଙ୍ଗଳ ବାଲିଗାଁ ଠାରେ ଜାତୀୟ ମାନବର ସାମାଜିକ ନ୍ୟାୟ ପରିଷଦର ଜିଲା ଶାଖା ପକ୍ଷରୁ ଜିଲ୍ଲା ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲା ସଭାପତି ଚନ୍ଦ୍ରକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପରିଷଦର ମୁଖ୍ୟ ଉପଦେଷ୍ଟା ଆଇନଜୀବୀ ଅନ୍ତର୍ଯ୍ୟାମୀ ବଡୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଜାତୀୟ ସାଧାରଣ ସମ୍ପାଦକ ସମୀମ୍ ଆରା ମୁସ୍ତାଫା, ସମ୍ମାନନୀୟ ଅତିଥି ଭାବେ ରାଜ୍ୟ ଚେୟାରମ୍ୟାନ ଡକ୍ଟର ସୂର୍ଯ୍ୟମଣି ରାଉତ, ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଡକ୍ଟର ସୌଦାମିନୀ ଦାଶ, ଯୋଗଦେଇ ଲୋକମାନଙ୍କର ମୌଳିକ ଅଧିକାର କିଭଳି କ୍ଷୁର୍ଣ୍ଣ ନହେବ ପାଇଁ ସଂଗଠନ ତତ୍ପର ରହିବା ସହିତ ଜଗସିଂହପୁର ଜିଲ୍ଲାରେ ସଂଗଠନକୁ ସୁଦୃଢ଼ କରିବା ସହିତ ସାଧାରଣ ଜନତାଙ୍କ ସେବାକୁ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ । ଏହି ବୈଠକରେ ଅନ୍ୟତମ ସମ୍ମାନୀୟ ଅତିଥି ଭାବେ ବାଲେଶ୍ୱର ଜିଲା ସଭାପତି ବିଶ୍ୱଜିତ ବେହେରା, ଯାଜପୁର ଜିଲା ସଭାପତି ଆଶିଷ ରାଉତ, ପୁରୀ ସଭାପତି ଜୟଶ୍ରୀ ପାତ୍ର,ବୀଣା ଷଡଙ୍ଗୀ,ଖୋର୍ଦ୍ଧା ସଭାପତି ଦୀନବନ୍ଧୁ ନାୟକ, ଝିଲିରାଣୀ ଜେନା, କଟକ ସଭାପତି ମିଂକୁ ବେଗମ, ରାଜ୍ୟ ସଭାପତି ଶ୍ରଦ୍ଧାଞ୍ଜଳୀ ଦାସ, ସଂପାଦକ ନୃସିଂହ ଚରଣ ମାନସିଂ, ସାଧାରଣ ସଂପାଦକ ପ୍ରଦୀପ୍ତ କୁମାର ନାୟକ, ବ୍ରହ୍ମପୁରର ଡ଼ଃ ଟି. ବିଜୟ ରାଓ,ରଘୁନାଥପୁର ବ୍ଲକ ସଭାପତି ଧନଞ୍ଜୟ ମଲ୍ଲିକ, ବିରିଡି ବ୍ଲକ ସଭାପତି ଆଇନଜୀବୀ ଜିତେନ ବେହେରା, ବାଲିକୁଦା ବ୍ଲକ ସଭାପତି ରମେଶ ଦାଶ, ଜିଲା ସାଧାରଣ ସଂପାଦକ ରଞ୍ଜନ କୁମାର ଲେଙ୍କା, ମୁଖ୍ୟ ଉପଦେଷ୍ଟା କଲ୍ୟାଣ ସେନ, ଜଗତସିଂହପୁର ସୁଚିସ୍ମିତା ଦାସ,ନାଉଗାଁ ବ୍ଲକକିଶୋର ବେହେରା, ଏରସମା ସଭାପତି ଚନ୍ଦ୍ରକାନ୍ତ ଦାସ, ତିର୍ତ୍ତୋଲ ସଭାପତି ରିଆସତ୍ ଉଲ୍ଲା, କୁଜଙ୍ଗ ବ୍ଲକ ସଭାପତି ବିଜୟ କୁମାର ବିଶ୍ୱାଳ, ନିଆଳି ବ୍ଲକ ସଭାପତି ଲକ୍ଷ୍ମୀପ୍ରିୟା ଦାସ, ଦିପ୍ତିରେଖା ସାହୁ ଯୋଗଦେଇଥିଲେ । ସମାଜସେବୀ ଭଗବାନ ସ୍ୱାଇଁ ମଞ୍ଚ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଲିଗାଲ ଆଡଭାଇଜର ଆଇନଜୀବୀ ପ୍ରମିଳା ମହାରାଣ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ । ମୁଖ୍ୟଅତିଥି ସମସ୍ତ ରାଜ୍ୟ ଓ ବ୍ଲକ କାର୍ଯ୍ୟକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ରାଜ୍ୟର ବିଭିନ୍ନ ଜିଲା ଓ ବ୍ଲକର କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣ ଯୋଗଦେଇଥିଲେ ।

# ବଳକା ଖାଦ୍ୟଖାଇ ମୋବାରକପୁର ଆଦିବାସୀ ଲୋକେ ଅସୁସ୍ଥ, ସାହିରେ ମେଡିକାଲ ଦଳ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ମୋଚାରକପୁର ଗେଙ୍ଗୁଟିଆ ଆଦିବାସୀ ବସ୍ତି ବାସିନ୍ଦା ବଳକା ଭୋଜି ଖାଦ୍ୟ ସେବନ କରି ମଙ୍ଗଳବାର ଅସୁସ୍ଥ ହୋଇପଡିଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ଆକ୍ରାନ୍ତ ଅର୍ଜୁନ ମୁଣ୍ଡା(୬୧ ) ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଆକ୍ରାନ୍ତ ହୋଇଥିବା ଅର୍ଜୁନ ପତ୍ନୀ ଶକୁନ୍ତଳା,ଚିକିତ୍ସିତ ହୋଇ ଘରକୁ ବୁଧବାର ଫେରିଥିବା ଜଣାଯାଇଛି । ଆକ୍ରାନ୍ତ ହୋଇଥିବା ଗ୍ରାମର ଅନ୍ୟ ୧୮ ଜଣ କ୍ରମେ ସୁସ୍ଥ ହେଉଛନ୍ତି । ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡାକ୍ତର ସରୋଜ କୁମାର ରାଉଳ ସୂଚନା ଦେଇଛନ୍ତି । ଡାକ୍ତର ରାଉଳଙ୍କ ନେତୃତ୍ୱରେ ଡା. ଆଦିତ୍ୟ କୁମାର ସାହୁ, ବିପିଏମ ଇଣ୍ଡରେଖ ପୃଷ୍ଟି ପ୍ରମୁଖ ଗ୍ରାମକୁ ଯାଇ ଆକ୍ରାନ୍ତଙ୍କୁ ଚିକିତ୍ସା କରିବା ସହ ବିଚିଂ ପାଉଡର ଦ୍ୱାରା ଶୋଧନ ବ୍ୟବସ୍ଥା କରିଥିଲେ । ନଳକୂପ ଆଦି ପାନୀୟ ଜଳ ଉତ୍ସଗୁଡିକୁ ମଧ୍ୟ ବିଶୋଧନ କରାଯାଇଛି । ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ପାର୍ଥସାରଥ ନାୟକ ଆଦିବାସୀ ବସ୍ତିକୁ ଆସି ପରିସ୍ଥିତି ଅନୁଧ୍ୟାନ କରିବା ସହ ଆକ୍ରାନ୍ତଙ୍କ କାରଣ, ସ୍ୱାସ୍ଥ୍ୟବସ୍ଥା ଓ ଚିକିତ୍ସା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ସାହିରେ ମେଡିକାଲ ଦଳ ମୁତୟନ ରହିଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ପାଟୁଳିର ଜନୈକ ବ୍ୟକ୍ତି ସୋମବାର ଭୋଜିର ବଳକା ଖାଦ୍ୟ ଆଦିବାସୀ ବସ୍ତି ଲୋକଙ୍କୁ ବିତରଣ କରିଥିଲେ । ଏହି ଖାଦ୍ୟ ଗ୍ରହଣ କରିବା ପରେ ସାହିର ବହୁ ଲୋକ ଆକ୍ରାନ୍ତ ହୋଇ ମଙ୍ଗଳବାର ଅପରାହ୍ନରୁ ପେଟ କାଟିବା, ନାଳଝାଡ ହେବା ଭଳି ରୋଗରେ ପୀଡିତ ହୋଇଥିଲେ । ସେମାନଙ୍କ ମଧ୍ୟରୁ କେତେକ ମେଡିକାଲରେ ଚିକିତ୍ସା ପାଇଁ ଭର୍ତି ହୋଇଥିଲେ । ମଙ୍ଗଳବାର ସନ୍ଧ୍ୟାରୁ ଗ୍ରାମ୍‌ରେ ସ୍ଥାନୀୟ ମେଡିକାଲ ଦଳ ପହଂଚି ଚିକିତ୍ସା ଆରମ୍ଭ କରିଥିଲେ । ବୁଧବାର ସ୍ଥିତିରେ ସୁଧାର ଆସିଥିବା ଜଣାଯାଇଛି ।

# ଭିନ୍ନକ୍ଷମଙ୍କ ଅଧିକାର ସୁରକ୍ଷା ଆଇନର ସଚେତନତା କାର୍ଯ୍ୟକ୍ରମ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ଅଧିକ ପ୍ରୋତ୍ସାହନ ଆବଶ୍ୟକ ହେଉଥିବା ବ୍ୟକ୍ତିଙ୍କ ପାଇଁ 'ଭିନ୍ନକ୍ଷମ ବ୍ୟକ୍ତିଙ୍କ ଅଧିକାର ସୁରକ୍ଷା ଆଇନ,୨୦୧୬ 'ଅନୁଯାୟୀ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭିନ୍ନକ୍ଷମ କମିଶନର ବ୍ରତତି ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମଜନଙ୍କ ଅଧିକାର, ସରକାରୀ ସୁବିଧା ଓ ବିଭିନ୍ନ ସହାୟତାମୂଳକ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସେ ଉଚ୍ଚ ସମର୍ଥନ ଯୋଗ୍ୟ ଗୋଷ୍ଠୀଙ୍କ ପରିଚୟ ଓ ସମଗ୍ର ସହାୟତା ପ୍ରଦାନରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉଲ୍ଲେଖ କରିଥିଲେ । କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ । ସେ ଭିନ୍ନକ୍ଷମଙ୍କ ପାଇଁ ସମନ୍ୱିତ ସେବା ପ୍ରଦାନ, ସମାବେଶୀ ଉନ୍ନତି ଓ ସମାଜରେ ସମାନ ସୁଯୋଗ ସୃଷ୍ଟିରେ ପ୍ରଶାସନର ଅତୁଟ ସଙ୍କଳ୍ପକୁ ପୁନରୁଚ୍ଚାରଣ କରିଥିଲେ । ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଉପଜିଲ୍ଲାପାଳ ନୀଳଗିରି ଶୁଭଶ୍ରୀ ରଥ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ଆଶା କର୍ମୀ ଓ ଜିଲ୍ଲାର ଅନ୍ୟାନ୍ୟ ବିଭାଗୀୟ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ରିସୋର୍ସ ପର୍ସନ ଭାବେ ରାମ କିଶୋର ଶର୍ମା ଏବଂ ଏସଏସଇପିଡି ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସୀ ବେହେରା ସହିତ ଅନ୍ୟମାନେ ଆରପିଡବ୍ଲୁଡି ଆଇନ–୨୦୧୬ ଅନୁଯାୟୀ ହାଇ ସପଟ୍ ଗ୍ରୁପଙ୍କ ପରିଚୟ, ମୂଲ୍ୟାୟନ ପ୍ରକ୍ରିୟା ଓ ସରକାରୀ ସହାୟତା ବ୍ୟବସ୍ଥା ବିଷୟରେ ବିସ୍ତୃତ ଅଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଭିନ୍ନକ୍ଷମଜନଙ୍କ ସାମାଜିକ ସୁରକ୍ଷା, ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରୀ ଓ ସଚେତନତା ବୃଦ୍ଧି ଉପରେ ବିଶେଷ ଜୋର ଦିଆଯାଇଥିଲା । ଶେଷରେ ସମନ୍ୱିତ ପ୍ରୟାସ ଓ ସଚେତନତା ମାଧ୍ୟମରେ ଉଚ୍ଚ ସମର୍ଥନ ଗୋଷ୍ଠୀଙ୍କ ଜୀବନମାନ ଉନ୍ନତି କରିବାକୁ ସମସ୍ତଙ୍କ ମଧ୍ୟରେ ସଙ୍କଳ୍ପ ଗ୍ରହଣ କରାଯାଇଥିଲା ।

# ଜିଲ୍ଲା ସଂଗ୍ରହାଳୟ ସୁପରିଚାଳନା ଓ ସଂରକ୍ଷଣ ନେଇ ଆଲୋଚନା



**ବୌଦ୍ଧ,ନ୍ୟୁଜ ବ୍ୟୁରୋ**

ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଥିବା ଜିଲ୍ଲା ସଂଗ୍ରହାଳୟର ସୁପରିଚାଳନା ଓ ସଂରକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଅଧକ୍ଷତାରେ ବୌଦ୍ଧର ବୁଦ୍ଧିଜୀବୀ, ନାଗରିକ, ଆଇନଜୀବୀ ମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମ୍ୟୁଜିୟମରେ ନିୟୋଜିତ ଅସ୍ଥାୟୀ କର୍ମଚାରୀ ମାନଙ୍କ ଦରମା, ମ୍ୟୁଜିୟମରେ ସଂଗୃହିତ ସାମଗ୍ରୀର ରକ୍ଷଣାବେକ୍ଷଣ ଓ ସଂରକ୍ଷଣ ନିମନ୍ତେ ଆବଶ୍ୟକ ପାଣ୍ଠି ସଂଗ୍ରହ, ସରକାରଙ୍କୁ ମ୍ୟୁଜିୟମ ହସ୍ତାନ୍ତର ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା । ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଦିପ କୁମାର ଅମାତ, ବୌଦ୍ଧଗଡ଼ ପୌରପରିଷଦ ଅଧକ୍ଷ ମୃତ୍ୟୁୟ ମିଶ୍ର, ତାରେଣୀ ମହାପାତ୍ର, ବିପ୍ର ଚରଣ ମହାନ୍ତି, ବିଶ୍ୱେଶ୍ୱର ପୃଷ୍ଟି, ବସନ୍ତ କୁମାର ସାହୁ, ନୀଳ ଲୋହିତ ମହାପାତ୍ର, ସୁମନ ଷଡ଼ଙ୍ଗୀ ନିଜ ନିଜ ମତାମତ ବ୍ୟକ୍ତ କରିଥିଲେ । ଏହି ବୈଠକରେ ବରିଷ୍ଠ ଆଇନଜୀବୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସଭା ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ସ୍ୱାଗତ କରିଥିବାବେଳେ ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅଙ୍କିତା ସାହୁ ଜିଲ୍ଲା ସଂଗ୍ରହାଳୟର ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ ।

# ପ୍ରବାସୀ ଶ୍ରମିକମାନଙ୍କ ସମସ୍ୟା ଏବଂ ସୁବିଧା ନେଇ ସଚେତନତା



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧ ପକ୍ଷରୁ ତେଲିବନ୍ଧ ଗ୍ରାମ ପଞ୍ଚାୟତର ଚନ୍ଦ୍ରପୁର ଗ୍ରାମର ଗୋଷ୍ଠୀକେନ୍ଦ୍ର ଠାରେ ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ସୁବିଧା ଉପରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ, ବୌଦ୍ଧର ଅଧକ୍ଷ ପ୍ରତାପ କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏବଂ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରମ ଅଧିକାରୀ ସୁଶ୍ରୀ କନ୍ୟା କୁମାରୀ ସାହୁ ଉପସ୍ଥିତ ରହି ପ୍ରବାସୀ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଓ ସୁବିଧା ସମ୍ପର୍କରେ ଅବଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ତେଲିବନ୍ଧ ଗ୍ରାମ ପଂଚାୟତର ବିଭିନ୍ନ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏଥିରେ ଉପସ୍ଥିତ ଥିବା ଅଧିକାରୀଗଣ ପ୍ରବାସୀ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ଏବଂ ତାହାର ସମାଧାନ, ସରକାରଙ୍କ ଦ୍ୱାରା ସେମାନଙ୍କ ପାଇଁ ମିଳୁଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ।

# ଓଡ଼ିଶାରେ ସିଏଚଏସଇ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡିଶା ଦ୍ୱାରା ଆୟୋଜିତ ବାର୍ଷିକ ଯୁକ୍ତ ଦୁଇ ପରୀକ୍ଷା ବୁଧବାରରୁ ଆରମ୍ଭ ହୋଇଛି । ଏହି ବର୍ଷ ପରୀକ୍ଷାର ଆୟୋଜନରେ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ପ୍ରଶ୍ନପତ୍ର ହବ୍‌ରେ ଏଆଇ ସକ୍ଷମ ସିସିଟିଭି ନିରୀକ୍ଷଣ ମଧ୍ୟ ସମ୍ମିଳିତ ଅଛି ।

ପରିଷଦର ଅଧିକାରୀମାନଙ୍କ କହିବା ଅନୁସାରେ, ପ୍ରଥମଥର ପାଇଁ ପ୍ରଶ୍ନପତ୍ର ହବ୍‌କୁ ଏଆଇ କ୍ୟାମେରା ଏବଂ ସିସିଟିଭି ପ୍ରଣାଳୀ ମାଧ୍ୟମରେ ସିଧାସଳଖ ପରିଷଦର ନିୟନ୍ତ୍ରଣରେ ମନିଟରିଂ କରାଯାଉଛି । ଅଧିକାରୀମାନେ କହିଛନ୍ତି ଯେ, ପ୍ରଶ୍ନପତ୍ରଗୁଡିକୁ ହବ୍‌ରୁ ସଂଗ୍ରହ କରାଯାଇଥିବା ସମୟରୁ ଆରମ୍ଭ କରି ପରୀକ୍ଷା କେନ୍ଦ୍ରରେ ଖୋଲାଯାଇବା ପର୍ଯ୍ୟନ୍ତ ଲାଇଭ୍ ଷ୍ଟ୍ରିମିଂ କରାଯାଉଛି, ଯାହାଦ୍ୱାରା ପରୀକ୍ଷା ପ୍ରକ୍ରିୟା ପାରଦର୍ଶୀ, ନିରପେକ୍ଷ ଏବଂ ଶୃଙ୍ଖଳାବଦ୍ଧ ରହିପାରିବ ।

ପରୀକ୍ଷାର ନିରୀକ୍ଷଣକୁ ଆହୁରି ମଜବୁତ କରିବା ପାଇଁ ପାଞ୍ଚଟି ସ୍ତରରେ ୧୦୨ଟି ଫ୍ଲାଇଂ ସ୍କ୍ୱାଡ୍ ନିଯୁକ୍ତ କରାଯାଇଛି । ଏହି ବର୍ଷ ମୋଟ ୪,୦୧,୬୨୩ ଜଣ ଛାତ୍ରଛାତ୍ରୀ ଯୁକ୍ତ ଦୁଇ ପରୀକ୍ଷାରେ ପରୀକ୍ଷା ଦେଉଛନ୍ତି । ପରୀକ୍ଷା ୨୮ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଅଧିକାରୀମାନେ କହିଛନ୍ତି ଯେ, ଏହି ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାମାନଙ୍କ ଉଦ୍ଦେଶ୍ୟ ପରୀକ୍ଷାର ସତ୍ୟନିଷ୍ଠା ଏବଂ ନିରପେକ୍ଷତାକୁ ସୁନିଶ୍ଚିତ କରିବା ।

# ସୁବର୍ଣ୍ଣପୁର ରିଜର୍ଭ ପଡ଼ିଆଠାରେ ଦୀକ୍ଷାନ୍ତ ସମାରୋହ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ରିଜର୍ଭ ପଡ଼ିଆଠାରେ ନୂତନ ନିଯୁକ୍ତି ପାଇଥିବା ହୋମ ଗାର୍ଡଙ୍କୁ ନେଇ ଦିକ୍ଷାନ୍ତ ସମାରୋହ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସୁବର୍ଣ୍ଣପୁର ଏସପି ନାରାୟଣ ନାଏକ ଯୋଗ ଦେଇ ଦୀର୍ଘ ଏକ ମାସର ପ୍ରଶିକ୍ଷଣ ପରେ ପ୍ରାରମ୍ଭିକ ପରୀକ୍ଷାରେ ଖୁବ ଭଲ ଭାବେ ଉତ୍ତୀର୍ଣ୍ଣ ହୋଇଛନ୍ତି ହୋମ ଗାର୍ଡ ବୋଲି କହି ଆଜି ନିଜ ନିଜ କର୍ମ କ୍ଷେତ୍ରକୁ ଯାଇ ଲୋକଙ୍କ ପାଇଁ ସମାଜ ମଙ୍ଗଳ ପାଇଁ ସେବା କରି ପୋଲିସର ଗୌରବ ବଢାଇ ବାକୁ ପରାମର୍ଶ କରିଥିଲେ । ଜିଲ୍ଲା ପୋଲିସ୍‌କୁ ସବୁଠୁ ଅଧିକ ସହଯୋଗ କରନ୍ତି ଆପଣଙ୍କ ହୋମଗାର୍ଡ । ସମାଜର ସବୁ ବର୍ଗର ଲୋକଙ୍କୁ ସେବା ଓ ସୁରକ୍ଷା ଦେବାରେ ଆପଣଙ୍କ ଭୂମିକା ଗୁରୁତ୍ୱ ପୂର୍ଣ୍ଣ, କାରଣ ହୋମାଗର୍ଡ ଗାଁ ର କୋଣ ଅନୁକୋଣରେ ପରିଚିତ ବୋଲି ଏସପି ଶ୍ରୀ ନାଏକ କହିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡ଼ ନୃପ ରାଜ ସାହୁ ଯୋଗ ଦେଇ ଜିଲ୍ଲା ପୋଲିସ୍ ଓ ନୂତନ ହୋମ ଗାର୍ଡ ଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ତମ ଅତିଥି ଭାବେ ଅତିରିକ୍ତ ଏସପି କେ. ହରି ପ୍ରସାଦ, ପ୍ରତାପ ରଣା, ଡି ଏସ ପି ରେଣୁକା ସୁନା, ଚନ୍ଦ୍ର ଶେଖର ଶବର, ପୋଲିସ କନେଷ୍ଟବଲ ଆସୋସିଏସନ୍ ସଭାପତି କୁମୁଦ ରଂଜନ ମେହେର, ସଂପାଦକ ରଞ୍ଜିତ ପଧାନ ଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ପୋଲିସ ଅଧିକାରୀ ଯୋଗ ଦେଇଥିଲେ ।

# ଡାକ୍ତରଙ୍କ ବଦଳିକୁ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧଜିଲ୍ଲା ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ସପ୍ତାହେ ତଳେ ଯୋଗଦାନ କରିଥିବା ଦୁଇ ଡାକ୍ତରଙ୍କ ବଦଳିକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା । ମିଳିଥିବା ସୂଚନା ଅନୁଯାୟୀ ଗତ ସପ୍ତାହେ ତଳେ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଶିଶୁ ରୋଗ ବିଶେଷଜ୍ଞ ଓ ଜଣେ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞ ଯୋଗଦାନ କରିଥିଲେ । ଫଳରେ ବହୁ ଦିନରୁ ଡାକ୍ତର ନିଯୁକ୍ତି ପାଇଁ ଦାବି କରୁଥିବା ସ୍ଥାନୀୟ ଜନ ସାଧାରଣଙ୍କ ମନରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ମାତ୍ର ଉଭୟ ଡାକ୍ତର ଯୋଗଦାନ କରିବାର ସପ୍ତାହେ ମଧ୍ୟରେ ସିଡିଏମଓ ଉଭୟଙ୍କୁ ବୌଦ୍ଧ ଡାକ୍ତର ଖାନାକୁ ବଦଳି କରିଥିଲେ । ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣିବା ପରେ ଡାକ୍ତରଖାନା ଆସି ବିକଳ୍ପ ବ୍ୟବସ୍ଥା ହୋଇନଥିବା ସତ୍ୱେ ଉଭୟ ବିଶେଷଜ୍ଞ ଡାକ୍ତରଙ୍କୁ କାହିଁକି ରିଲିଭ କରାଗଲା ବୋଲି ଡାକ୍ତରଖାନା ଅଧୀକ୍ଷକ ମହେନ୍ଦ୍ର କୁମାର ସଏଙ୍କୁ ପ୍ରଶ୍ନ କରିଥିଲେ । ବାରମ୍ବାର ବଦଳି ହେଉଥିଲେ ମଧ୍ୟ କିଛିଦିନ ପରେ ପୁଣି ଏଠାକୁ ବଦଳିହୋଇ ଆସି ସଏ ମନମୁଣ୍ଡା ଡାକ୍ତରଖାନାରେ ଦୀର୍ଘ ୨୦ ବର୍ଷ ହେଲା ଆସ୍ଥାନ ଜମାଇ ନୂତନ ଭାବରେ ଆସୁଥିବା ଡାକ୍ତରଙ୍କୁ ଉପରିସ୍ଥ ଅଧିକାରୀଙ୍କୁ ଧରି ବଦଳି କରାଉଥିବା ଅଭିଯୋଗ କରିଥିଲେ । ଅଧୀକ୍ଷକଙ୍କ ବଦଳି ଓ ବିଶେଷଜ୍ଞ ଡାକ୍ତର ପଦବୀ ପୁରଣ କରାନଗଲେ ସ୍ଥାନୀୟ ଲୋକେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ।

# ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶ୍ୱେତଗଙ୍ଗା' ଉନ୍ମୋଚିତ



**ଯାଜପୁର,ନ୍ୟୁଜ ବ୍ୟୁରୋ**

ଯାଜପୁର ବ୍ଲକ୍ ଅନ୍ତର୍ଗତ କଲେଜ ଛକ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସଭାରେ ବିଦ୍ୟାଳୟର ସଭାପତି ଗଣେଶ୍ୱର ସାମନ୍ତଙ୍କ ଅଧକ୍ଷତାରେ ପରିଚାଳିତ ମଞ୍ଚରେ ପ୍ରଧାନ ଆଚାର୍ଯ୍ୟ ଅରୁଣ କୁମାର ଦୋବାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ମୁଖ୍ୟ ଅତଥିଭାବେ ଫକିରମୋହନ ମହାବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି କୁମରବର ଦାସ, ମୁଖ୍ୟବକ୍ତା ଭାବେ ଉତ୍ତର ପୂର୍ବ ସମ୍ଭାଗ ସଭାପତି ଶିବ ନାରାୟଣ ସିଂହ ଯୋଗ ଦେଇ ଥିଲେ । ବିଦ୍ୟାଳୟର ଛାତ୍ର ଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ଏହି ଉଦଘାଟନୀ ସଭାରେ ସମ୍ପାଦକ ଡ ନିତ୍ୟାନନ୍ଦ ମିଶ୍ର, ଯୁଗ୍ମ ସମ୍ପାଦକ ସମୀର ରଞ୍ଜନ ନାୟକ ଓ ଉପସଭାପତି ଗିରିଧାରୀ ନନ୍ଦ ଉପସ୍ଥିତ ଥିଲେ । ସଭା କାର୍ଯ୍ୟ ପ୍ରାରମ୍ଭରେ ବିଦ୍ୟାଳୟର ବାର୍ଷିକ ପତ୍ରିକା 'ଶ୍ୱେତ ଗଙ୍ଗା' ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । ପରିଶେଷରେ ସହ ପ୍ରଧାନ ଆଚାର୍ଯ୍ୟ ସଞ୍ଜୀବ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ମଞ୍ଚର ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମଞ୍ଚ ସଂଯୋଜନା ସୁସ୍ମିତା ଦାଶଙ୍କ ସହ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସେବକ, ସେବିକା ସଭା ପରିଚାଳନାରେ ସହଯୋଗ କରିଥିଲେ ।

# ଜଳେଶ୍ୱରରେ ୨୧ ପ୍ରଜାତିର ଭିନ୍ନକ୍ଷମ ଚିହ୍ନଟ



**ଜଳେଶ୍ୱର,ନ୍ୟୁଜ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ପଞ୍ଚାୟତ ସମିତିର ଚତୁର୍ଦ୍ଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଶାତିଆ ସରକାରୀ ଉପା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜଳେଶ୍ୱର ବ୍ଲକ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ସୁଜିତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିବା ବେଳେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ, ପଞ୍ଚାୟତ ସମିତି ଅଧକ୍ଷ ମାନସ କୁମାର ଜେନା, ଉପାଧକ୍ଷ ସଞ୍ଜିତା ସେନାପତି, ସାଂସଦଙ୍କ ପ୍ରତିନିଧ ବ୍ରଜମୋହନ ପ୍ରଧାନ ଏବଂ ବ୍ଲକର ବିଭିନ୍ନ ବିଭାଗରେ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ହୋଇ ଚିହ୍ନଟ ପ୍ରକ୍ରିୟାକୁ ପରିଚାଳନା କରିଥିଲେ । ଶିବିରରେ ୨୧ ପ୍ରକାରର ଭିନ୍ନକ୍ଷମ ହିତାଧିକାରୀ ମାନଙ୍କୁ ଚିହ୍ନଟ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ବିଡିଓ ସୂଚନା ଦେଇଛନ୍ତି । ବିଶେଷଜ୍ଞ ଚିକିତ୍ସାକାରୀ ମାନେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିବା ବେଳେ କଣ୍ଠ, ନାସା, ଗଳା, ମାନସିକ ଅନଗ୍ରସର ବିଭାଗରେ ୬୮ ଜଣ, ଦୃଷ୍ଟିବାଧିତ ବିଭାଗରେ ୬୧ ଜଣ, ଅସ୍ଥି, ଶଲ୍ୟ ରକ୍ତହୀନତା ସ୍ନାୟୁ ଆଘାତ ଜନିତ ବିଭାଗରେ ୨୫୩ ଜଣ ମୋଟ ୩୮୨ ଜଣ ଭିନ୍ନକ୍ଷମ ହିତାଧିକାରୀ ନାମ ପଞ୍ଜୀକରଣ କରିଥିଲେ ଓ ଶାନ୍ତି ଶୃଙ୍ଖଳା ସହ ଶେଷ ହୋଇଥିଲା ।୦

# ଯୁଗଯାତ୍ରୀ ସାହିତ୍ୟ ସଂସଦର ସାହିତ୍ୟିକମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ସ୍ଥାପନ ପାଇଁ ଅଭିଯାନ



**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ସାହିତ୍ୟ ଅନୁଷ୍ଠାନର ତୃତୀୟ ଦିବସରେ ସୁବର୍ଣ୍ଣପୁର ଜିଲ୍ଲାରେ ଏକକ ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଛି । ପ୍ରଥମେ ସୁବର୍ଣ୍ଣପୁର ଜିଲ୍ଲାପାଳ ଡକ୍ଟର ନୃପରାଜ୍ ସାହୁଙ୍କୁ ଏକକ ଅଭିଯାତ୍ରୀ, ଯୁଗଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ ସାକ୍ଷାତ୍ କରିବା ପରେ ବୀର ମହାରାଜପୁରରେ ଥିବା ସପ୍ତଦୀପା ସାହିତ୍ୟ ସଂସଦକୁ ଯାଇ ଉକ୍ତ ଅନୁଷ୍ଠାନର ସଭାପତି ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ସହ ସାକ୍ଷାତ ଓ ଆଲୋଚନା କରିଥିଲେ । ସୁବର୍ଣ୍ଣପୁର ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମହାନଦୀ ସାହିତ୍ୟ ସଂସଦର ସଭାପତି ଡ଼. ସୌରଭ ରଂଜନ ଖମାରୀ ଓ ସମ୍ପାଦକ ଲକ୍ଷ୍ମୀ ନାରାୟଣ ସାହୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିବା ପରେ ଶ୍ରୀ ସାହୁ ଏହି ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପରେ ସଭାପତି ଶ୍ରୀ ଖମାରୀ ଏହା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଏବଂ ଓଡ଼ିଶାରେ ପ୍ରଥମ ଥର ପାଇଁ ଯୁଗଯାତ୍ରୀ ସାହିତ୍ୟ ସଂସଦ ତିରିଶ ଜିଲ୍ଲାର ସାହିତ୍ୟ ଅନୁଷ୍ଠାନକୁ ସମ୍ପର୍କ ଅଭିଯାନ କରୁଥିବା କହିଥିଲେ । ସେ ମଧ୍ୟ ଉଲ୍ଲେଖ କରିଥିଲେ ଯେ ଓଡ଼ିଶାର ସାହିତ୍ୟ ଅନୁଷ୍ଠାନ ଓ ସାହିତ୍ୟକଙ୍କ ମଧ୍ୟରେ ଏହା ଏକ ନିବିଡ଼ ସମ୍ପର୍କ ତିଆରି କରିବ । ପରେ ଏହି ଅନୁଷ୍ଠାନର ସମସ୍ତ ତଥ୍ୟ ଲିଖିତ ଆକାରରେ ଶ୍ରୀ ସାହୁଙ୍କୁ ସଭାପତି ଓ ସଂପାଦକ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶ୍ରୀ ସାହୁ ମହାନଦୀ ସାହିତ୍ୟ ସଂସଦର ବିଭିନ୍ନ ନିଆରା କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଥିଲେ । ମହାନଦୀ ସାହିତ୍ୟ ସଂସଦର ପୂର୍ବତନ ସଭାପତି ଓ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାହୁ ଏହି ଅଭିଯାନ ଆଗକୁ କିଭଳି ଆହୁରି ସୁନ୍ଦର ଏବଂ ସଂଗଠିତ ହୋଇ ପାରିବ ସେ ଦିଗରେ ଗଠନମୂଳକ ପ୍ରସ୍ତାବମାନ ରଖିଥିଲେ । କବି ନରେନ୍ଦ୍ର କୁମାର ଭୋଇ ଏବଂ ଯୁବ ଗାଳ୍ପିକ ଅବକାଶ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅଭିଯାନରେ ଓଡ଼ିଶାର ତିରିଶ ଗୋଟି ଜିଲ୍ଲା ରେ ଥିବା ସାହିତ୍ୟ ଅନୁଷ୍ଠାନ ଗୁଡ଼ିକୁ ସାରସ୍ୱତ ସମ୍ପର୍କର ଏକସୂତ୍ରରେ ବାନ୍ଧିବାର ପ୍ରୟାସ ତଥା ସାହିତ୍ୟ ଅନୁଷ୍ଠାନ ଗୁଡ଼ିକର ତଥ୍ୟ ସଂଗ୍ରହ ପୂର୍ବକ 'ଓଡ଼ିଶାର ସାହିତ୍ୟ ଅନୁଷ୍ଠାନ: ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିକୁ ଅବଦାନ' ଶୀର୍ଷକରେ ଏକ ପୁସ୍ତକ ପ୍ରକାଶ କରିବାର ଯୋଜନା ରହିଥିବା କହିଥିଲେ ଏକକ ଅଭିଯାତ୍ରୀ ଯୁଗ ଯାତ୍ରୀ ସାହିତ୍ୟ ସଂସଦର ସମ୍ପାଦକ ହେମନ୍ତ ସାହୁ । ଏହି ଅଭିଯାନ ମ.ରାମପୁରରୁ ବାହାରି କନ୍ଧମାଳ ଜିଲ୍ଲାରୁ ଆରମ୍ଭ ହୋଇ ଆଜି ବୌଦ୍ଧ ଜିଲ୍ଲା ଦେଇ ସୁବର୍ଣ୍ଣପୁର ଜିଲ୍ଲା ପରିଭ୍ରମଣ ପୂର୍ବକ ପର୍ଯ୍ୟାୟ କ୍ରମେ ସମସ୍ତ ଜିଲ୍ଲା ଯିବାପରେ କଳାହାଣ୍ଡିରେ ମାର୍ଚ୍ଚ ମାସ ୧୮ ତାରିଖ ରେ ଶେଷ ହେବାର ଯୋଜନା ରହିଛି । ଏହି ଅଭିଯାନଟି ସମ୍ପାଦକ ନିଜ ଉଦ୍ୟମରେ କରିଥିବା ଜଣାପଡିଛି ।

# ଆଧ୍ୟାତ୍ମିକ ପରିବେଶରେ କଞ୍ଝିଲା ଗାଁ



**ଚୌଦ୍ୱାର,ନ୍ୟୁଜ ବ୍ୟୁରୋ**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ନଖରା ପଞ୍ଚାୟତର ଚାବେ ସ୍ଥିତ ସଂକଟମୋଚନ ହନୁମାନଜୀଉ ମନ୍ଦିରରେ ଶ୍ରୀ ରାମଚରିତ ମାନସ ପାରାୟଣ ଓ ହନୁମାନ ଜିଉଙ୍କ ସପ୍ତମ ବାର୍ଷିକ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ନବଦିନ ବ୍ୟାପି ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳ ପୂଜା, ଯଜ୍ଞ କୁଣ୍ଡରେ ଅଗ୍ନି ସ୍ଥାପନ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମନ୍ଦିର ପରିସରରେ ଅନୁଷ୍ଠିତ ବିଶ୍ୱ ଶାନ୍ତି ମହାଯଜ୍ଞରେ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗ ଦେଇ ଆହୁତି ପ୍ରଦାନ କରିବା ସହିତ ରାମଚରିତ ପାରାୟଣ ଶ୍ରବଣ କରି କୃତାର୍ଥ ହୋଇଥିଲେ । ରାଜେନ୍ଦ୍ର ପ୍ରସାଦ ପାଣ୍ଡେ ଓ ରସ୍ମିତା ଦାଶ କର୍ତ୍ତା ଓ କର୍ତ୍ତୀ ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ । ପ୍ରତି ସନ୍ଧ୍ୟାରେ ମାନସ ପାରାୟଣ, ପ୍ରାସଦ ସେବନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା । ମନ୍ଦିର ପରିଚାଳନା କମିଟିର କୃତିବାସ ନାୟକ, ବିଚିତ୍ରାନନ୍ଦ ପଣ୍ଡା, ମଧୁ ସୁଦନ ପରିଡ଼ା, ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ ଗ୍ରାମବାସୀମାନେ ଉତ୍ସବ ପରିଚାଳନା କରିଥିଲେ ।

# ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା ନେଇ ଗୁରୁତ୍ୱ

**ବାଲେଶ୍ୱର, ନ୍ୟୁଜ ବ୍ୟୁରୋ**

ବାଲେଶ୍ୱରର ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀ ରେ ମୁଖ୍ୟ ଅତିଥି ଭାବରେ ଡ଼ାକ୍ତର ପ୍ରଭାତ କୁମାର ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଶୁଭାରମ୍ଭ କରିଥିଲେ । ତତସହିତ, ନିର୍ଲିତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ, ମୁନିସିପାଲଟି, ଡାକ୍ତର ପ୍ରଦୀପ କୁମାର କର, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସୂର୍ଯ୍ୟପ୍ରକାଶ ରାଉତରାୟ, ସହାୟକ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟରବୋନ ନିୟନ୍ତ୍ରଣ ପ୍ରୋଗ୍ରାମ୍), ଚକ୍ରଧର ଜେନା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଏନଏଚଏମ, ନୀଲେଶ କୁମାର ପଟ୍ଟନାୟକ, ଜିତେନ୍ଦ୍ର କୁମାର ବିଶ୍ୱାଳ, ସୂର୍ଯ୍ୟଜିତ ରାୟ, ସାସ୍ୱତୀ ମହାପାତ୍ର ଉପସ୍ଥିତ ରହିଥିଲେ । ଏହି ସମ୍ମିଳନୀ ରେ ଜିଲ୍ଲା ର ସମସ୍ତ ସହରାଞ୍ଚଳ ଆଶା ଓ ମହିଳା ଆରୋଗ୍ୟ ସମିତି ର ସଦସ୍ୟବୃନ୍ଦ ଉପସ୍ଥିତ ରହିଥିଲେ । 'ସ୍ୱାସ୍ଥ୍ୟ ସେବାରେ ଗୋଷ୍ଠୀ ସହଭାଗିତା' ବିଷୟରେ ଆଲୋଚନା କରାଯାଇଥିଲା ।ଆଶା ଓ ମହିଳା ଆରୋଗ୍ୟ ସମିତିର ଉତ୍ତମ କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । ମାନସ କୁମାର ସାମନ୍ତ ମଞ୍ଚ ପରିଚାଳନା କରିଥିଲେ । ଏହି ମଞ୍ଚରେ ଶ୍ରେଷ୍ଠ ଆଶା ଓ ମହିଳା ଆରୋଗ୍ୟ ସମିତି ଗୁଡ଼ିକ ପୁରସ୍କୃତ ହୋଇଛନ୍ତି । ପ୍ରତେକ ଶ୍ରେଷ୍ଠ ଆଶା କର୍ମୀଙ୍କୁ ୩୦୦୦/- ଟଙ୍କା ଏବଂ ପ୍ରତେକ ମହିଳା ଆରୋଗ୍ୟ ସମିତିକୁ ୩୦୦୦ /- ଟଙ୍କା ଲେଖାଏଁ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ପ୍ରଦାନ କରାଯାଇଛି । ଶେଷରେ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ 'କନ୍ୟା ଭ୍ରୂଣ ହତ୍ୟା' ଉପରେ ଏକ ସଚେତନତା ନାଟକ ପରିବେଷଣ କରିଥଲେ ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଫେବୃୟାରୀ ୨୦୨୬ ରବିବାର





# ଇଟା ଭାଟିରେ ବନ୍ଧକ ଥିବା ୧୪ ନାବାଳକଙ୍କ ସମେତ ୨୯ ଶ୍ରମିକ ଉଦ୍ଧାର

ବ୍ୟାସନଗର/ଯାଜପୁର
ନ୍ୟୁଜ୍ ବ୍ୟୁରୋ

ବନ୍ଧକ ଶ୍ରମ ବିରୁଦ୍ଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଯାଜପୁର ଜିଲ୍ଲା ପ୍ରଶାସନ ବୁଧବାର ଦିନ ବ୍ୟାସନଗର ତହସିଲ ଏବଂ କୋରାଇ ପୋଲିସ ସୀମା ଅନ୍ତର୍ଗତ ବେଣାପୁର ଗ୍ରାମର ଜଗନ୍ନାଥ ଫ୍ଲାଏ ଆସ୍ ଇଟା ଭାଟିରୁ ୧୪ଜଣ ଶିଶୁଙ୍କ ସମେତ ୨୯ଜଣ ବନ୍ଧକ ଶ୍ରମିକଙ୍କୁ ଉଦ୍ଧାର କରିଛି । ଶ୍ରମିକମାନଙ୍କ ଠାରୁ ମିଳିଥିବା ଅଭିଯୋଗ ପରେ ଉଦ୍ଧାର କାର୍ଯ୍ୟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ କରାଯାଇଥିଲା । ଏହି ମିଳିତ ଦଳରେ ବ୍ୟାସନଗର ତହସିଲଦାର, କୋରାଇ ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସହକାରୀ ଶ୍ରମ ଅଧିକାରୀ, ଶିଶୁ ସହାୟତା ୟୁନିଟ୍ ଏବଂ ସାମାଜିକ ସଂଗଠନର ପ୍ରତିନିଧିମାନେ ସାମିଲ୍ ଥିଲେ । ଏହି ଅଭିଯାନ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା । ଅଧିକାରୀଙ୍କ ଅନୁଯାୟୀ, ଉଦ୍ଧାର ଶ୍ରମିକମାନେ ପଡ଼ୋଶୀ ଜିଲ୍ଲାର ଏବଂ ଏକ ଅତ୍ୟନ୍ତ ଅସୁରକ୍ଷିତ ଆଦିବାସୀ ସମ୍ପ୍ରଦାୟର । ପ୍ରାୟ ଦୁଇ ବର୍ଷ ପୂର୍ବେ ସେମାନଙ୍କୁ ଉତ୍ତମ ମଜୁରୀ ଏବଂ ନିଯୁକ୍ତିର ପ୍ରତିଶ୍ରୁତି ଦେଇ ଇଟା ଭାଟିକୁ ପ୍ରଲୋଭିତ କରାଯାଇଥିଲା ବୋଲି ଅଭିଯୋଗ ହୋଇଛି । ପ୍ରତ୍ୟେକ ପରିବାରକୁ ୧୦ କିଲୋ ଚାଉଳ ସହିତ ୫୦୦ରୁ ୧,୦୦୦ ମୂଲ୍ୟର ନାମମାତ୍ର ଅଗ୍ରୀମ ଦିଆଯାଇଥିଲା । କିନ୍ତୁ



ପ୍ରତିଶ୍ରୁତି ଅନୁଯାୟୀ ମଜୁରୀ ଦିଆଯାଇନଥିଲା । ଏହା ବଦଳରେ, ଭାଟି ମାଲିକ କୌଣସି ମଜୁରୀ କିମ୍ବା କାମର ରେକର୍ଡ ନରଖି ନିଜ ଦୋକାନ ମାଧ୍ୟମରେ ଅନିୟମିତ ରାସନ ଯୋଗାଇଥିବା ଜଣାପଡ଼ିଛି, ଯାହା ପରିବାରଗୁଡ଼ିକୁ ନିର୍ଭରଶୀଳତାର ଚକ୍ରରେ ଫସି ରଖିଥିଲା । ଶ୍ରମିକମାନଙ୍କ ଠାରୁ ସେହି ସ୍ଥାନରେ ଯୋଗାଇ ଦିଆଯାଇଥିବା ଅସ୍ଥାୟୀ ବାସସ୍ଥାନ ପାଇଁ ଭଡା ମଧ୍ୟ ଆଦାୟ କରାଯାଇଥିଲା ଯାହା ସେମାନଙ୍କର ଋଣ ଭାରକୁ ଆହୁରି ବୃଦ୍ଧି କରିଥିଲା । ତଦନ୍ତ ସମୟରେ ଶ୍ରମିକମାନେ କହିଥିଲେ ଯେ ସେମାନଙ୍କୁ ପର୍ବପର୍ବାଣୀ, ପାରିବାରିକ ଜରୁରୀକାଳୀନ ପରିସ୍ଥିତି କିମ୍ବା ବ୍ୟକ୍ତିଗତ ଆବଶ୍ୟକତା ପାଇଁ ସେମାନଙ୍କ ଜନ୍ମସ୍ଥାନକୁ ଫେରିବାକୁ ଅନୁମତି ଦିଆଗଲାନାହିଁ । ସେମାନେ ଅଗ୍ରୀମ ରାଶି ପରିଶୋଧ କରିନଥିବା କାରଣରୁ ସେମାନଙ୍କୁ ବିକଳ୍ପ ନିଯୁକ୍ତି ଖୋଜିବାରୁ ମଧ୍ୟ ନିଷେଧ କରାଯାଇଥିଲା । ପିଲାମାନଙ୍କୁ କମ୍ କିମ୍ବା କୌଣସି ପାରିଶ୍ରମିକ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ବାଧ୍ୟ କରାଯାଇଥିଲା ଯାହା ଶିଶୁ ଅଧିକାର ଏବଂ ଶ୍ରମ ଆଇନ୍‌ର ଗମ୍ଭୀର ଉଲ୍ଲଂଘନ କରୁଛି ।

# ଜାଲ୍ ଜାତିଗତ ପ୍ରମାଣପତ୍ର ଯାଞ୍ଚ କମିଟିରେ ଧରାପଡ଼ିଲେ ସମିତି ସଭ୍ୟ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଜାଲ୍ ଜାତିଗତ ପ୍ରମାଣପତ୍ର ଜରିଆରେ ବିଭିନ୍ନ ସରକାରୀ ପଦପଦବୀରେ ଥିବା ତଥା ଅବସର ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଅଭିଯୋଗ ପରେ ଏହାର ରାଜ୍ୟସ୍ତରୀୟ ଯାଞ୍ଚ କମିଟି ଜରିଆରେ ତଦନ୍ତ ଚାଲିଛି । ଦକ୍ଷିଣାଞ୍ଚଳର ଗଞ୍ଜାମ, ଗଜପତି, କନ୍ଧମାଳ, କୋରାପୁଟ, ରାୟଗଡ଼ା, ମାଲକାନାଗିରି, କଳାହାଣ୍ଡି ଓ ନବରଙ୍ଗପୁର ଭଳି ୮ଟି ଜିଲ୍ଲାର ମୋଟ୍ ୧୪୬୬ଟି ଅଭିଯୋଗ ରହିଛି । ସେଥିମଧ୍ୟରୁ ୯୧୬ଟି ଅଭିଯୋଗର ପୋଲିସ ତଦନ୍ତ ରିପୋର୍ଟ ଆସି ତାହାର ଶୁଣାଣି କରାଯାଇଛି । ସେଥିମଧ୍ୟରୁ ବର୍ତମାନ ସୁଦ୍ଧା ୬୯୫ଟି ମାମଲାର ଚୂଡ଼ାନ୍ତ ଫଇସଲା ହୋଇସାରିଛି । ପୋଲିସ ତଦନ୍ତ ଆସିସାରିଥିବା ମୋଟ୍ ୯୧୬ଟି ମାମଲା ମଧ୍ୟରୁ ଅବଶିଷ୍ଟ ୨୨୧ଟି ମାମଲାର ଶୁଣାଣି କରାଯିବାକୁ ଅଛି । ସେପଟେ ୫୫୦ଟି ଅଭିଯୋଗର ପୋଲିସ ତଦନ୍ତ ରିପୋର୍ଟ ଆସିବାକୁ ଥିବା ଜଣାପଡ଼ିଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ବ୍ରହ୍ମପୁର ସ୍ଥିତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏହି ରାଜ୍ୟସ୍ତରୀୟ ଯାଞ୍ଚ କମିଟିର ଶୁଣାଣି ହୋଇଥିଲା । ଏଥିରେ ୨୩ଟି ମାମଲାର ଶୁଣାଣି କରାଯାଇଥିବା ବେଳେ ଗଜପତି ଜିଲ୍ଲାରୁ ଗୋଟିଏ ଏବଂ ଅବଶିଷ୍ଟ ୨୨ଟି କଳାହାଣ୍ଡି ଜିଲ୍ଲାର ମାମଲା ଥିଲା । ଜାଲ୍ ଜାତିଗତ ପ୍ରମାଣପତ୍ର ଦେଇ ଶିକ୍ଷକ, ପ୍ରଧାନ ଶିକ୍ଷକ, ପ୍ରଫେସର, ଫରେଷ୍ଟର, ମୁଖ୍ୟକିରାଣୀ, ରେଳବାଇ କର୍ମଚାରୀ, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆକାଶବାଣୀ କର୍ମଚାରୀ ଓ ସୁରକ୍ଷା ବଳରେ ନିଯୁକ୍ତି ପାଇଥିବା ଅଭିଯୋଗ ହୋଇଛି । ତେବେ ଅନୁଷ୍ଠିତ ଶୁଣାଣିରେ ଗଜପତି ଜିଲ୍ଲାର ଗୋଷାଣି ବ୍ଲକ୍‌ର ଜଣେ ସମିତି ସଭ୍ୟ ଜାଲ୍ ଜାତିଗତ ପ୍ରମାଣପତ୍ର ଥିବା ସ୍ପଷ୍ଟ ହୋଇଥିଲା । ଯାହାକୁ ନେଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଞ୍ଚ କମିଟି ପକ୍ଷରୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ସୁପାରିଶ କରାଯାଇଛି । ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ତଥା କମିଟିର ଅଧ୍ୟକ୍ଷ ସଂଗ୍ରାମ କେଶରୀ ମହାପାତ୍ର ଭର୍ଚୁଆଲ୍‌ରେ ଶୁଣାଣି କରିଥିଲେ । ଶୁଣାଣି ବେଳେ ଉଭୟ ଗଜପତି ଓ କଳାହାଣ୍ଡି ଜିଲ୍ଲାର ଦୁଇ ଜଣ ଅତିରିକ୍ତ ଜିଲ୍ଲାପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ସଚିବ ବୀରସେନ ପ୍ରଧାନ, ଦୁଇ ଜିଲ୍ଲାର ଡ଼ିଏସ୍‌ପି, ଅନୁସୁଚିତ ଜାତି ଓ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସହକାରୀ ନିର୍ଦ୍ଦେଶକ ଓ ଆରଡ଼ିସିଙ୍କ କାର୍ଯ୍ୟାଳୟର ବିଭାଗୀୟ ଉପ ନିର୍ଦ୍ଦେଶକ ଅଶୋକ କୁମାର ଶତପଥୀ ପ୍ରମୁଖ ଉପସ୍ଥିତ ରହି ମାମଲାର ଶୁଣାଣି କରିଥିଲେ ।

# ଓପିଏସି-ଓସିଏସ୍ ୨୦୨୫ ଫର୍ମରେ 'ତୃତୀୟ ଲିଙ୍ଗ' ବିକଳ୍ପ ଯୋଡ଼ାଗଲା

କଟକ, ନ୍ୟୁଜ୍ ବ୍ୟୁରୋ

ଅନ୍ତର୍ଭୁକ୍ତିମୂଳକ ନିଯୁକ୍ତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାର ଓଡ଼ିଶା ସିଭିଲ୍ ସର୍ଭିସେସ୍ (ଓସିଏସ୍) ପରୀକ୍ଷା–୨୦୨୫ ପାଇଁ ଆବେଦନ ଫର୍ମରେ 'ତୃତୀୟ ଲିଙ୍ଗ' ବର୍ଗ ପ୍ରଚଳନ କରିଛନ୍ତି । ଏହି ପଦକ୍ଷେପ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ଦ୍ୱାରା ଜାରି ନିର୍ଦ୍ଦେଶାବଳୀକୁ ଅନୁସରଣ କରେ । ତୃତୀୟ ଲିଙ୍ଗ ପ୍ରାର୍ଥୀଙ୍କ ପାଇଁ ସମାନ ସୁଯୋଗ ସୁନିଶ୍ଚିତ କରି ଓଡ଼ିଶା ଲୋକସେବା କମିଶନ (ଓପିଏସି ) ଦ୍ୱାରା ପରିଚାଳିତ ଓସିଏସ୍–୨୦୨୫ ପରୀକ୍ଷା ପାଇଁ ସଂଶୋଧିତ ବିଜ୍ଞପ୍ତିରେ ଏହି ବ୍ୟବସ୍ଥା ଅନ୍ତର୍ଭୁକ୍ତ କରାଯାଇଛି । ନୂତନ ବର୍ଗର ଅନ୍ତର୍ଭୁକ୍ତିକୁ ଦୃଷ୍ଟିରେ ରଖି, କର୍ତ୍ତୃପକ୍ଷମାନେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅପ୍‌ଡେଟ୍ ଫର୍ମାଟ୍ ଅନୁଯାୟୀ ଆବେଦନ କରିବାକୁ ସକ୍ଷମ କରିବା ପାଇଁ ପଞ୍ଜୀକରଣ ଏବଂ ଆବେଦନର ଶେଷ ତାରିଖ ବୃଦ୍ଧି କରିଛନ୍ତି । ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି ଯେ ତୃତୀୟ ଲିଙ୍ଗ ବ୍ୟକ୍ତି ଭାବରେ ସରକାରୀ ସ୍ୱୀକୃତି ପାଇବା ପରେ ଯେଉଁ ପ୍ରାର୍ଥୀଙ୍କ ନାମ ପରିବର୍ତ୍ତନ ହୋଇଛି ସେମାନେ ଆବେଦନ ପ୍ରକ୍ରିୟା ସମୟରେ ପ୍ରାସଙ୍ଗିକ ସହାୟକ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡିବ । କମିଶନ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ସରକାରୀ ବିଭାଗ ଏବଂ ରାଜ୍ୟ ପରିଚାଳିତ ନିଗମଗୁଡ଼ିକ ସେମାନଙ୍କର ନିଯୁକ୍ତି ପ୍ରକ୍ରିୟାରେ ତୃତୀୟ ଲିଙ୍ଗ ବିକଳ୍ପକୁ ସାମିଲ୍ କରିବା ନିଶ୍ଚିତ କରନ୍ତୁ । ଓଏଚ୍‌ଆର୍‌ସି ରାଜ୍ୟ ସରକାରଙ୍କୁ ଏହାର ନିର୍ଦ୍ଦେଶାବଳୀ କାର୍ଯ୍ୟକାରୀ କରିବା ସମ୍ପର୍କରେ ୬୦ ଦିନ ମଧ୍ୟରେ ଏକ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ କହିଛି । ଏହି ପଦକ୍ଷେପକୁ ଓଡ଼ିଶାରେ ସରକାରୀ ନିଯୁକ୍ତିରେ ସମାନ ପ୍ରବେଶ ଏବଂ ଅଣ–ପ୍ରାପ୍ୟତାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପଦକ୍ଷେପ ଭାବରେ ଦେଖାଯାଉଛି ।

# କେନ୍ଦୁଝର ବନଖଣ୍ଡରେ କଳରାପତରିଆ ବାଘ ସଂଖ୍ୟା ବୃଦ୍ଧି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଏବର୍ଷ କେନ୍ଦୁଝର ବନଖଣ୍ଡରେ ବଢ଼ିଛି କଳରାପତରିଆ ବାଘଙ୍କ ସଂଖ୍ୟା । ଗତବର୍ଷ ଥିଲେ ୧୮ଟି କଳରାପତରିଆ, ଏଥର ୨୩ ହେବା ଆକଳନ କରାଯାଉଛି । ମହାବଳ ବାଘ ଏବର୍ଷ ଠାବ କରାଯାଇନଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି ।

# ଅପରେସନ୍ ସାଇବର କବଚ | ୧,୧୬୬ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ:୮୪ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ସାଇବର ଅପରାଧ ନେଟ୍‌ୱର୍କକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିବା 'ଅପରେସନ୍ ସାଇବର କବଚ' ଅଭିଯାନ ରାଜ୍ୟବ୍ୟାପୀ ଜୋର୍‌ଦାର୍ ଜାରି ରହିଛି । ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ଅଭିଯାନ ସପ୍ତମ ଦିନରେ ପହଞ୍ଚିଥିବା ବେଳେ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ସାଇବର ସେଲ, କ୍ରାଇମ୍‌ବ୍ରାଞ୍ଚ ଏବଂ ସମ୍ବଲପୁର ଜିଲ୍ଲା ପୋଲିସ ଏକ ବଡ ଧରଣର ସାଇବର ଠକେଇକୁ ଧ୍ୱଂସ କରିବାରେ ସଫଳ ହୋଇଛନ୍ତି । ଏହି ଘଟଣାରେ ପୋଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେଥିମଧ୍ୟରୁ ୧୪୦ ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧୧୦ କୋଟି ୩୦ ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି । ଏହା ବ୍ୟତୀତ ୫୨ଟି ଆକାଉଣ୍ଟ ଜରିଆରେ ୭୫ କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଥିବା ସମ୍ପର୍କରେ ପୋଲିସ ସୂଚନା ପାଇଛି । ଏହି ଘଟଣାରେ ପୋଲିସ ୨୦ ଜଣଙ୍କୁ ଗିରଫ କରିଥିବାବେଳେ ୩୨ ଜଣଙ୍କୁ ଆଇନ୍‌ଗତ ନୋଟିସ୍ ଜାରି କରାଯାଇଛି । ସେହିପରି ରାଉରକେଲା ପୋଲିସ ଜିଲ୍ଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ୍ ବେଟିଂ ସିଣ୍ଡିକେଟ୍‌କୁ ପୋଲିସ ସଫଳତାର ସହିତ ଧ୍ୱଂସ କରିଛି । ଟି–୨୦ ବିଶ୍ୱକପ୍ ମ୍ୟାଚ୍‌କୁ ଆଧାର କରି ଏହି ବେଆଇନ୍ ବେଟିଂ କାରବାର ଚାଲୁଥିବା ବେଳେ ପୋଲିସ ଚଢଉ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ନଗଦ ୩୦.୬୫ ଲକ୍ଷ ଟଙ୍କା, ଏକ ମହିନ୍ଦ୍ରା ଥାର୍ ଗାଡ଼ି, ୨ଟି ଲାପଟପ୍ ଏବଂ ୭ଟି ଦାମୀ ମୋବାଇଲ୍ ଫୋନ୍ ଜବତ କରାଯାଇଛି । "ସିଲ୍‌ଭର୍ ଏକ୍ସଚେଞ୍ଜ" ନାମକ ଅନ୍‌ଲାଇନ୍ ଗେମିଂ ଆପ୍ ମାଧ୍ୟମରେ ଅଭିଯୁକ୍ତମାନେ ସାଧାରଣ ଲୋକଙ୍କୁ ଅଧିକ ଲାଭର ପ୍ରଲୋଭନ ଦେଖାଇ ଠକୁଥିବା ପ୍ରାଥମିକ ତଦନ୍ତରୁ ପ୍ରକାଶ ପାଇଛି । ସେହିପରି ଭାବେ ଝାରସୁଗୁଡ଼ା ଜିଲ୍ଲା ପୋଲିସ ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ୍ ଜାରି କରାଯାଇଛି । ଅଭିଯୁକ୍ତମାନେ ବିଭିନ୍ନ ବ୍ୟକ୍ତିଙ୍କ ନାମରେ 'ମ୍ୟୁଲ୍ ଆକାଉଣ୍ଟ' ଖୋଲି ପ୍ରାୟ ୫ କୋଟି ୨୭ ଲକ୍ଷ ଟଙ୍କାର ବେଆଇନ୍ ଆର୍ଥିକ କାରବାର କରିଥିବା ଜଣାପଡ଼ିଛି । ଏହି ଅଭିଯାନରେ ଅନୁଗୁଳ ଜିଲ୍ଲା ପୋଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ସାଇବର ମାମଲା ରୁଜୁ କରି ୧ ଜଣଙ୍କୁ ଗିରଫ କରିଛି । ଝାରସୁଗୁଡ଼ା ଜିଲ୍ଲା ପୋଲିସ ୩୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୫ଟି ମାମଲା ଓ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୧୬ ଜଣଙ୍କୁ ଗିରଫ କରିଥିବା ସହ ୧ ଜଣଙ୍କୁ ଆଇନ୍‌ଗତ ନୋଟିସ୍ ଜାରି କରିଛି । ସେହିପରି କନ୍ଧମାଳ ଜିଲ୍ଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଛି । ନୂତନ ଓ ୬ଟି ପୁରୁଣା ମାମଲାରେ ୧୧ଜଣଙ୍କୁ ଆଇନ୍‌ଗତ ନୋଟିସ୍ ଜାରି କରିଛି । କେନ୍ଦ୍ରାପଡ଼ା ଜିଲ୍ଲା ପୋଲିସ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି । କେନ୍ଦୁଝର ଜିଲ୍ଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୧ଟି ଓ ଚେକ୍ ଉଠାଣ ସମ୍ପର୍କିତ ୨ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି । ନୂତନ ଓ ୪ଟି ପୁରୁଣା ମାମଲାରେ ୫ଜଣଙ୍କୁ ନୋଟିସ୍ ଜାରି କରିଛି । ନବରଙ୍ଗପୁର ଜିଲ୍ଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି । ନୂତନ ଓ ୪ଟି ପୁରୁଣା ମାମଲାରେ ୭ଜଣଙ୍କୁ ନୋଟିସ୍ ଜାରି କରିଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୧୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୪ଜଣଙ୍କୁ ଆଇନ୍‌ଗତ ନୋଟିସ୍ ଜାରି କରିଛି । ଢେଙ୍କାନାଳ ଜିଲ୍ଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି । ସେହିପରି କଳାହାଣ୍ଡି ଜିଲ୍ଲା ପୋଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ମାମଲାରେ ୧୪ଜଣଙ୍କୁ ନୋଟିସ୍ ଜାରି କରିଛି । ବୌଦ୍ଧ ଜିଲ୍ଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ମାମଲାରେ ୬ଜଣଙ୍କୁ ନୋଟିସ୍ ଜାରି କରିଥିବା ବେଳେ, ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ମଧ୍ୟ ରୁଜୁ କରିଛି । ଗଜପତି, କୋରାପୁଟ, ମୟୂରଭଞ୍ଜ, କଟକ (UPD) ଓ ମାଲକାନଗିରି ଜିଲ୍ଲାରେ ମଧ୍ୟ ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ ସମ୍ପୃକ୍ତ ପୁରୁଣା ମାମଲାରେ ଆଇନଗତ ନୋଟିସ୍ ଜାରି କରାଯାଇଛି । ଗଞ୍ଜାମ ଜିଲ୍ଲା ପୋଲିସ ୭୮ଟି ଓ ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି । ବରଗଡ଼ ଜିଲ୍ଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ନକଲି ସିମ୍ ସମ୍ପର୍କିତ ୨ଟି ମାମଲା ରୁଜୁ କରିଛି । ଏପର୍ଯ୍ୟନ୍ତ 'ଅପରେସନ୍ ସାଇବର କବଚ' ଅଭିଯାନରେ ସମଗ୍ର ରାଜ୍ୟରେ ମୋଟ୍ ୧,୧୬୬ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି । ଏହା ସହ ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୮୨ଟି, ଚେକ୍ ଉଠାଣ ସମ୍ପର୍କିତ ୫ଟି ଓ ନକଲି ସିମ୍ PoS ସମ୍ପର୍କିତ ୩ଟି ସାଇବର ମାମଲା ରୁଜୁ କରାଯାଇଛି । ସମୁଦାୟ ୮୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ନୂତନ ମାମଲା ଓ ୨୯ଟି ପୁରୁଣା ଏଫ୍‌ଆଇଆର୍ ସହ ସଂପୃକ୍ତ ୨୯୩ଜଣ ସନ୍ଦିଗ୍ଧ ଆକାଉଣ୍ଟଧାରୀ ଓ ସହାୟକଙ୍କୁ ଆଇନ୍‌ଗତ ନୋଟିସ୍ ଜାରି କରାଯାଇଛି । ସାଇବର ଅପରାଧୀଙ୍କ ଆର୍ଥିକ କାରବାରକୁ ଧ୍ୱଂସ କରି ରାଜ୍ୟର ଜନସାଧାରଣଙ୍କ ଡିଜିଟାଲ୍ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ପୋଲିସ ସଦା ସର୍ବଦା ଦୃଢ଼ ସଂକଳ୍ପବଦ୍ଧ । ସାଇବର ଅପରାଧୀଙ୍କ ଆର୍ଥିକ କାରବାରକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପାଇଁ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ଡିଜିପି ଶ୍ରୀ ଖୁରାନିଆ ସୂଚନା ଦେଇଛନ୍ତି ।



# ବିଭିନ୍ନ ଦାବି ନେଇ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଗଣଧାରଣା

ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଓ ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜ ଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ତରଫରୁ ଶୁକ୍ରବାର ଗଣଧାରଣା ସହ ଦାବିପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ରାଜ୍ୟ ସମ୍ପାଦକ ଶିବାନନ୍ଦ ପରିଚ୍ଛା ନେତୃତ୍ୱରେ ଆନ୍ଦୋଳନ ଓ ଧାରଣା ଅନୁଷ୍ଠିତ ହୋଇଥିବାବେଳେ କେନ୍ଦୁପତ୍ର କର୍ମଚାରୀଙ୍କ ୧୭ ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖପ୍ରାଖୋଲ ରେଞ୍ଜ ଅଧିକାରୀ ଅରବିନ୍ଦ ପଣ୍ଡାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଧଣ୍ଡାମୁଣ୍ଡା ରେଞ୍ଜ ଅଧିକାରୀ ଦୀନବନ୍ଧୁ ପଟେଲଙ୍କୁ ମଧ୍ୟ ସଂଘ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର ହେବ ବୋଲି ସଂଘ ତରଫରୁ ଚେତାବନୀ ଦିଆଯାଇଛି ।

# ହୋଟେଲ୍‌ରୁ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ହୋଟେଲ୍ ରୁମ୍‌ରୁ ସନ୍ଦେହଜନକ ଅବସ୍ଥାରେ ମିଳିଲା ଇଞ୍ଜିନିୟରିଂ ଛାତ୍ରଙ୍କ ମୃତଦେହ । ମୃତ ଯୁବକ ହେଲେ ବିବୁନା ପ୍ରଧାନ । ଗର୍ଲଫ୍ରେଣ୍ଡ ସହ ହୋଟେଲ୍‌ରେ ଥିଲେ ବୁବୁନା । ଭୋର୍ ସମୟରେ ମୃତ ଦେହ ଉଦ୍ଧାର କଲା ଏୟାରଫିଲ୍ଡ ପୋଲିସ । ଗର୍ଲଫ୍ରେଣ୍ଡ୍ ମାରିଦେଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକେ । ଭୁବନେଶ୍ୱରର ଏକ ହୋଟେଲ୍‌ରେ ଥିଲେ ଉଭୟ ପୁଅ ଝିଅ । ଘଟଣାର ତଦନ୍ତ ଆରମ୍ଭ କରିଛି ଏୟାରଫିଲ୍ଡ ପୋଲିସ । ସାଇଣ୍ଟିଫିକ୍ ଟିମ୍ ପହଞ୍ଚି କରିବେ ଯାଞ୍ଚ । ଘଟଣାସ୍ଥଳରୁ ଯୁବତୀ ଫେରାର୍ ହୋଇଯାଇଛି ।

# ବିହାରୀ ଶ୍ରମିକର ଛୁରାମାଡ଼ରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ

ଖୋର୍ଦ୍ଧା ଜିଲ୍ଲା ବାଘମାରି ଥାନା ଅନ୍ତର୍ଗତ ଏକ ଘରୋଇ କମ୍ପାନୀ ପରିସରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି । କମ୍ପାନୀ ଭିତରେ ସାମାନ୍ୟ ବଚସାରୁ ଜଣେ ସହଯୋଗୀ ଶ୍ରମିକର ଛୁରାମାଡ଼ରେ ଅନ୍ୟ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ଓଡ଼ିଶାର ହୋଇଥିବା ବେଳେ ଅଭିଯୁକ୍ତ ଜଣକ ବିହାରର ବୋଲି ଜଣାପଡିଛି । ସୂଚନା ମୁତାବକ, ମୃତକ ହେଲେ ଭଦ୍ରକ ଅଞ୍ଚଳର ମନୋଜ ତରାଇ । ସେହିପରି ଅଭିଯୁକ୍ତର ନାମ ସୁନିଲ ମିଶ୍ରା ଏବଂ ତାଙ୍କ ଘର ବିହାର ରାଜ୍ୟରେ ବୋଲି ଜଣାପଡିଛି । ଉଭୟ ଖୋର୍ଦ୍ଧା ସାରୁଅ ସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ । ଗୁରୁବାର କୌଣସି ଏକ କାରଣକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ସହ ଧସ୍ତାଧସ୍ତି ହୋଇଥିଲା । ଏଥିରେ ଉତ୍କ୍ଷିପ୍ତ ହୋଇ ସୁନିଲ ଏକ ଧାରୁଆ ଛୁରୀରେ ମନୋଜଙ୍କୁ ଆକ୍ରମଣ କରିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମନୋଜଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଖୋର୍ଦ୍ଧା ମେଡିକାଲ୍‌ରେ ଭର୍ତ୍ତି କରାଯାଇଥିଲା । ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବରପାଇ ବାଘମାରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଅଭିଯୁକ୍ତ ସୁନିଲକୁ ଅଟକ ରଖିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀକୁ ଜବତ କରିଛି ପୋଲିସ । ଘଟଣା ପଛର ପ୍ରକୃତ କାରଣ ଜାଣିବା ପାଇଁ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା ଜାରି ରଖିଛି ପୋଲିସ ।

# ଗର୍ଭବତୀ ନବବଧୂଙ୍କୁ ପିଟିପିଟି ହତ୍ୟା ମାମଲାରେ ସ୍ୱାମୀ ଓ ଶାଶୂ ଗିରଫ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ସହରର ରାମକୃଷ୍ଣ ନଗର ଠାରେ ଭଡ଼ାରେ ରହୁଥିବା ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ସାନ ଯାଲୋଇ ଗାଁର ଉତ୍ତମ ପାଣିଗ୍ରାହୀଙ୍କ ପୁଅ ଲିଙ୍କନ ପାଣିଗ୍ରାହୀ ତାଙ୍କ ସ୍ତ୍ରୀ ରୁନୁକୁ ଯୌତୁକ ପାଇଁ ପିଟି ପିଟି ହତ୍ୟା ମାମଲାର ପର୍ଦ୍ଦା ଫାଶ ହେବା ପରେ ସୁବର୍ଣ୍ଣପୁର ଏସ୍‌ପି ଶ୍ରୀ ନାରାୟଣ ନାଏକ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ସୂଚନା ପ୍ରଦାନ କରିଛନ୍ତି । ମନମୁଣ୍ଡା ଥାନା ବ୍ରାହ୍ମଣୀ ଗାଁର ଦାମୋଦର ମିଶ୍ର ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଯାଲୋଇ ଗାଁରେ ଉତ୍ତମ



ପାଣିଗ୍ରାହୀଙ୍କ ପୁଅ ଲିଙ୍କନ ପାଣିଗ୍ରାହୀଙ୍କ ସହିତ ନିଜ ଝିଅ ରୁନୁକୁ ବୈଦିକ ରୀତି ନୀତିରେ ୨୦୨୫ ଏପ୍ରିଲରେ ବାହାଘର କରିଥିବା ଓ ଗତ ୧୮–୦୨–୨୬ରେ ଝିଅକୁ ସ୍ୱାମୀ ଲିଙ୍କନ ପାଣିଗ୍ରାହୀ ଝିଅର ଶାଶୂ ଶାନ୍ତିଲତା ପାଣିଗ୍ରାହୀଙ୍କ ସହଯୋଗରେ ହତ୍ୟା କରିଥିବା ବିଷୟ ଏସ୍‌ପି ସୂଚନା ଦେଇଥିଲେ । ସାଇଣ୍ଟିଫିକ୍ ଟିମ୍ ଲିଙ୍କନ୍ ରହୁଥିବା ରାମକୃଷ୍ଣ ନଗର ସ୍ଥିତ ଭଡା ଘରେ ଛାନ୍‌ଭିନ୍ କରିଥିବା ବେଳେ ସମସ୍ତ ପ୍ରମାଣ ଯୋଗାଡ କରିଛି । ମୃତ ରୁନୁ ମିଶ୍ରଙ୍କ ଦେହ ସାରା ଅନେକ କ୍ଷତ ଚିହ୍ନ ଥିବା ଶବ ବ୍ୟବଚ୍ଛେଦ ବେଳେ ଦେଖିବାକୁ ମିଳିଥିଲା ଓ ପାରିପାର୍ଶ୍ୱିକ ପ୍ରମାଣ ଆଧାରରେ ସ୍ୱାମୀ ଓ ଶାଶୂଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି କହିଥିଲେ ଏବଂ ମୃତ ରୁନୁ ମିଶ୍ରଙ୍କ ପେଟରେ ଏକ ମୃତ ଶିଶୁ ପୁତ୍ର ଥିବା କଥା ମଧ୍ୟ ସୂଚନା ଦେଇ ତାହା ଦୁର୍ଭାଗ୍ୟ ଜନକ ବୋଲି କହିଥିଲେ ।



# ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲାପ୍ରଶାସନର ପଦକ୍ଷେପ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ


ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ଗ୍ରୀଷ୍ମପ୍ରବାହ ପରିଚାଳନା ସମ୍ପର୍କିତ ପ୍ରାକ୍–ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ୍ ଆର୍ ଆୟର୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଜିଲ୍ଲା ଜରୁରୀ କାଳୀନ ଆଧିକାରୀ ନିତ୍ୟାନନ୍ଦ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼. ମନୋରଞ୍ଜନ ରାଉତ, ସମେତ ସମସ୍ତ ବିଡ଼ିଓ ଏବଂ ଲାଇନ୍ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ । ବୈଠକରେ ପାନୀୟଜଳ ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି ସେହିପରି ବ୍ୟାପକ ସୁବ୍ୟବସ୍ଥିତ ଜଳଛତ୍ର, ପଶୁପକ୍ଷୀଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା, ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥା, ଛାତ୍ରଛାତ୍ରୀ ମାନଙ୍କୁ ନିୟମିତ ବ୍ୟବଧାନରେ ପାନୀୟ ଜଳ ପିଇବାକୁ ପରାମର୍ଶ, ଶିକ୍ଷାନୁଷ୍ଠାନ ମାନଙ୍କରେ ପାଣି ପିଇବା ପାଇଁ ସ୍ୱତନ୍ତ୍ର ପାଣି ବେଲ, ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବ୍ୟାପକ ଓଆର୍‌ଏସ୍ ଯୋଗାଣ ବ୍ୟବସ୍ଥା, ସରକାରୀ ସମୟ ସାରଣୀ ଅନୁଯାୟୀ ଶ୍ରମିକ ମାନଙ୍କ କାର୍ଯ୍ୟ ସୁନିଶ୍ଚିତ କରିବା, ଅଙ୍ଗନବାଡି ମାନଙ୍କରେ ପଙ୍ଖା, ପାନୀୟଜଳ, ସମସ୍ତ ଯାତ୍ରୀବାହୀ ବସ୍ ମାନଙ୍କରେ ପାନୀୟଜଳ, ଓଆର୍‌ଏସ୍ ମହଜୁଦ ରଖିବା, ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା କରିବା ସହିତ ବ୍ୟାପକ ସଚେତନତା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ ନିଜ ନିଜ କାର୍ଯ୍ୟାଳୟର ପୁରୁଣା ପାଣି ଟାଙ୍କି ସଫେଇ କରିବାକୁ ଜିଲ୍ଲାପାଳ ସମସ୍ତ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି ।

# ଆଜିର ଭଲମନ୍ଦ



ଗଣକ–ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ–୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ– ୧୪୩୩ ସାଲ, ଶକାବ୍ଦ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୨।୦୨।୨୦୨୬, ଫାଲ୍‌ଗୁନ ଦି୧୦ନ, ରବିବାର**

**ସୂର୍ଯ୍ୟୋଦୟ– ଘ ୬।୧୪।୧୬ ଚନ୍ଦ୍ରୋଦୟ– ଦିଘ ୯।୧୦।୩୬**

**ପଞ୍ଚମୀ–** ଦିଘ ୧୧।୧୩ ପର୍ଯ୍ୟନ୍ତ । ଅଶ୍ୱିନୀ ନକ୍ଷତ୍ର ସଂଘ ୫।୫୭ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର–** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି–** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର–** ମେଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ–** ପଞ୍ଚମୀର ଏକୋଦ୍ଦିଷ୍ଟ ଏବଂ ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ବେଲ ଓ ପଣସ ଦିଘ ୧୧।୧୩ ଗତେ ନିମ୍ବ ଖାଇବା ମନା । **ଆଜିର ଶୁଭବେଳା–** ଦିଘ ୬।୧୭ ଗତେ ଦିଘ ୧୦।୦୩ ମଧ୍ୟେ । ଦିଘ ୧।୨୮ ଗତେ ଦିଘ ୧।୫୭ ମଧ୍ୟେ ।

**ମେଷ:** ଆଜି ଦିନଟି ସେତେ ଭଲରେ କଟିବନାହିଁ । ମନରେ ଅଶାନ୍ତି ସୃଷ୍ଟି ହେବ । ପାରିବାରିକ ଜଞ୍ଜାଳ ସୃଷ୍ଟି ହେବ । କର୍ମକ୍ଷେତ୍ରରେ ଅସହଯୋଗ ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ ।

**ବୃଷ:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ । ସାର୍ବଜନୀନ କାର୍ଯ୍ୟରେ ଯୋଗଦାନ କରିବେ । ରୋଜଗାର ଭଲ ହେବ । ବନ୍ଧୁଙ୍କ ସହ ମତାନ୍ତର ସୃଷ୍ଟି ହୋଇପାରେ । ଗୃହେ ଅଶାନ୍ତି ଦେଖାଦେବ ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ ହେବ । ଦେହ ସୁସ୍ଥ ରହିବା ସହିତ ଆୟରେ ଅଗ୍ରଗତି ହେବ । ଧନ ପ୍ରାପ୍ତିର ଯୋଗ ରହିଛି । ଦୂରଯାତ୍ରାରେ ପରିଶ୍ରମ କିନ୍ତୁ ସଫଳତା ପ୍ରାପ୍ତି ହେବ ।

**କର୍କଟ:** ଦୂରଯାତ୍ରା କରିପାରନ୍ତି । ଆନନ୍ଦରେ ଦିନ କଟିବ । କୌଣସି ନୂତନ ସ୍ଥାନକୁ ଭ୍ରମଣରେ ଯିବାର ଯୋଜନା କରିବାର ଆଶା ମଧ୍ୟ ରହିଛି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ । ଗୃହେ ଶାନ୍ତି ଲାଭ ।

**ସିଂହ:** ସୁସ୍ଥତା ଅନୁଭବ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଅଳସୁଆ ହେବେ । କୁଟୁମ୍ବେ ସୁଖ ଅଧିକ । ବିଶ୍ରାମ ହେତୁ କର୍ମନାଶ ବା ପ୍ରତାରଣାର ଶିକାର ହେବେ । ମହିଳାମାନେ କର୍ତ୍ତବ୍ୟନିଷ୍ଠ ହେବେ ।

**କନ୍ୟା:** କର୍ମକ୍ଷେତ୍ରରେ ବିଳମ୍ବତା ହେତୁ କାର୍ଯ୍ୟନାଶ ହେବ । କୌଣସି କାର୍ଯ୍ୟ ସୁରୁଖୁରୁରେ ହେବନାହିଁ । ବାଧା ବନ୍ଧନ ପରି ପରିସ୍ଥିତି ସୃଷ୍ଟି ହେବ । ଦେହ ସୁଖ ଲାଭ କରିବେ । ଆୟ ସ୍ଥିର ରହିବ ।

**ତୁଳା:** ମନରେ ସରସତା ରହିବ । ଆୟର ପରିମାଣ ବୃଦ୍ଧି ପାଇବ । ସହକର୍ମୀମାନଙ୍କ ସାହାଯ୍ୟ ଲାଭ କରିବେ । ପରିଶ୍ରମରେ ସଫଳ ପ୍ରାପ୍ତ ହେବ । ପାରିବାରିକ ଜଞ୍ଜାଳ ବଢ଼ିବାର ଆଶା ।

**ବିଛା:** ପାରିପାର୍ଶ୍ୱିକ ଅବସ୍ଥାର ପରିବର୍ତ୍ତନ ହେବ । ପ୍ରାୟତଃ ସୌଖିନ୍ୟ କାର୍ଯ୍ୟରେ ନିୟୋଜିତ କରିବେ । ଉଚ୍ଚ ସମ୍ମାନ ପ୍ରାପ୍ତ ହେବ । ବାକିଥିବା କାର୍ଯ୍ୟକୁ ସମ୍ପନ୍ନ କରିବେ । ଗୃହେ ଆନନ୍ଦ ଲାଭ ହେବ ।

**ଧନୁ:** ଇଚ୍ଛା କରିଥିବା କାର୍ଯ୍ୟ ସମ୍ପାଦନରେ ବାଧା ଉପୁଜିବ । ମନ ସଙ୍କୁଚିତ ହେବ । ପାରିବାରିକ ଅଶାନ୍ତିର ଆଶଙ୍କା । ଆୟ ଓ ବ୍ୟୟ ସମାନ ରହିବ । ଦ୍ରବ୍ୟହାନୀ ଯୋଗ ମଧ୍ୟ ରହୁଛି । କଚେରି ମାମଲାରେ ସଫଳତା ମିଳିବ ।

**ମକର:** କଳହର ପରିମାଣ ବଢ଼ିବ । ଭାତୃ ବିବାଦ ଦେଖାଦେବାର ସୂଚନା । ଆୟର ପରିମାଣ ବଢ଼ିବ । ପରିଶ୍ରମାନୁଯାୟୀ ଫଳ ଲାଭ କରିବେ । ଗୃହେ ସୁଖ ସନ୍ତୋଷ ଲାଭ କରିବେ । ମନ ଅସ୍ଥିର ରହିବ ।

**କୁମ୍ଭ:** ହାତେ ହାତେ କୃତକର୍ମର ଫଳ ଲାଭ କରି ଆନନ୍ଦିତ ହେବେ । ସାଧାରଣରେ ଯଶଖ୍ୟାତି ବଢ଼ିବ । ପରିଶ୍ରମ ଅନୁଯାୟୀ ଫଳ ମିଳିପାରେ । ଘରେ ଆନନ୍ଦ । ଆୟ ଓ ବ୍ୟୟ ସମାନ ରହିବ ।

**ମୀନ:** ସ୍ୱାଧୀନତା ରହିବନାହିଁ । କର୍ମକ୍ଷେତ୍ରରେ ବିଚଳିତ କରିବେ । ଆୟରେ ବାଧା ଦେଖାଦେବାର ସମ୍ଭାବନା । ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ପ୍ରାପ୍ତ ହେବ । ମହିଳାମାନେ ସୁଖୀ ହେବେ । ଦେହ ଭଲ ରହିବ ।

# ଆଗାମୀ କାଲିର ପଞ୍ଜିକା

ସନ– ୧୪୩୩ ସାଲ, ଶକାବ୍ଦ– ୧୯୪୩, ସମ୍ବତ୍– ୨୦୮୧, ହିଜରୀ– ୧୪୪୭, କଳିଯୁଗାବ୍ଦ– ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ– ଅ୬୯ଙ୍କ

**ତା୨୩।୦୨।୨୦୨୬, ଫାଲ୍‌ଗୁନ ଦି୧୧ନ, ସୋମବାର**

**ସୂର୍ଯ୍ୟୋଦୟ– ଘ ୬।୧୩।୪୬ ଚନ୍ଦ୍ରୋଦୟ– ଦିଘ ୯।୫୭।୫୩**

**ଷଷ୍ଠୀ–** ଦିଘ ୯।୧୧ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର ଦିଘ ୪।୩୫ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର–** ରାଘ ୧୦।୧୪ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି–** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର । ରାଘ ୧୦।୧୪ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର । **ଘାତ ଚନ୍ଦ୍ର–** ମେଷ ରାଶିର । ରାଘ ୧୦।୧୪ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ–** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ–** ନିମ୍ବ ଦିଘ ୯।୧୧ ଗତେ ତାଳ ଖାଇବା ମନା । **ଆଜିର ଶୁଭବେଳା–** ଦିଘ ୬।୧୫ ଗତେ ଦିଘ ୭।୪୩ ମଧ୍ୟେ । ଦିଘ ୧୦।୫୩ ଗତେ ଦିଘ ୧।୧୧ ମଧ୍ୟେ ।

ସମ୍ପାଦକୀୟ

32 YEARS

ସମ୍ବାଦ କଳିକା

# ସରକାରୀ କର୍ମଚାରୀଙ୍କୁ ବଡ଼ ଉପହାର ! ବଢ଼ିବ ଡିଏ

କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କ ପାଇଁ ଖୁସି ଖବର। ଖୁବ୍‌ଶୀଘ୍ର କେନ୍ଦ୍ର ସରକାର ମହଙ୍ଗା ଭତ୍ତା (DA) ବୃଦ୍ଧି ନେଇ ଘୋଷଣା କରିପାରନ୍ତି। ଶ୍ରମ ବ୍ୟୁରୋ ପକ୍ଷରୁ ଜାରି ହୋଇଥିବା AICPI-IW ସୂଚକାଙ୍କ ଅନୁଯାୟୀ, ଜାନୁୟାରୀ ୨୦୨୬ରୁ କର୍ମଚାରୀଙ୍କ DA ରେ ୨% ବୃଦ୍ଧି ହେବା ପ୍ରାୟ ନିଶ୍ଚିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୪ ତାରିଖରେ ହୋଲି ପଡୁଥିବା ବେଳେ, କର୍ମଚାରୀଙ୍କୁ ଖୁସି କରିବା ପାଇଁ ସରକାର ହୋଲି ପୂର୍ବରୁ ଏହି ବର୍ଦ୍ଧିତ DA ଘୋଷଣା କରିବାର ସମ୍ଭାବନା ରହିଛି । ଯଦି ଏହି ୨% ବୃଦ୍ଧି ଘଟେ, ତେବେ ବର୍ତ୍ତମାନ ମିଳୁଥିବା ୫୮% ମହଙ୍ଗା ଭତ୍ତା ବଢ଼ି ୬୦%ରେ ପହଞ୍ଚିବ । ଡିସେମ୍ବର ୨୦୨୫ ସୁଦ୍ଧା AICPI-IW ର ହାରାହାରି ସୂଚକାଙ୍କ ୧୪୫.୫୪ ରହିଛି । ସରକାରୀ ଫର୍ମୁଲା ଅନୁଯାୟୀ DA ପରିମାଣ ପ୍ରାୟ ୬୦.୩୩% ହେଉଛି । ସରକାର ସାଧାରଣତଃ ଏହାକୁ ରାଉଣ୍ଡ ଫିଗରରେ ରଖୁଥିବାରୁ, ଏହା ୬୦% ହେବା ଏକପ୍ରକାର ସ୍ପଷ୍ଟ । ସପ୍ତମ ବେତନ କମିଶନର ଅବଧି ଡିସେମ୍ବର ୨୦୨୫ରେ ଶେଷ ହୋଇଥିବା ବେଳେ, କର୍ମଚାରୀମାନେ ଏବେ ୮ମ ବେତନ କମିଶନ ଲାଗୁ ହେବାକୁ ଅପେକ୍ଷା କରିଛନ୍ତି । ଯଦିଓ ଏଥିପାଇଁ କିଛି ସମୟ ଲାଗିପାରେ, କିନ୍ତୁ DA ବୃଦ୍ଧି କର୍ମଚାରୀଙ୍କୁ ମହଙ୍ଗା ମାଡ଼ରୁ କିଛିଟା ଆଶ୍ୱସ୍ତି ଦେବ । ୮ମ ବେତନ କମିଶନ ଲାଗୁ ହେବା ପରେ ପ୍ରାୟ ୧.୧ କୋଟି ଲୋକଙ୍କ ଦରମା ଓ ପେନସନରେ ବଡ଼ ଧରଣର ବୃଦ୍ଧି ଘଟିବ । ଏହା କେବଳ ସରକାରୀ କର୍ମଚାରୀଙ୍କ ପାଇଁ ନୁହେଁ, ବରଂ ନିବେଶକ ଏବଂ ଭାରତୀୟ ପୁଞ୍ଜି ବଜାର ପାଇଁ ମଧ୍ୟ ବଡ଼ ସୁଯୋଗ ଆଣୁଛି । ଦରମା ବଢ଼ିବା ପରେ କର୍ମଚାରୀଙ୍କ ହାତକୁ ଅଧିକ ଟଙ୍କା ଆସିବ, ଯାହା ଫଳରେ ବଜାରରେ ଖର୍ଚ୍ଚ କରିବାର କ୍ଷମତା ବୃଦ୍ଧି ପାଇବ । କେଉଁ କେଉଁ କ୍ଷେତ୍ରଗୁଡ଼ିକ ଏଥିରୁ ସିଧାସଳଖ ଲାଭବାନ ହେବେ ଆସନ୍ତୁ ଜାଣିବା । କର୍ମଚାରୀମାନେ ନୂଆ ଗାଡ଼ି କିମ୍ବା ବାଇକ୍ କିଣିବାକୁ ଆଗ୍ରହ ଦେଖାଇବେ । ଦରମା ବୃଦ୍ଧି ଏବଂ ଏରିଅର୍ ଟଙ୍କା ପାଇବା ପରେ ଘର କିଣିବା କିମ୍ବା ଗୃହ ଋଣ ନେବା ସହଜ ହେବ । ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଏବଂ ବିଳାସପୂର୍ଣ୍ଣ ଜିନିଷର ଚାହିଦା ବଢ଼ିବ । ଲୋକଙ୍କ ପାଖରେ ଅଧିକ ନଗଦ ଟଙ୍କା ରହିବା ଫଳରେ ବ୍ୟାଙ୍କରେ ଜମା ବୃଦ୍ଧି ପାଇବ ଏବଂ ବ୍ୟକ୍ତିଗତ ଋଣର ମାତ୍ରା ମଧ୍ୟ ବଢ଼ିପାରେ । ଜଣେ ସଚେତନ ନିବେଶକ ଭାବେ କିଛି ଦିଗ ଉପରେ ନଜର ରଖିବା ଜରୁରୀ । ସରକାରୀ ଖର୍ଚ୍ଚ ବୃଦ୍ଧି ପାଇଲେ ଦେଶର ରାଜକୋଷ ଉପରେ ଚାପ ପଡ଼ିପାରେ । ଯଦି ସରକାରୀ ଋଣ ପରିମାଣ ବଢ଼େ, ତେବେ ଏହା ଦୀର୍ଘକାଳୀନ ଭିତ୍ତିରେ ବଜାରର ଗତିଶୀଳତା (Market Dynamics)କୁ ପ୍ରଭାବିତ କରିବାର ସମ୍ଭାବନା ରହିଛି ।

# ପକ୍ଷୀ ଜଗତର ଶିଳ୍ପୀ ବାଇ ଚଢେଇ ବିନାଶର କାରଣ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ବାଇ ଚଢେଇ ଗୋଟିଏ ଛୋଟିଆ ପକ୍ଷୀ। ଯାହାର କାର୍ଯ୍ୟକଳାପ ଆମେ ପିଲାଦିନେ ଆମେ ସାହିତ୍ୟ ବହିରେ ପଢିଛେ। ପକ୍ଷୀଟି ଦେଖିବା ପାଇଁ ଯେତିକି ସୁନ୍ଦର ତାର ବସା ତିଆରି କରିବା ଶୈଳୀ ବି ସେତିକି ସୁନ୍ଦର। ସେ ତିଆରି କରିଥିବା ତଳମୁଁହା ବାୟା ବସା ଆଜିର ସମାଜକୁ ଅନେକ କିଛି ଶିଖାଏ । ଭଗବାନଙ୍କ ସୃଷ୍ଟି ବଡ ବିଚିତ୍ର । ଭଗବାନ ତାଙ୍କ ସୃଷ୍ଟିରେ କେତେ ପ୍ରକାର ଜୀବ ଜଗତ ସୃଷ୍ଟି କରିଛନ୍ତି। ତାହା କହିବା ଅସମ୍ଭବ । ତେବେ ବାଇ ଚଢ଼େଇର କଥା ମନକୁ ଆସିଲେ ଆଜି ତାହା ବିରଳ ହେବାକୁ ବସିଲାଣି । କୋଉଠି ବା ଅଳ୍ପ ଅଳ୍ପ ଦେଖିବାକୁ ମିଳୁଛି କିନ୍ତୁ ତାଙ୍କ ସଂଖ୍ୟା ଘଟିବାର ଲାଗିଛି । ଧୀରେ ଧୀରେ ଲୋପ ପାଇବାକୁ ବସିଲେଣି ବାଇ ଚଢେଇ ।

ଆଜିର ଏ ଚାକଚକ୍ୟ କଙ୍କ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜକୁ ପ୍ରେରଣା ଦେଉଥିବା ବାଇ ଚଢେଇ ଅନେକ ଉତ୍ସ। କ୍ଷୁଦ୍ର ଏହି ପକ୍ଷୀ ବାଇ ଚଢେଇ ହେଲେ କଣ ହେବ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ ମଣିଷକୁ ବଞ୍ଚିବାର କୌଶଳ ଶିଖାଇଦିଏ। କବିଟିଏ ହେଉ ଅବା ଗୀତିକାର ରାସ୍ତାରେ ଯାଉଥିବା ସମୟରେ ଏଇ ବାଇ ଚଢେଇ ବସାଟିକୁ ଦେଖିଲେ ସୁନ୍ଦର ସୁନ୍ଦର କବିତା ଓ ଗୀତ ଆରମ୍ଭ କରିଦିଅନ୍ତି। ଟିକି ବାଇ ଚଢ଼େଇ ସମାଜକୁ ଦିଏ ବଡ ସଂଦେଶ । ହେଲେ ଆଜି ବିପଦରେ ଏହି ପକ୍ଷୀ, ମଣିଷ ଜଙ୍ଗଲ କାଟି ଗଢୁଛି କଂକ୍ରିଟ ସହର, ଲୋପ ପାଉଛନ୍ତି ସମାଜକୁ ପ୍ରେରଣା ଯୋଗାଉଥିବା ଏହିପକ୍ଷୀ। ବାଇ ଚଢଇ ଗୋଟିଏ ଛୋଟିଆ ପକ୍ଷୀ । ଯାହାର କାର୍ଯ୍ୟକଳାପକୁ ନେଇ ଆମ ପିଲାଦିନେ ସାହିତ୍ୟ ବହିରେ ପଢିଛେ । ପକ୍ଷୀଟି ଦେଖିବାକୁ ଯେତିକି ସୁନ୍ଦର ତାର ବସା ତିଆରି କରିବା କୌଶଳ ବି ସେତିକି ସୁନ୍ଦର । ସେ ତିଆରି କରିଥିବା ତଳମୁହାଁ 'ବାୟା ବସା' ଆଜିର ସମାଜକୁ ଅନେକ କିଛି ଶିଖାଏ । ତା ଜୀବନ ଶୈଳୀ ଲୋକଙ୍କୁ ବଂଚିବାର ବାଟ ଦେଖାଏ । ହେଲେ ଆଜିର ଏହି ଆଧୁନିକ ଚାକଚକ୍ୟ କଂକ୍ରିଟ ଦୁନିଆରେ ଲୋପ ପାଇବାକୁ ବସିଛନ୍ତି ମଣିଷ ସମାଜର ପ୍ରେରଣା ବାଇ ଚଢେଇ ଭଳି ଅନେକ ଉତ୍ସ। ନାନାବାୟା ଗୀତ ଗାଇ ପିଲାକୁ ଶୁଆଇ ଦିଏ ମାଆ । ବାଇ ଚଢେଇର ଉଦାହରଣ ଦେଇ ପିଲାଟି ଦିନରୁ ଜଣେ ଛୁଆକୁ ଜୀବନର ମୂଲ୍ୟ ବୁଝାଏ ମାଆ । କେବଳ ଏତିକି ନୁହେଁ ମଣିଷ ଜୀବନର ପ୍ରତିଟି ପାହାଚରେ ବାଇ ଚଢେଇର ଉଦାହରଣ ପରିଲକ୍ଷିତ ହୁଏ । ସେ ଘର ତୋଳିବା ହେଉ ବା ଭବିଷ୍ୟତ ପାଇଁ ପୁଞ୍ଜି ସଂଚୟ କରିବା, ସବୁ କ୍ଷେତ୍ରରେ ମଣିଷଠୁ ପାଦେ ଆଗରେ ଏହି ଛୋଟିଆ ପକ୍ଷୀ । କ୍ଷୁଦ୍ର ଏକ ପକ୍ଷୀ, ବାଇ ଚଢେଇ । ହେଲେ ଏହାର ଜ୍ଞାନ କୌଶଳ ଏବଂ ବସା ନିର୍ମାଣ କାରିଗରୀ, ମଣିଷ ଶିଖାଇ ଦିଏ ଜୀବନ ଜିଇଁବାର କୌଶଳ । ନିଜ ଛୁଆକୁ ସୁରକ୍ଷିତ ରଖିବା ସହ ନିଜେ ସୁରକ୍ଷିତ ରହିବା ପାଇଁ ଜନବସତି ଠାରୁ ଢ଼େର ଦୂରରେ, ଉଚ୍ଚ ଗଛରେ ନିଡଟିଏ ତିଆରି କରେ ମାଆ ବାଇ ଚଢେଇ । କୁନି ଥଣ୍ଟରେ କାଠି କୁଟା ସଂଗ୍ରହ କରି ଗଛ ଡାଳରେ ଏକ ସୁନ୍ଦର ବସାଟିଏ ଝୁଲେଇ ଦିଏ । ବସାର ମୁହଁକୁ ତଳମୁହାଁ କରେ । ଫଳରେ ବାୟା ବସା ପବନରେ ଦୋହଲେ ସିନା ହେଲେ ବର୍ଷା-ଖରାରୁ ତା ବାଇ ଚଢେଇକୁ ସୁରକ୍ଷା ଦିଏ ।

ପଲ୍ଲୀ କବି ନନ୍ଦକିଶୋର ବଳଙ୍କ ଧୋରେ ବାୟା ଧୋ, ସେହପରି ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ଗାଳ୍ପିକ କୈଳାସ ପଟ୍ଟନାୟକ ତାଙ୍କର ସ୍ଥାବର ଜଙ୍ଗମ ଉପନ୍ୟାସରେ ବାଇ ଚଢେଇକୁ ସ୍ଥାନ ଦେଇଛନ୍ତି । କୃଷକଟିଏ ହେଉ କି ବାଟରେ ଯାଉଥିବା ବାଟୋଇଟିଏ ହେଉ ଏଇ ସର୍ଜନାକୁ ଦେଖିଲେ ସବୁ ଦୁଃଖ କଷ୍ଟ ଭୁଲି ଯାଏ । ଟିକି ଚଢ଼େଇଟି ହେଲେ ମଧ୍ୟ ତାର ଛୋଟିଆ ଥଣ୍ଟରେ କାଠିକୁଟା ସଂଗ୍ରହ କରି ତାର ବସା ତିଆରି କରିଥାଏ । ଆଜିକାଲି ଆଉ ସେଇ ବାଇ ଚଢ଼େଇର ବାୟା ବସା ଆଉ ଦେଖିବାକୁ ମିଳୁନାହିଁ । 'ବାଇ ଚଢେଇରେ ବାଇ ଚଢେଇ ବା କଲେ ବସା ଦୋହଲୁ ଥାଇ । ବାଇ ଚଢେଇରେ ବାଇ ଚଢେଇ ତୋ ମା' ଯାଇଛି ଗାଈ ଚରେଇ, ଗଭୀର ବିଲରୁ ଆଣିବ ବେଲ କୋଳରେ ବସେଇ ଟଟେ କରିବ ଗେଲ' ଭଳି ପିଲା ଦିନେ ଏଭଳି ଅନେକ ଗୀତ ମାଆଙ୍କ ଠାରୁ ଶୁଣିଥିଲେ । ଗାଆଁ ହେଉ ଅବା ସହର ବାୟା ଚଢ଼େଇଙ୍କୁ ଲକ୍ଷ୍ୟ କରି ଅନେକ ଶିଶୁଗୀତ ରଚିତ ହୋଇଅଛି ଓ ଶୁଣିବାକୁ ମିଳେ । ଯଥା - 'ଧୋଓରେ ବାୟା ଧୋ ! ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ'। 'ବାୟାର କି ଯାଏ, ବାଆ କଲେ ବସା ଦୋହେଲୁ ଥାଏ ' ବାୟା ମାଆ ଯେ ସରୁ କାଟେଣୀ, ଝିଅକୁ ପିନ୍ଧାଏ ପାଟ ପଟନୀ, ପୁଅକୁ ପିନ୍ଧାଏ ନେତ, ଆପେ ପିନ୍ଧିଥାଏ କଳା ବୋଇତ ଲୋ, ଉଡ଼େଇ ନଉଛି ଭୂତ । ଗୋଟିଏ ପଟେ ଗାଁ ଅନ୍ୟପଟେ ବାଇ ଚଢ଼େଇର ବସାକୁ କବିଟିଏ କେତେ ଭାବେ ସୁନ୍ଦର କବିତା ଲେଖିବା ପାଇଁ । ପରିବେଶପ୍ରେମୀଙ୍କୁ ବେଶ ଆନନ୍ଦ ଦେଇଥାଏ ବାଇ ଚଢ଼େଇର ଏଇ କିଚିରିମିଚିରି ଶବ୍ଦ । ବର୍ତ୍ତମାନ ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଜଙ୍ଗଲ ନଷ୍ଟ ଫଳରେ ଜୀବଜଗତ ଉପରେ ଏହାର କୁପ୍ରଭାବ ପଡିଛି । ଏହାରି ଭିତରେ ଲୋପ ପାଇବାକୁ ବସିଲାଣି ବାଇ ଚଢେଇ । ତେବେ ପ୍ରକୃତିପ୍ରେମୀ ଓ ସାଧାରଣ ଲୋକେ ବାଇ ଚଢ଼େଇର ସୁରକ୍ଷା ପାଇଁ ପାଇଁ ଆଗେଇ ଆସିଲେ ଆଗପାରି ପୁଣି ଶୁଭିପାରାନ୍ତା ବାଇ ଚଢ଼େଇର ସେଇ ଗୀତ । 'ବାୟା ଚଢ଼େଇରେ ବାୟା ଚଢ଼େଇ, ତୁ ଯାଆ ଯାଆ ବଣକୁ, କୁହୁଡ଼ି କାକର ମାଡ଼ି ଆସୁଛି ତୋ ଟାଙ୍ଗରା ମୁଣ୍ଡକୁ'। କୁନି ଚଢ଼େଇଟି ନିଜର ପରିବାର ସହ ରହିବା ପାଇଁ ବଡ଼ ବଡ଼ ଗଛରେ ବସା ବାନ୍ଧି ଥାଏ । ସେମାନେ ଏଭଳି ବସା ତିଆରି କରିଥାନ୍ତି ଯାହା ବର୍ଷା ହେଉ କି ଝଡ କୌଣସି କ୍ଷତି ପହଞ୍ଚି ନଥାଏ। ତଥାପି ଝଡ ବତାସକୁ ଖାତିର ନ କରି ବିଭିନ୍ନ ଗଛରେ ସୁଲୁସୁଲିଆ ପବନରେ ନିଜର ସ୍ୱର ବାହାର କରି ସଂଗୀତର ଅପୂର୍ବ ମୂର୍ଚ୍ଛନା ଗାନ କରିଥାଏ ।

ଏହି ଛୋଟ ସୁନ୍ଦର ବାଇ ଚଢେଇ ତାଳ, ନଡ଼ିଆ ଓ ଅନ୍ୟ ବଡ଼ ବଡ଼ ଗଛର ଅଗ ଡାଳରେ ପତ୍ରମାନଙ୍କ ସରୁ ତନ୍ତୁଦ୍ୱାରା ବୋତଲ ପରି ସରୁମୁହାଁ ବସା ବୁଣି ଝୁଲାଇ ଥାଆନ୍ତି ଓ ବସାର ତଳ ପାଖେ ବାଟ ରଖି ଥାଆନ୍ତି ଏମାନେ ଦଳ ଦଳ ଆସି ପାଚିଲା ଧାନ କ୍ଷେତରୁ ବହୁତ ଧାନ ଖାଇ ଯାଆନ୍ତି ଯାହା ଦେଖିବାକୁ ଭାରି ଭଲ ଲାଗେ। ସବୁଠାରୁ ବଡ କଥା ହେଉଛି ଆଜିର ଦୁନିଆରେ ମଣିଷ ଯୌଥ ପରିବାରରୁ ଦୂରେଇ ଯାଉଥିବା ବେଳେ ଏମାନେ ଗୋଷ୍ଠୀଗତ ଭାବେ ରହୁନ୍ତି । ଆଉ ଏ ମଣିଷ ସମାଜକୁ ବୁଝାଇ ଦିଅନ୍ତି, ଗୋଟିଏ ପରିବାରରେ ଏକାଠି ରହିବାର ମହତ୍ତ୍ୱ କେତେ । ବାଇ ଚଢେଇର ଜୀବନ ଶୈଳୀ ଆଗକୁ ଆସୁଥିବା ଝଡଝଂଜାକୁ ସାମ୍ନା କରିବା ପାଇଁ ସାହସ ଯୋଗାଏ । ସବୁ ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପ୍ରେରଣା ଦିଏ । କେବଳ ବାଇ ଚଢେଇ ନୁହେଁ, ପ୍ରାକୃତିକ ପରିବେଶ ଓ ଜୀବଜଗତ ଲୋକଙ୍କୁ ଅନେକ କିଛି ଶିଖାଏ, ହେଲେ ଆଜିର ଏହି ଆଧୁନିକ ସମାଜରେ ମଣିଷ କଂକ୍ରିଟ୍ ସହର ତୋଳୁଥିବା ବେଳେ ବାଇ ଚଢେଇ ଭଳି ଅନେକ ପ୍ରେରଣାର ଉତ୍ସ ଲୋପ ପାଇବାରେ ଲାଗିଛି।

ବାଇ ଚଢେଇ ର ବିଭିନ୍ନ ରୂପ ଅଛି । ବାୟା ଚଢ଼େଇଙ୍କୁ କେହି କେହି 'ତାଳବାୟା' କୁହାଯାଏ। ଏମାନେ ତାଳ ଗଛ ଅଗରେ ବାୟା ଚଢ଼େଇଙ୍କ ପରି ବସା ବାନ୍ଧନ୍ତି । ଏମାନଙ୍କ ଥଣ୍ଟ ତାଙ୍କଠାରୁ ଟିକେ ଛୋଟ ଓ ଥଣ୍ଟର ଅଗ ବଙ୍କା ଓ ଚଉଡ଼ା ଏମାନେ ଉଡ଼ି ଉଡ଼ି ପୋକ ଧରି ଖାଆନ୍ତି । ଜଙ୍ଗଲ କାଟି ଲୋକେ ଏବେ ଘର ତିଆରି କରୁଛନ୍ତି । ଯାହା ଫଳରେ ବାଇ ଚଢ଼େଇଟିଏ ରହିବାକୁ ଆଉ ଜାଗା ପାଉନି। ତେଣୁ ଜୀବ ଜଗତର ଏଇ ବିଚିତ୍ର ପକ୍ଷୀ ଏବେ ବିଲୁପ୍ତପ୍ରାୟ । ସାଧାରଣତଃ ମେ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ବାଇ ଚଢ଼େଇ ତା'ର ବସା ବାନ୍ଧିଥାଏ । ଆଉ ଏ ବସା ଦେଖିବାକୁ ଖୁବ ସୁନ୍ଦର । ଯଦି ଝଡ଼ ଆସେ ଆଉ ବସାକୁ ଛିଡାଇ ଦିଏ ତଥାପି ବାଇ ଚଢ଼େଇ ହାର ମାନି ନଥାଏ। ଗାଁ, ଗଛ ଓ ବାଇ ଚଢ଼େଇ ଏମାନେ ଯେମିତି ପରସ୍ପର ଭିତରେ ଜଡ଼ିତ । ମଣିଷର ଆଧୁନିକ ଜୀବନଶୈଳୀ ପ୍ରକୃତିକୁ ଅନେକ ମାତ୍ରାରେ ପ୍ରଭାବିତ କରିଛି। ଝାଟିମାଟି ଚାଳଘର ଏବେ ପକ୍କାଘରରେ ପରିଣତ ହୋଇଛି। ଗାଁର କାଦୁଅ ମାଟି ରାସ୍ତା ସହରୀ ପକ୍କାରାସ୍ତା ଭଳି ଚିକ୍ ଚିକ୍ କରୁଛି। ଏଭଳି ଚାକଚକ୍ୟ ଜୀବନଶୈଳୀ ଭିତରେ ମଣିଷ ଅନେକ କିଛି ହରେଇସାରିଛି, ଯାହାସବୁ ଆଜିର ପିଲାଙ୍କ ପାଇଁ କାହାଣୀ ପାଲଟିଯାଇଛି। ଚାଳଘର ଲୋପପାଇବା କାରଣରୁ ଘର ଚଟିଆକୁ ଆଉ ଦେଖିବାକୁ ମିଳୁନାହିଁ। ରାସ୍ତାକଡ଼ରେ ଥିବା ବଡ ବଡ ତାଳଗଛ ଧ୍ୱଂସ ପାଇବା ଫଳରେ ଘର ଚଟିଆ ପରି ବାଇ ଚଢେଇ ବସା କି ବାଇ ଚଢେଇକୁ ଦେଖିବାକୁ ମିଳୁନାହିଁ। ଯାହାକି ବର୍ତ୍ତମାନ ପିଲାଙ୍କ ପାଇଁ ବାଇ ଚଢେଇ ଏବଂ ତାର ବସା ଏକ କାହାଣୀ ପାଲଟିଯାଇଛି। ବାଇ ଚଢେଇ ଭଳି କ୍ଷୁଦ୍ର ପକ୍ଷୀର ବାୟା ବସା ମଣିଷ ପାଇଁ ଅନେକ ପ୍ରେରଣା ଯୋଗାଇଥାଏ। ବଡ ବଡ ତାଳଗଛରେ ଲମ୍ବା ଲମ୍ବା ସରୁ ଲହ ସାହାଯ୍ୟରେ ତାର କୁନି ଥଣ୍ଟରେ ତିଆରି କରିଥାଏ ତା'ର ବାୟା ବସା। ଏହା ଦେଖିବାକୁ ଯେମିତି ସୁନ୍ଦର ଲାଗେ। ସେପରି ଏତେ ଛୋଟ କ୍ଷୁଦ୍ରପକ୍ଷୀ ଏତେ ଉଚ୍ଚାରେ କୁନି ଥଣ୍ଟରେ ତିଆରିଥିବା ବାୟାବସା କଥା ମଣିଷ ମନରେ ଅନେକ ପ୍ରଶ୍ନ ଛିଡା କରିଥାଏ। ବାଇ ଚଢେଇ ବସା ବର୍ଷା, ଝଡ ପବନରେ ଝୁଲୁଥିବା ଦେଖିଲେ ବହୁତ ଆନନ୍ଦ ଲାଗେ। ତା'ର କିଚରି ମିଚରି ଶବ୍ଦ ପରିବେଶକୁ ଗୁଞ୍ଜରିତ କରିଥାଏ । ଏମାନଙ୍କ ସଂରକ୍ଷଣ ଓ ବଂଶ ବୃଦ୍ଧି ପାଇଁ ଆମେ ସଜାଗ ହେବା ସହିତ ସରକାର ସ୍ତରରେ ମଧ୍ୟ ପ୍ରଚେଷ୍ଟା ରହିବା ମଧ୍ୟ ନିତ୍ୟାନ୍ତ ଆବଶ୍ୟକ।

# ପଞ୍ଜୁରୀ ପ୍ରେମ



ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ, ମହାବିଦ୍ୟାଳୟ,
ଭଦ୍ରକ,ମୋ:୮୮୯୫୩୪୧୦୩୩

କର୍ମନିଯୁକ୍ତି କ୍ଷେତ୍ରରେ ବାସସ୍ଥଳୀର ଆବଶ୍ୟକତା ରହିଛି। କର୍ମରେ ନିଯୁକ୍ତ ପ୍ରତ୍ୟେକ ବ୍ୟକ୍ତି ମୁଣ୍ଡ ଗୋଞ୍ଜିବାପାଇଁ ଅନେକ ଆବଶ୍ୟକତା ମଧ୍ୟରୁ ପ୍ରାଥମିକ ଆବଶ୍ୟକତା ରୂପେ ଖଣ୍ଡେ ଘର ଖୋଜେ। ଆଜିର ସମୟରେ ଦୂରଦୁରାନ୍ତରୁ କର୍ମନିଯୁକ୍ତ ବ୍ୟକ୍ତିଟିଏ ପାଇଁ ଭଡାଘର ଛଡ଼ା ଅନ୍ୟକିଛି ଉପାୟ ନାହିଁ। ଓଡ଼ିଶାର ଅବସ୍ଥିତ ବିଭନ୍ନ ସହରରେ ଭଡାଘରଟେ ଖୋଜିପାଇବା ବଡ଼ କଷ୍ଟସାଧ୍। କାରଣ ନିଜ ବଜେଟ୍ ସହ ଉପଯୁକ୍ତ ଘର ମିଳିବା ଓ ମନଖୋଲି ଚଳିବାର ସ୍ୱାଧୀନତା ସବୁଠୁ ପ୍ରମୁଖ ବିଷୟ। ତାଠାରୁ ଅଧିକ ଯନ୍ତ୍ରଣାପୂର୍ଣ୍ଣ ଘରମାଲିକମାନଙ୍କର ବ୍ୟବହାର। କାରଣ ଗୁଡ଼ାଏ କଟକଣା ଓ ନୀତିନିୟମ ଭିତରେ ଘରଖଣ୍ଡେ ଭଡ଼ାସୂତ୍ରରେ ମିଳେ। ଘରମାଲିକ ରହୁଥିବା ଘରେ ରହିବା ଏକପ୍ରକାର ଅନୁଶାସନପୂର୍ଣ୍ଣ। ସେଥିରେ ଅନ୍ତର୍ଭୁକ୍ତ ବିଜୁଳି, ପାଣି ଓ ଲୋକ ଗହଳିର ସତର୍କ ଘଣ୍ଟି। ଏହା ସହ ପାରିପାର୍ଶ୍ୱିକ ଅବସ୍ଥିତି ମଧ୍ୟ ଅନ୍ୟ ଏକ ସମସ୍ୟା। ଏସବୁ ସତ୍ତ୍ୱେ ଦୁଇ ମହଲା ଉଡାଘର ଖୋଜିପାଇଲି। ଉପରେ ମହଲାରେ ଘର ମାଲିକଙ୍କ ପରିବାର। ଏକ ସୁନ୍ଦର ସବୁଜିମା ତଥା ଶାନ୍ତ ପରିବେଶ ମଧ୍ୟରେ ଅବସ୍ଥିତ ଆମର ଭଡା ବାସସ୍ଥଳୀଟି। ସେଥିରେ ଅନ୍ୟ ଏକ ସଦସ୍ୟରୂପେ ମାଉସୀଙ୍କ ଅତିପ୍ରିୟ ଗେହ୍ଲା ମିଟୁ ଯିଏ ବିଗତ ଦୁଇ ଦଶନ୍ଧି ହେବ ତାଙ୍କ ସହ ରହୁଛି। ମିଟୁକୁ କେବେ ପଞ୍ଜୁରୀ ମଧ୍ୟରେ ତ ଆଉ କେବେ ଖୋଲାରେ ଚାଲିବୁଲିବାର ଦୃଶ୍ୟ ଦେଖିବାକୁ ମିଳେ। ପଞ୍ଜୁରୀ ମଧ୍ୟେ ଆବଦ୍ଧ ମିଟୁ କେବେଠୁ ଉଡ଼ିବା ଭୁଲିଗଲାଣି। ଅନେକ ସମୟରେ ଡେଣା ଝାଡେ ହେଲେ ଉଡ଼ିଯିବାକୁ କେବେ ଦୁଃସାହସ କରିନାହିଁ। ଭାରତର ଲୋକମାନେ ଶୁଆସାରୀଙ୍କୁ ଘରେ ରଖିବାକୁ ଖୁସି ପାଆନ୍ତି। ବାସ୍ତବରେ ରଙ୍ଗବେରଙ୍ଗର ପକ୍ଷୀମାନଙ୍କୁ ପଞ୍ଜୁରୀ ମଧ୍ୟରେ ଆବଦ୍ଧ ରଖି ମଣିଷ ଖୁସି ଅନୁଭବ କରେ। ତା ଭଲ ପାଇବାକୁ ପଞ୍ଜୁରୀ ଆବଦ୍ଧରେ ଥିବା ଶୁଆସାରୀଙ୍କୁ ବାଣ୍ଟିବାକୁ ଚାହେଁ। ବଜାରରୁ ଫଳଫୁଲ କିଣି ତାକୁ ଖୁଆଇବାରେ ଯେଉଁ ଆନନ୍ଦ ପାଏ ସେକଥା ସେମାନଙ୍କୁ ହିଁ ଜଣା। ଅଧିକାଂଶ ମଣିଷ ନିଜଘରେ କିଛି ପଶୁପକ୍ଷୀଙ୍କ ରଖି ଆତ୍ମିକ ସୁଖ ଅନୁଭବ କରନ୍ତି। ଯଦି ଏଥିରୁ ମଣିଷ ଆନନ୍ଦ ନପାଆନ୍ତା ତେବେ ଭାରତ ବର୍ଷରେ ବିଭିନ୍ନ ରାଜ୍ୟରେ ତାରଜାଲି ଆବଦ୍ଧ କରି ପଶୁପକ୍ଷୀମାନଙ୍କୁ ଆକର୍ଷଣର କେନ୍ଦ୍ରବିନ୍ଦୁ କରାଯାଆନ୍ତା ନାହିଁ। ମୁକ୍ତ ଆକାଶର ବିହଙ୍ଗଙ୍କୁ ବନ୍ଦୀକରି ମଣିଷ ଯେଉଁ ଆନନ୍ଦ ଅନୁଭବ କରେ ତାର ହିସାବ କରିହେବନି। ଯାହାକିଛି କରୁଛି ମଣିଷ କେବଳ ନିଜର ଖୁସିପାଇଁ। ତା ଖୁସି ନିକଟରେ ଅନ୍ୟର ସ୍ୱାଧୀନତାର କୌଣସି ଅର୍ଥନାହିଁ। ଗାଁରେ ଛୋଟବେଳେ ବଣିଚଢ଼େଇ ଧରିବାପାଇଁ ତାଳଗଛ ବରଗଛରେ ଥିବା ଖୋପକୁ ଶିଢି ପକେଇ ସାଙ୍ଗମାନଙ୍କ ସହ ଚଢିବାର ଅନେକଥର ଦୁଃସାହସ କରି କେବେ ସଫଳ ପୁଣି କେବେ ବିଫଳ ହୋଇଛି।

ଉପର ମହଲା ବାଲକୋନୀରେ ମିଟୁକୁ ମାଉସୀ ଅତି ଯତ୍ନରେ ରଖନ୍ତି। ପ୍ରତିଦିନ ସକାଳୁ ଖାଇବାକୁ ଦେଇ ନିଜ କାମରେ ଲାଗି ପଡନ୍ତି। ସମୟେ ସମୟେ ମାଉସୀଙ୍କ ବ୍ୟସ୍ତତାପାଇଁ ମିଟୁ ଏକୁଟିଆ ଅନୁଭବ କରେ। ତାପାଖରେ କେହିନଥିଲେ ମାଉସୀଙ୍କୁ ମା ମା କହି ଡାକ ଛାଡେ ତାହା ଅନେକ ଥର ଶୁଣିଛି। ଖରାବେଳେ ତାକୁ ଗାଧୋଇ ପରିଷ୍କାର ପରିଚ୍ଛନ୍ନ କରି ତାକୁ କିଛି ସମୟ ପଞ୍ଜୁରୀମୁକ୍ତ କରନ୍ତି। ବିଚରା ମିଟୁ ମାଉସୀଙ୍କୁ ନିଜ ମା ଓ ପଞ୍ଜୁରୀକୁ ନିଜର ଦୁନିଆଭାବେ ଢେର୍ ଦିନ ହେବ ଗ୍ରହଣ କରିନେଇଛି। ତାର ସୁଖଦୁଃଖ ମାଉସୀଙ୍କ ହାତରେ। ବେଳେବେଳେ ଅଭିମାନ କରି ଚୁପଚାପ୍ ଶୋଇପଡେ। ଆମେ ରହିବା ପରଠୁ ମାଉସୀଙ୍କ ପରିବାର କୁଆଡେ ଦୂରସ୍ଥାନ କିମ୍ବା ବନ୍ଧୁବାନ୍ଧବ ଘର ବୁଲିବାକୁ ଗଲେ ମିଟୁକୁ ଆମ ପାଖରେ ଜିମା ଦେଇଯାନ୍ତି। ଅନେକ ସମୟରେ ମିଟୁକୁ ଖୋଲା ଛାଡ଼ି ତାସହ ମନୋରଞ୍ଜନ କରୁ। ସେ ବି ଆମ ପାଖରେ ଖୁସି ଅନୁଭବ କରେ। ତାର ଉପଯୁକ୍ତ ଯତ୍ନ ନେବାରେ ଆମ ପରିବାର କେବେ ଅବହେଳା କରେନାହିଁ। ବିଗତ ଗୋଟେ ବର୍ଷରୁ ଅଧିକ ସମୟ ହେଲାଣି ମିଟୁ ଟିକେ ଅବେହେଳିତ ହେଲାଭଳି ଲାଗେ। ମାଉସୀଙ୍କ ନାତି ଜନ୍ମ ହେବାର କିଛିଦିନ ପୂର୍ବରୁ ମିଟୁ ପ୍ରତି ଅନେକଟା ଧ୍ୟାନ କମିଯାଇଛି। ବାସ୍ତବରେ ମଣିଷ ଓ ମଣିଷ ଛୁଆଙ୍କ ଯତ୍ନ ତଥା ଲାଳନପାଳନ ଏକ କଷ୍ଟସାଧ ବ୍ୟାପାର। ଗାଈଗୋରୁ, ଛେଳିମେଣ୍ଢା ତଥା ଅନ୍ୟାନ୍ୟ ପଶୁପକ୍ଷୀଙ୍କୁ ଘାସକୁଟା, ପେଜତୋରାଣି ଦେଇ ବେକରେ ରସିବାନ୍ଧି ସମ୍ଭାଳି ହୁଏ କିନ୍ତୁ ମଣିଷକୁ ନୁହେଁ। ମୁକ୍ତହୋଇ ବୁଲୁଥିବା ପ୍ରତିଟି ପ୍ରାଣୀ ନିଜ ମନର ରାଜା ଏକଥା କେଉଁ ଏକ ପାଠ ପୁସ୍ତକରେ 'ବଣ ଓ ବଣି' କବିତାରେ ବର୍ଣ୍ଣିତ। ମହୁଲ ଡାଳରେ ବସି ଥଣ୍ଟ ଘସୁଥିବା ବଣିକୁ କୁନା ସୁନା ପଞ୍ଜୁରୀର ଲୋଭ ଦେଖାଇ ସର ଓ ଲବଣୀ, ଫଳ ଆଦି କିଣି ଖୁଆଇବାର ମୋହରେ ବାନ୍ଧି ରଖିବାକୁ ସୂଚନା ଦେଇ ମଧ୍ୟ ନିରୁପାୟ ହେଲା। ଖୋଲା ଆକାଶରେ ଉଡିବୁଲିବାର ସୁଖ କଣ ସୁନାପଞ୍ଜୁରୀ ଓ ସୁସ୍ୱାଦୁ ବ୍ୟଞ୍ଜନ ଆଣିଦେବକି ଏକଥା ବଣିର ପ୍ରତ୍ୟୁତ୍ତର ଥିଲା। ମଣିଷର ପ୍ରେମ ଏକ ସ୍ୱାର୍ଥ ସମ୍ପନ୍ନ। ନିସ୍ୱାର୍ଥପର ପ୍ରେମ ଏ ସଂସାରେ ଅଛି କେଉଁଠି ? ଲୁକାୟିତ ଅବସ୍ଥାରେ କେଉଁଠି ନା କେଉଁଠି ପ୍ରେମରେ ସ୍ୱାର୍ଥ ନିହିତ। ସବୁ ତ୍ୟାଗ ପଛରେ ମଣିଷର କିଛି ନା କିଛି ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ। ତାହା ମହତ୍ ହେଉକି ନିଜସ୍ୱ ।ସବୁ କର୍ମ ମୂଳରେ ମାନସିକ ହେଉକି ଶାରିରୀକ ଆନନ୍ଦ ଜଡ଼ିତ । ମନର ମୂଳେ ଏ ଜଗତ। ତେଣୁ ଜାଗତିକ ଆନନ୍ଦ ଜଗତରେ ଥିବା ଜୀବ ଓ ଅଜୀବ ସହ ସଂଶ୍ଳିଷ୍ଟ। ତାହା କେବେ ପ୍ରକୃତି, ପୁଣି ପ୍ରକୃତି ମଧ୍ୟରେ ଥିବା ବିବିଧତାକୁ ନେଇ। ପ୍ରେମ ଚିରନ୍ତନ, ଶାଶ୍ୱତ ହୋଇପାରେ କିନ୍ତୁ ପ୍ରେମ କରୁଥିବା ଲୋକମାନଙ୍କର ପ୍ରେମ ଚିରନ୍ତନ ନୁହେଁ। ପ୍ରେମ ସ୍ୱାର୍ଥ ସହ ସର୍ତ୍ତମୂଳକ। ସନ୍ତାନ ସନ୍ତତିଙ୍କ ପ୍ରତି ପିତାମାତାଙ୍କର ଆବେଗକୁ ଯଦି ନିସ୍ୱାର୍ଥ ପ୍ରେମ କହିବା ତାହା ସମ୍ପୂର୍ଣ୍ଣ ଭୁଲ। ପ୍ରତ୍ୟେକ ଜନ୍ମଦାତ୍ରି ସେ ମଣିଷ ହେଉକି ପଶୁପକ୍ଷୀ ସମସ୍ତଙ୍କ କ୍ଷେତ୍ରରେ ନିଜ ସନ୍ତାନସନ୍ତତିକୁ ନେଇ ଅହେତୁକ ଅନୁକମ୍ପାର ବ୍ୟାକୁଳତା ଦେଖିବାକୁ ମିଳେ। କାରଣ ନିଜ ଶରୀରପାଇଁ ଆମର ଅନେକ ଲୋଭ। ଶାରିରୀରୁ ଉତ୍ପତ୍ତି ଏକ ଶାରିରୀର ସୁରକ୍ଷା ଏକ ବୃହତ୍ ଦାୟିତ୍ୱ। ଏ ବିଶ୍ୱର ସମସ୍ତ ମାଙ୍କ ହୃଦୟରେ ନିଜ ଜନ୍ମିତ ସନ୍ତାନଙ୍କ ପ୍ରତି ଏକ ସ୍ୱତନ୍ତ୍ର ପ୍ରେମ ଯାହାର ନିଦର୍ଶନ ନିଆରା। ମିଟୁକୁ ଭଲ ପାଇବା ଓ ତା ମନକଥା ବୁଝିବା ଏକା କଥା ନୁହେଁ। ପଞ୍ଜୁରୀ ମଧ୍ୟେ ଆବଦ୍ଧ କରି ମଣିଷ କାହାକୁ ଭଲ ପାଇବାର ମାନେ କଣ ? ଅନ୍ୟକୁ ଶାରିରୀକ କ୍ଳେଶଦେଇ ନିଜ ପ୍ରେମକୁ ଅଜାଡ଼ି ଦେଲେ ଲାଭ କଣ ? ବଞ୍ଚିବାର ସ୍ୱାଧୀନତାରୁ ହିଁ ହୁଏ ପ୍ରେମର ଆରମ୍ଭ। ଆଜିବି ମିଟୁଭଳି କିଛି ପ୍ରାଣୀ ଏ ସଂସାରରେ ପଞ୍ଜୁରୀ ଭିତରେ ଆବଦ୍ଧ ହୋଇ ନିଜର ସ୍ୱାଧୀନତାକୁ ଭୁଲି ଗଲେଣି। କିଛି ନିରୀହ ଆଖିର ଲୁହରେ ପ୍ରେମ ଶବ୍ଦ ଅର୍ଥ ଏବେବି ଅବୁଝା।

# ବହୁଭାଷୀ ଶିକ୍ଷା ଉପରେ ଯୁବ ସ୍ୱର



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ଫେବୃୟାରୀ ୨୧ ତାରିଖ ଥିଲା ଆନ୍ତର୍ଜାତୀୟ ମାତୃଭାଷା ଦିବସ । ମାତୃଭାଷା ପାଇଁ ଚିନ୍ତା କରିବାର ଦିନଟିଏ। କୁହାଯାଏ ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡିର ସଂପର୍କ ରହିଛି। ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ବିଶେଷତଃ ଭାରତ ଭଳି ବହୁଭାଷାଭାଷୀ ଦେଶ ପାଇଁ ମାତୃଭାଷାର ସୁରକ୍ଷା ଅପରିହାର୍ଯ୍ୟ । ତାନହେଲେ ଭବିଷ୍ୟତରେ ଭାଷା ସଂକଟ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମହାତ୍ମା ଗାନ୍ଧି କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜ୍ୟା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏ କଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି। ଆଜି ମଧ୍ୟ ୨୫୦ ନିୟୁତ ଶିଶୁ ଓ ଯୁବକ ବିଦ୍ୟାଳୟକୁ ଯାଉନାହାଁନ୍ତି । ଏପରିକି ୭୬୩ ନିୟୁତ ବୟସ୍କ ବ୍ୟକ୍ତି ମଧ୍ୟ ମୌଳିକ ସାକ୍ଷରତା ଦକ୍ଷତା ସିକ୍ଷା ହାସଲ କରିନାହାଁନ୍ତି । ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ ଆମ ପାଇଁ ସଂକଳ୍ପ ଓ ସମର୍ପଣର ଦିବସ ହେଉ ।

ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ" ୧୯୯୯ ମସିହା ନଭେମ୍ବର ୧୭ ତାରିଖରେ ଘୋଷଣା କଲା ଯେ ଫେବ୍ରୁଆରୀ ୨୧ ତାରିଖକୁ ସମଗ୍ର ବିଶ୍ୱରେ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉ। ତଦନୁଯାୟୀ ୨୦୦୦ ମସିହା ଠାରୁ ଫେବୃୟାରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଇ ଆସୁଅଛି । ଉଦ୍ଦେଶ୍ୟ ହେଲା ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସେହ୍ନ, ଭାଇଚରା ଓ ସ୍ୱଦେଶ ପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ । ଏହା ଯେଭଳି ଭାରତ ପାଇଁ ପ୍ରଯୁଜ୍ୟ ପୃଥିବୀର ଅନ୍ୟ ଦେଶମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଭାବେ ପ୍ରଯୁଜ୍ୟ । ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି। କିନ୍ତୁ ଆଗାମୀ ଏକ ବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ। କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି। ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା: ଚୀନ, ଇଂରାଜୀ, ହିନ୍ଦୀ, ସ୍ପାନିଶ୍, ରୁଷ, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ।

ଆନ୍ତର୍ଜାତିକ ମାତୃଭାଷା ଦିବସ ପାଳନ କରାଯିବା ଅବସରରେ ଆମ ମାତୃଭାଷା ଓଡିଆର ସ୍ଥିତି କେଉଁଠି ତାହା ନକହିବା ଭଲ । ୧୯୩୬ ମସିହା ଏପ୍ରିଲ୍ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା। ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ ଦାସ, ପାରଳା ରାଜା କୃଷ୍ଣଚନ୍ଦ୍ର ଦେବ ପ୍ରମୁଖ ମହାନ୍ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଂଚଳକୁ ନେଇ ଏଇ ସ୍ୱପ୍ନ ସାକାର ହେଲା। ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୯ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି। ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା। ଭାଷାର ପ୍ରସାର ପ୍ରଚାର ତ ଦୂରର କଥା, ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । କେବଳ ସେତିକି ନୁହେଁ, ଆମ ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତ ବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଲଳିତ ପଦାବଳୀର କବି ଜୟଦେବ, କଥା ସମ୍ରାଟ ଫକୀର ମୋହନ, ଭାଗବତ ପ୍ରଣେତା ଜଗନ୍ନାଥ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ ।

ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଏହାର ମୂଳ କାରଣ ହେଉଛି ଏ ପର୍ଯ୍ୟନ୍ତ ଓଡିଆ ଭାଷା ସଂପୂର୍ଣ୍ଣ ଭାବେ ସରକାରୀ ଭାଷାର ପୂର୍ଣ୍ଣ ମାନ୍ୟତା ପାଇନାହିଁ । ୧୯୫୪ ମସିହାରେ ତତ୍‌କାଳୀନ ରାଜ୍ୟ ସରକାର ଓଡିଆ ଭାଷାକୁ ସରକାରୀ ଭାଷାକରିବା ପାଇଁ ଅଧିନିୟମ ପ୍ରଣୟନ କରିଥିଲେ । ଏଥିପାଇଁ ଶବ୍ଦକୋଷ ସଂକଳନ କରାଯାଇଥିଲା । ମାତ୍ର ତାହା ଅଧାପନ୍ତରିଆ ହୋଇରହିଗଲା । ପୁନଶ୍ଚ ୧୯୮୫ ମସିହାରେ ଓଡିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେବାପାଇଁ ତତ୍‌କାଳୀନ ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ । ଏଥିପାଇଁ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯାଇଥିଲା । ଏପରିକି ଓଡିଆ ଟାଇପ୍ ମେସିନ୍ କିଣାଯାଇ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯୋଗାଇ ଦିଆଯାଇଥିଲା । କିନ୍ତୁ ଆନ୍ତରିକତା ଓ ଇଚ୍ଛାଶକ୍ତି ଅଭାବରୁ ତାହା ମଧ୍ୟ ଆଗେଇ ପାରିଲା ନାହିଁ । ଖୁସିର କଥା ସରକାର "ଓରିଆ କୁ ଓଡିଆ" ଓ "ଓରିଶା କୁ ଓଡିଶା" କରିବାର ଠିକଣା ପଦକ୍ଷେପ ନେଇଛନ୍ତି । ଇତି ମଧ୍ୟରେ ଓଡିଆ ଭାଷା ୬ଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟଭାଷା ଭାବେ ଶାସ୍ତ୍ରୀୟ ମାନ୍ୟତା ପାଇଛି । ଯେଉଁ ଭାଷାକୁ ଦିନେ ଅନ୍ୟମାନେ ଆଡନଜରରେ ଦେଖୁଥିଲେ ଓ ଓଡିଆ ଭାଷା ଏକ ଭାଷା ନୁହେଁ ବୋଲି କହୁଥିଲେ ସେ ଭାଷା ଆଜି ଜାତୀୟ ସ୍ୱୀକୃତି ଲାଭ କରିଛି

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟ କ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡ଼ିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀ ମାନଙ୍କର ନିଜସ୍ୱ ଭାଷା ଯଥା: ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରସ୍ଥିତିରେ ଭାଷାର ପ୍ରସାର-ପ୍ରଚାର ତ ଦୁରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମ ପାଇଁ ଅଲୋଡା ହୋଇଯାଇଅଛି ।

ଏବେ ଚିନ୍ତା କରିବାର ବେଳ ଆସିଛି। ମାତୃଭୂମି ଓ ମାତୃଭାଷାକୁ ଉପେକ୍ଷା କରି କେହି କେବେ ବଡ ହୋଇନାହିଁ । ଆମ ଭିତରେ ଥିବା ହୀନମନ୍ୟତାକୁ ଦୂର କରିବାକୁ ହେବ । ଇଂରାଜୀ ସମେତ ଅନ୍ୟ ଭାଷା ଶିଖିବାକୁ ମନା ନାହିଁ । କିନ୍ତୁ ଆମକୁ ପ୍ରଥମେ ଆମ ମାତୃଭାଷା ଶିଖିବାକୁ ହେବ, ଠିକ ଭାବରେ ଲେଖିବାକୁ ହେବ ଏବଂ ମାତୃଭାଷାରେ ଲିଖିତ ପୁସ୍ତକ ଅଧ୍ୟୟନ କରି ଆମ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ଚିହ୍ନିବାକୁ ହେବ । ଚଳିତ ବର୍ଷର ବିଷୟବସ୍ତୁ ରହିଛି- ବହୁଭାଷୀ ଶିକ୍ଷା ଉପରେ ଯୁବସ୍ୱର ଅନ୍ୟ ଅର୍ଥରେ କହିଲେ ମାତୃଭାଷା ସହିତ ବହୁଭାଷୀ ଶିକ୍ଷା ଆବଶ୍ୟକତାକୁ ଯୁବପିଢି ଗୁରୁତ୍ୱ ଦେବା ଜରୁରୀ ମନେହୁଏ । ବିଶେଷକରି ଡିଜିଟାଲ ଦୁନିଆରେ ବହୁଭାଷାଗତ ଦକ୍ଷତା ହିଁ ସଫଳତାର ମାପକାଠି । ଏହାହିଁ ଆନ୍ତର୍ଜାତିକ ମାତୃଭାଷା ଦିବସର ଅନୁଚିନ୍ତା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ଲୋପ ହେବାକୁ ବସିଛି ମର୍ଦ୍ଦରାଜ ବଂଶର କୀର୍ତ୍ତି

# ଭଗ୍ନ ଅବସ୍ଥାରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଶ୍ରୀଜଗନ୍ନାଥ ମନ୍ଦିର

**ଖଲ୍ଲିକୋଟ, ନ୍ୟୁଜ୍‌ବ୍ୟୁରୋ**

ପ୍ରାୟ ୩୦୦ ବର୍ଷ ପୁରାତନ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର। ଖଲ୍ଲିକୋଟ ସହର କେନ୍ଦ୍ରସ୍ଥଳରେ ଥିବା ଏହି ପୁରାତନ ମନ୍ଦିର ପୁରୀ ପରେ ରାଜ୍ୟର ଦ୍ୱିତୀୟ ବୃହତ୍ତମ ଶ୍ରୀଜଗନ୍ନାଥ ମନ୍ଦିର ବୋଲି କୁହାଯାଉଛି। ତେବେ ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ଜରାଜୀର୍ଣ୍ଣ ହୋଇ ଏବେ ଧ୍ୱଂସାଭିମୁଖୀ ଏହି ସ୍ଥାନ। ସିଂହଦ୍ୱାର ଗୁମ୍ବୁଟରୁ ଦୁଇ ବର୍ଷ ତଳେ ଦୁଇ କିଲୋ ଓଜନର ଏକ ପଥର ଖସିଥିଲା। ପ୍ରାୟ ୪ ବର୍ଷ ତଳେ ଗୁମ୍ବୁଟରୁ ୭ କିଲୋ ଓଜନର ଆଉ ଏକ ପଥର ଖସିଥିଲା। ତା' ପୂର୍ବରୁ ମନ୍ଦିରର ଉତ୍ତର ଦିଗରେ ଥିବା ଏକ ସିଂହ ମୂର୍ତ୍ତି ଭାଙ୍ଗି ଖସି ପଡ଼ିଥିଲା। ବିଜେଡି ସରକାର ସମୟରେ ରାଜ୍ୟର ବହୁ ଛୋଟ ବଡ଼ ମନ୍ଦିରର ରୂପାନ୍ତରୀକରଣ ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଦିଆଯାଇଥିବା ବେଳେ ଖଲ୍ଲିକୋଟ ଶ୍ରୀଜଗନ୍ନାଥ ମନ୍ଦିର ସେଥିରୁ ବାଦ୍ ପଡ଼ିଥିଲା। ଏହାର



ମରାମତି ପାଇଁ ବିଭିନ୍ନ ମହଲରେ ଦାବି ହେବା ପରେ ପ୍ରାକ୍ତନ ବିଜେଡି ସରକାରର ବହୁ ମନ୍ତ୍ରୀ ଓ ପ୍ରଶାସକ, ଏପରିକି ପୁରୀ ଗଜପତି ଦିବ୍ୟସିଂହ ଦେବ ଏହାର ମରାମତି କରାଯିବାର ଆଶ୍ୱାସନା ଦେଇଥିଲେ।

ଏପରିକି ବର୍ତ୍ତମାନର ବିଜେପି ସରକାର ଅମଳରେ କେନ୍ଦ୍ର ମନ୍ତ୍ରୀଙ୍କ ସମେତ ଏହି ମନ୍ଦିରରେ ଅବଢ଼ା ପ୍ରସାଦ ବଣ୍ଟନ ଆରମ୍ଭ ବେଳେ ଜିଲ୍ଲାର ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ଗୋକୁଳାନନ୍ଦ ମଲିକ ଏବଂ ଅନେକ ବିଧାୟକ ଶୀଘ୍ର ମନ୍ଦିର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଥିଲେ। କିନ୍ତୁ ଏଯାବତ୍ ମନ୍ଦିର ପାଇଁ କୌଣସି ସରକାରୀ ଅନୁଦାନ ଘୋଷଣା କରାଯାଇ ନାହିଁ। ଓଲଟି ସମୟକ୍ରମେ ମନ୍ଦିରର ସ୍ଥିତି ଅଧିକ ଶୋଚନୀୟ ହୋଇ ଉଠୁଛି। ମୁଖ୍ୟ ମନ୍ଦିରର କେବଳ ଅଁଳାଶ୍ରୀ ମରାମତି ହୋଇଥିବାବେଳେ ଟଙ୍କା ଅଭାବରୁ ମରାମତି ପାଇଁ ବନ୍ଧା ଯାଇଥିବା ବାଉଁଶ ବହୁ ଦିନ ପରେ ବାହାର କରି ଦିଆଯାଇଥିଲା। ମନ୍ଦିରର ପଥରରେ ନିର୍ମିତ ଭାସ୍କର୍ଯ୍ୟ ସବୁ ନଷ୍ଟ ହେବାକୁ ବସିଛି, ରାଜ୍ୟ ସରକାର ଦୃଷ୍ଟି ନ ଦେବା ଫଳରେ ମର୍ଦ୍ଦରାଜ ବଂଶର ଏହି କୀର୍ତ୍ତି ଏବେ ଲୋପ ହେବାକୁ ବସିଛି। ଖଲ୍ଲିକୋଟରେ ଥିବା ରାଧାକୃଷ୍ଣ ମନ୍ଦିର ଓ ଯଜ୍ଞ ନାରାୟଣ ମଠ ମଧ୍ୟ ଭୁଶୁଡ଼ିବା ସ୍ଥିତିକୁ ଚାଲି ଆସିଲାଣି। ମଠ ଓ ମନ୍ଦିର ଉପରେ ବଡ଼ ବଡ଼ ଗଛ ଉଠିଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ପଥର ଖସୁଛି। ଯଜ୍ଞ ନାରାୟଣ ମଠର କାନ୍ଥରେ ବଡ଼ ବଡ଼ ଗର୍ତ୍ତ ହୋଇ ସରୀସୃପ ରହୁଛନ୍ତି। ପୂଜକ ଭିତରକୁ ଯିବା ସକାଶେ ଭୟ କରୁଛନ୍ତି।

ତେଣୁ ଶ୍ରୀଜଗନ୍ନାଥ ମନ୍ଦିର ସହିତ ରାଧାକୃଷ୍ଣ ମନ୍ଦିର ଓ ଯଜ୍ଞ ନାରାୟଣ ମଠ ପୁନରୁଦ୍ଧାର ପାଇଁ ସରକାର ଶୀଘ୍ର ବିହିତ ପଦକ୍ଷେପ ନେବା ପାଇଁ ବହୁ ବୁଦ୍ଧିଜୀବୀ ଦାବି କରିଥିଲେ। ସ୍ଥାନୀୟ ଡକ୍ଟର ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଦୁଇ ଉତ୍ସାହୀ ଯୁବକ ଦିଲ୍ଲୀପ କୁମାର ସାହୁ ଓ ଅବନୀ କୁମାର ରଥ ଭୁବନେଶ୍ୱରରେ ନିକଟରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଶିବିରରେ ଖଲ୍ଲିକୋଟର ମନ୍ଦିର ଓ ମଠର ରୂପାନ୍ତରୀକରଣ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିବିରରେ ସେମାନେ ରାଜସ୍ୱ ଓ ଦୋବୋତ୍ତର ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକଙ୍କୁ ଭେଟି ମନ୍ଦିରର ଦୁରାବସ୍ଥା ସମ୍ପର୍କରେ ଅବଗତ କରାଇଛନ୍ତି। ଏଥିରେ ମନ୍ତ୍ରୀ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ୭ ଦିନ ମଧ୍ୟରେ ପଦକ୍ଷେପ ନେବା ପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ଟ୍ରଷ୍ଟ ସଭାପତି ପୂର୍ଣ୍ଣ ଚନ୍ଦ୍ର ବେହେରା।

## ସୋନପୁର କଲେଜରେ ପିଜି ବିଭାଗ ଖୋଲିବା ପାଇଁ ଦାବି

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୋନପୁର କଲେଜ ଠାରେ କଲେଜର ବାର୍ଷିକ ଉତ୍ସବ୨୦୨୬ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ଯୋଗ ଦେଇ ସୋନପୁର କଲେଜ ଠାରେ ପିଜି ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାରଙ୍କ ପାଖରେ ଦୃଢ଼ ଦାବି ଉପସ୍ଥାପନ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ। କଲେଜର ପୁରୁଣା କୋଠା ଗୁଡିକର ଯତ୍ନ ନେବା ସହ ଏହାର ଆଧୁନିକ କରଣ ପାଇଁ ଅନୁଦାନ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ କଲେଜର ସଭାମଞ୍ଚ ଆଗରେ ଫେବରବ୍ଲକ୍ ପକାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସୋନପୁର କଲେଜର ଅଧକ୍ଷ ରାଧାକାନ୍ତ ନାଏକ, ଛାତ୍ର ସଂସଦ ଉପଦେଷ୍ଟା ତଥା ଅଧ୍ୟାପକ ହରିଶଙ୍କର ମିଶ୍ର ଓ ଅଧ୍ୟାପକ ସୌରଭ ରଞ୍ଜନ ଖମାରୀ, ସାଂସ୍କୃତିକ ସଂସଦର ଉପ ସଭାନେତ୍ରୀ ଚନ୍ଦ୍ରକାନ୍ତି ବିଶ୍ୱାଳ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। +୨ବିଭାଗର ଓଡ଼ିଶା ଟପର ଛାତ୍ରଙ୍କୁ ସ୍ୱର୍ଗତ ଶ୍ୟାମସୁନ୍ଦର ମିଶ୍ର ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲ। ଏହି ଉତ୍ସବରେ +୨ ଓ +୩ ବିଭାଗର ୨୦୦୦ହଜାର ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା, କଲେଜର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।




## ସୁବାସ ନାୟକଙ୍କୁ ଉତ୍କଳ ଲୋକ କଳା ସମ୍ମାନ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସଂସ୍କୃତି ସୁରକ୍ଷା ମଞ୍ଚ, ଓଡ଼ିଶା ପକ୍ଷରୁ ସମାଜସେବୀ, ସଂସ୍କୃତି ସଂଗଠକ ସୁବାସ ଚନ୍ଦ୍ର ନାୟକଙ୍କୁ 'ଉତ୍କଳ ଲୋକ କଳା ସମ୍ମାନ' ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ହୀରାକୁଦ ସୁଭାଷ ମଇଦାନ ଠାରେ ଆୟୋଜିତ ଏକ ଉତ୍ସବରେ ଏହି ସମ୍ମାନ ପୂର୍ବତନ କୁଚିଣ୍ଡା ଓ ଲାଇକେରାର ବିଧାୟକ, ମଞ୍ଚର କାର୍ଯ୍ୟକର୍ତ୍ତାଙ୍କ ଗହଣରେ ଏହା ପ୍ରଦାନ କରିଛନ୍ତି। ଏଥି ସହ ଅବସରପ୍ରାପ୍ତ ପ୍ରଶାସକ ମୁରଲୀ ଧର ନାଏକ, ଦେବଗଡ଼ର ପ୍ରାକ୍ତନ ସାହିତ୍ୟ ଏକାଡେମୀ ସଭ୍ୟ ପ୍ରଫୁଲ୍ଲ ମହାପାତ୍ର ପ୍ରମୋଦ ନାଏକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉତ୍ସବରେ ପଦ୍ମଶ୍ରୀ ଜିତେନ୍ଦ୍ରିୟ ହରିପାଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ।

## ଓଲାଭର ବଜାର ଜବରଦଖଲ- ସରିନି ଉଚ୍ଛେଦ, ଯୋଡ଼ା ହେଲାଣି ଇଟା

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଅନ୍ତର୍ଗତ ଓଲାଭର ବଜାର ଜବରଦଖଲ ଉଚ୍ଛେଦ ମାମଲା ଦିନକୁ ଦିନ ରହସ୍ୟମୟ ହୋଇଯାଉଛି। କୋର୍ଟ ନିର୍ଦ୍ଦେଶ ଅନୁସାରେ ମାପ ହୋଇଥିବା ବେଳେ ତହସିଲ ପ୍ରଶାସନ ଉଚ୍ଛେଦ ସଂପୂର୍ଣ୍ଣ କରିନଥିବା ବେଳେ ଦୋକାନୀମାନେ ପୁନର୍ବାର ଇଟା ଯୋଡ଼ିବାରେ ଲାଗିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଦୋକାନ ଆଗେଥିବା ଗଛଗୁଡିକ ପାଖରୁ ଭିତରକୁ ୩ରୁ ୪ ଫୁଟ ଜବରଦଖଲ ମାପ ହୋଇଥିବା ବେଳେ ଏହା ଉଚ୍ଛେଦ ହୋଇ ନଥିବାରୁ ଯାତାୟାତରେ ବହୁ ସମସ୍ୟା ସୃଷ୍ଟି ହେଉଛି। ଏଥିସହିତ ମୋ ବସ୍ ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଦୀର୍ଘ ସମୟ ଧରି ଛିଡାହୋଇ ରହୁଥିବାରୁ ସ୍ଥାନୀୟ ଜନ ସାଧାରଣଙ୍କ ଦାବି ମୁତାବକ ଉଚ୍ଛେଦକୁ ସଂପୂର୍ଣ୍ଣ କରିବା ପରିବର୍ତ୍ତେ ତହସିଲ ପ୍ରଶାସନର ଟାଳଟୁଲ ନୀତି ଯୋଗୁ ଜନ ସଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତହସିଲ ଅମୀନ ସଠିକ ମାପ କରିଥିବା ବେଳେ ତାଙ୍କ ମାପ ଅନୁଯାୟୀ ଉଚ୍ଛେଦ ନକରି ତହସିଲ ପ୍ରଶାସନର ଭୂମିକା ସନ୍ଦେହ ଘେରରେ ରହିଛି। ତୁରନ୍ତ କୋର୍ଟ ନିର୍ଦ୍ଦେଶ ଅନୁସାରେ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଜନ ସାଧାରଣ ଦାବି କରିଛନ୍ତି।

## ୩ ବାଲି ବୋଝେଇ ହାଇୱା ଜବତ

**ଥୁଆମୂଳ ରାମପୁର, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଥାନା ପୋଲିସ ପକ୍ଷରୁ ବେଆଇନ ବାଲି ଚୋରା ଚାଲାଣ ବିରୋଧରେ ଏକ ବଡ଼ ଧରଣର ସଫଳତା ମିଳିଛି। ପୋଲିସ ଚଢ଼ଉ କରି ଚୋରା ବାଲି ପରିବହନ କରୁଥିବା ୩ଟି ହାଇୱା ଗାଡ଼ିକୁ ଜବତ କରିବା ସହ ଏଥିରେ ସଂପୃକ୍ତ ଡ୍ରାଇଭରମାନଙ୍କୁ ଅଟକ ରଖିଛି। ଜବତ ଗାଡ଼ିଗୁଡ଼ିକ କୋକସରା ଅଞ୍ଚଳର ବ୍ୟବସାୟୀ ବିକ୍ରମ ଗୁପ୍ତାଙ୍କର ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ଦେପୁର ବାଲିଘାଟରୁ ଦୀର୍ଘ ଦିନ ହେବ କୌଣସି ବୈଧ କାଗଜପତ୍ର କିମ୍ବା ସରକାରୀ ରୟାଲ୍ଟି ନଦେଇ ଥୁଆମୂଳ ରାମପୁର ଓ ଗୋପାଳପୁର ଅଞ୍ଚଳକୁ ବାଲି ଚୋରା ଚାଲାଣ ହେଉଥିଲା। ଏନେଇ ପୋଲିସ ପାଖରେ ପୂର୍ବରୁ ସୂଚନା ରହିଥିଲେ ହେଁ, ରବିବାର ସକାଳୁ ଥାନା ଅଧିକାରୀ କୈବଲ୍ୟ ସେଠ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ସଠିକ୍ ସମୟରେ ଛାପା ମାରି ଗାଡ଼ିଗୁଡ଼ିକୁ ମାଡ଼ି ବସିଥିଲେ। ଜବତ ହୋଇଥିବା ଗାଡ଼ିଗୁଡ଼ିକର କୌଣସି ପରିବହନ କିମ୍ବା ଲିଫ୍ଟିଂ ଦସ୍ତାବିଜ୍ ନଥିବା ଯାଞ୍ଚ ବେଳେ ଜଣାପଡ଼ିଛି। ସରକାରୀ ରାଜସ୍ୱ ହରିଲୁଟ୍ କରି ଏହି ସିଣ୍ଡିକେଟ୍ ଦୀର୍ଘ ଦିନରୁ ସକ୍ରିୟ ଥିଲା। ଏହି ଘଟଣାରେ ପୋଲିସ କେସ୍ ନମ୍ବର ୨୫/୨୬, ୨୬/୨୬ ଓ ୨୭/୨୬ ରେ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ତେବେ ଏନେଇ ଥାନା ଅଧିକାରୀ କୈବଲ୍ୟ ସେଠ୍ "ବେଆଇନ ବାଲି କାରବାର ବିରୋଧରେ ଆମର ଏହି ଅଭିଯାନ ଜାରି ରହିବ। ଜବତ ୩ଟି ଗାଡ଼ିକୁ କୋର୍ଟ ଚାଲାଣ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟାନୁଷ୍ଠାନ ପରେ ଅଞ୍ଚଳର ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ପୋଲିସ ବାଲି ସହ ଗାଡ଼ିଗୁଡ଼ିକୁ ଜବତ କରି ଥାନା ପରିସରରେ ରଖିଥିବା ବେଳେ ଏଥିରେ ଅନ୍ୟ କାହାର ସଂପୃକ୍ତି ରହିଛି, ସେ ନେଇ ଖୋଳତାଡ଼ ଜାରି ରଖିଛି।

## ମାନୁନାହାନ୍ତି ନିର୍ଦ୍ଦେଶାବଳୀ : ଏସ୍‌ସିବି ଆଇସିୟୁରେ ଫୁଲାଫାଙ୍କାରେ ବୁଲୁଛନ୍ତି କର୍ମଚାରୀ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଏସ୍‌ସିବି ମେଡିକାଲ୍‌ରେ ଆଇସିୟୁକୁ ନେଇ ପୁଣି ବିବାଦ ସୃଷ୍ଟି ହୋଇଛି। ଜୀବନ ମରଣ ଆଶଙ୍କାରେ ଥିବା ଗୁରୁତର ରୋଗୀଙ୍କ ଜୀବନ ସହ ଆଇସିୟୁରେ ନିୟୋଜିତ କର୍ମଚାରୀମାନେ ଖେଳୁଛନ୍ତି। ସଙ୍କଟାପନ୍ନ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହେବା ବଦଳରେ ଖାମଖିଆଲ ହେଉଛନ୍ତି। ମେଡିସିନ୍ ସେଣ୍ଟ୍ରାଲ୍ ଆଇସିୟୁରେ ରୋଗୀ ବେଡ୍‌ରୁ ଗଳିପଡ଼ିବା ଘଟଣା ପରେ ନିୟୋଜିତ କର୍ମଚାରୀମାନେ ପୁଣି ବିବାଦ ଘେରକୁ ଆସିଛନ୍ତି।

ନିକଟ ଅତୀତରେ ମେଡିସିନ୍ ବିଭାଗ ଆଇସିୟୁରେ ଜଣେ ଗୁରୁତର ମହିଳାଙ୍କୁ ହସ୍ପିଟାଲ୍‌ର ଜଣେ କର୍ମଚାରୀ ଅସଦାଚରଣ କରିଥିଲେ। ଏହି ଘଟଣାରେ ଅଭିଯୁକ୍ତ କର୍ମଚାରୀଙ୍କୁ ପୁଲିସ ଗିରଫ କରି ଜେଲ୍ ପଠାଇଥିଲା। ପୂର୍ବରୁ କାର୍ଡିଓଲୋଜି ବିଭାଗରେ ଜଣେ ଗୁରୁତର ରୋଗୀ ନିଖୋଜ ହେବା ଓ ଡାକ୍ତର ରୋଗୀଙ୍କୁ ଅଧା ଚିକିତ୍ସାରୁ ବାହାରକୁ ପଠାଇ ଦେବା ଘଟଣାକୁ ନେଇ ବିବାଦୀୟ ସ୍ଥିତି ଉପୁଜିଥିଲା। ସେହିପରି ଗତବର୍ଷ ହୋଲି




ସମୟରେ ଟ୍ରମା ଆଇସିୟୁରେ ନର୍ସିଂ କର୍ମଚାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ରଙ୍ଗ ଓ ଅବିର ଉଡାଇଥିଲେ। ରୋଗୀମାନେ ଜୀବନ ମରଣ ସହ ଯୁଝୁଥିବା ବେଳେ କର୍ମଚାରୀମାନେ ମାନବିକତା ଭୁଲି ହୋଲି ଖେଳି ମସଗୁଲ୍ ହୋଇଥିଲେ। ଏହାକୁ ନେଇ ସେ ସମୟରେ ତମ୍ବିତୋଫାନ ହୋଇଥିଲା। ତଦନ୍ତରେ ହୋଲି ଖେଳୁଥିବା ଜଣାପଡ଼ିବା ପରେ କିଛି କର୍ମଚାରୀଙ୍କୁ ଟ୍ରମା ଅଇସିୟୁରୁ ବଦଳି କରାଯାଇଥିଲା। ସେହିପରି ପୂର୍ବରୁ ପଦ୍ମଶ୍ରୀ କମଳା ପୂଜାରୀ ଆଇସିୟୁରେ ଚିକିତ୍ସିତ ହେଉଥିବା ବେଳେ ଅସୁସ୍ଥତା ଥିବା ସତ୍ତ୍ୱେ କିଛି ନର୍ସିଂ କର୍ମଚାରୀ ତାଙ୍କୁ ଧରି ନାଚି ରିଲ୍ସ ତିଆରି କରିଥିଲେ। ଏହି ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା।

ସେହିପରି ନବଜାତକଙ୍କ ଲାଗି ଥିବା ଏସ୍‌ଏନସିୟୁ ତଥା ଆଇସିୟୁରେ ପିଲା ଚୋରି ଏବଂ ପିଲା ବଦଳ ଘଟଣାକୁ ନେଇ ଅନେକ ବିବାଦୀୟ ସ୍ଥିତି ଉପୁଜିଛି। ଆଇସିୟୁରୁ ପିଲା ଚୋରି ଘଟଣାରେ ଅଭିଯୁକ୍ତ ଗିରଫ ମଧ୍ୟ ହୋଇଛନ୍ତି। ଆଇସିୟୁରେ ରୋଗୀଙ୍କ ସୁରକ୍ଷା ଓ ଚିକିତ୍ସା ପାଇଁ ପୃଥକ ନିୟମ ରହିଛି। ରୋଗ ଅନୁସାରେ ରୋଗୀର କ'ଣ ଚିକିତ୍ସା ହେବା ଦରକାର କେତେବେଳେ କେଉଁ ଆଣ୍ଟିବାୟୋଟିକ୍ ଦିଆଯିବା କଥା ଏବଂ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ଯାଞ୍ଚ କରି ରେକର୍ଡରେ ଉଲ୍ଲେଖ କରିବା ଲାଗି ନିୟମ ରହିଥିଲେ ହେଁ ସେସବୁ କାଗଜପତ୍ରରେ ସୀମିତ ରହିଛି। କର୍ମଚାରୀଙ୍କ ଖାମଖିଆଲି ଯୋଗୁଁ ବିଭିନ୍ନ ଆଇସିୟୁରେ ରୋଗୀମାନେ ଅନେକ ସମୟରେ ଅବହେଳାର ଶିକାର ହେଉଥିବା ଅଭିଯୋଗ ହେଉଛି। ମାତ୍ର ଏ ଦିଗରେ ବିଭାଗୀୟ ମୁଖ୍ୟଙ୍କର ନିଘା ନାହିଁ। ଏମିତିକି ଆଇସିୟୁରେ କିଛି କର୍ମଚାରୀ ଦୀର୍ଘ ଦିନ ନିଜ ସୁବିଧାରେ ଡ୍ୟୁଟି କରିଆସୁଥିବା ଅଭିଯୋଗ ମିଳୁଛି। ଫଳରେ ରୋଗୀଙ୍କୁ ଦେଖାଶୁଣା କରିବା ଏବଂ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ଘୋର ଅବହେଳା ହେଉଛି।

ଏ ସମ୍ପର୍କରେ ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋତିର୍ମୟ ନାୟକ କହିଛନ୍ତି, ଆଇସିୟୁରେ ରୋଗୀ କିପରି ଉପଯୁକ୍ତ ଚିକିତ୍ସା ସୁବିଧା ପାଇବେ ସେଥିଲାଗି ହସ୍ପିଟାଲ୍ ପକ୍ଷରୁ ନିର୍ଦ୍ଦେଶନାମା ରହିଛି। କର୍ମଚାରୀ ଏଥିରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଗୁରୁତର ରୋଗୀଙ୍କ ପ୍ରତି କର୍ମଚାରୀ, ଡାକ୍ତର ସମସ୍ତେ ସଚେତନ ହେବା ଉଚିତ୍।

## ଗାଁକୁ ନାହିଁ ପକ୍କା ରାସ୍ତା : ରାସ୍ତା ତିଆରି ହେଲା ତଥାପି ସୁଧୁରିଲାନି ଅବସ୍ଥା

**କୋକସରା, ନ୍ୟୁଜ୍‌ବ୍ୟୁରୋ**

ଆଜି ବି ଗାଁକୁ ପକ୍କା ରାସ୍ତା ଖଣ୍ଡେ ନାହିଁ। ରାସ୍ତା ତିଆରି ହେଲା ତଥାପି ସୁଧୁରିଲାନି ଅବସ୍ଥା। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବରାଡୋଙ୍ଗା ପଞ୍ଚାୟତର ଉପାନ୍ତ ଓ ଜଙ୍ଗଲ ଘେରା ଅଞ୍ଚଳରେ ରହିଛି ଝୁଲେନବର ରାଜସ୍ୱ ଗ୍ରାମ। ଏହି ଗାଁରେ ୧୦୦ରୁ ଅଧିକ ଆଦିବାସୀ ଅଧୁଷିତ ପରିବାର ବାସ କରୁଛନ୍ତି। ଦଶନ୍ଧି ଦଶନ୍ଧି ଧରି ବସତି ସ୍ଥାପନ କରି ଏମାନେ ରହି ଆସୁଥିବାବେଳେ ଗାଁର ଜନସଂଖ୍ୟା ୪୧୦ ଓ ମତଦାତା ସଂଖ୍ୟା ୨୪୦ ଜଣ ରହିଛନ୍ତି। ତେବେ ଦୀର୍ଘ ୧୦ ବର୍ଷ ତଳେ ଏହି ଗାଁକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପିଚୁ ରାସ୍ତା କାର୍ଯ୍ୟ ହୋଇଥିଲା। ଗ୍ରାମବାସୀ ଆଶା ବାନ୍ଧିଥିଲେ ଯେ, ଏଣିକି ଆଉ ଗାଁକୁ ବିକାଶର ବାଟ ଓଗାଳିବ ନାହିଁ, ତେବେ ନିମ୍ନମାନର କାର୍ଯ୍ୟ ଯୋଗୁଁ କିଛି ବର୍ଷ ପରେ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇ ପଡିଛି। ଫଳରେ ସେହି ପୁରୁଣା ଦିନର ଦୁର୍ଦ୍ଦଶା ପୁଣି ଭୋଗୁଛନ୍ତି ଗ୍ରାମବାସୀ। ପୁଣିଥରେ ଗାଁର ଉନ୍ନତିକୁ ବାଟ ଓଗାଳିଛି ରାସ୍ତା।

ଜଙ୍ଗଲ ଘେରା ଗାଁରେ ରହିଥିବା ଏଠିକାର ଆଦିବାସୀମାନେ ଜଙ୍ଗଲ ଜାତ ଦ୍ରବ୍ୟ ଓ ଚାଷ ଉପରେ ନିର୍ଭର କରି ଜୀବନ ଜୀବିକା ନିର୍ବାହ କରନ୍ତି। କିଛି ପରିବାର ବାଉଁଶ କାରିଗର ଭାବେ ବାଉଁଶରେ ନିର୍ମିତ ବିଭିନ୍ନ ସାମଗ୍ରୀ ତିଆରି କରି ପେଟପାଟଣା କରନ୍ତି। ଏହା ଏକ ଆଦିବାସୀ ବହୁଳ ଗାଁ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହି ଗାଁର କୌଣସି ଯୁବକ ଯୁବତୀ ସରକାରୀ ଚାକିରୀ ଖଣ୍ଡେ ପାଇ ନଥିବା ଗ୍ରାମବାସୀ ମାନେ ପ୍ରକାଶ କରିଛନ୍ତି। ଗାଁରେ ଅଙ୍ଗନବାଡି କେନ୍ଦ୍ର ସହ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ବିଦ୍ୟାଳୟ ରହିଛି। ତେବେ ଉଚ୍ଚତର ଶିକ୍ଷା ପାଇଁ ଅଭିଭାବକମାନେ ଜଙ୍ଗଲ ରାସ୍ତା କାରଣରୁ ପିଲାଙ୍କୁ ପାଠ ପଢିବା ପାଇଁ ଅନ୍ୟତ୍ର ଛାଡ଼ିବାକୁ ନାରାଜ ଥିବା କହିଛନ୍ତି। ଗାଁରୁ ପଞ୍ଚାୟତର ଦୂରତା ୧୫ କିମି, ପିଡ଼ିଏସ ସାମଗ୍ରୀ ହେଉ ଅବା ଅନ୍ୟ ଜରୁରୀକାଳୀନ କାର୍ଯ୍ୟରେ ପଞ୍ଚାୟତକୁ ଯିବାକୁ ହେଲେ ଲୋକେ ବହୁ କଷ୍ଟ ଭୋଗୁଛନ୍ତି। ରାସ୍ତାର ଅବସ୍ଥା ସୁଧୁରୁ ନ ଥିବାବେଳେ ୱାର୍ଡ ମେମ୍ବର ଉର୍ମିଳା ମାଝୀ, ଦେବ ଦଳପତି, ବିପିନ ମାଝୀ, ଡିଙ୍ଗର ମାଝୀ, ସାଧୁରାମ ମାଝୀ, କମଳ ଲୋଚନ ପୁଝାରି, ରାମ ମାଝୀଙ୍କ ସମେତ ଗ୍ରାମବାସୀମାନେ ନିବେଦନ କରିଛନ୍ତି କି, ଶୀଘ୍ର ଗାଁକୁ ପକ୍କା ରାସ୍ତା ଖଣ୍ଡେ ପୁଣିଥରେ ନିର୍ମାଣ ହେଉ। ଜିଲ୍ଲା ପ୍ରଶାସନ ଏହି ଦୁର୍ଗମ ଅଞ୍ଚଳରେ ଥିବା ଝୁଲେନବର ଗ୍ରାମ ପ୍ରତି ଯତ୍ନବାନ ହୋଇ ଗମନାଗମନ ପାଇଁ ବିକାଶର ବାଟ ଖୋଲିବାକୁ ଦୃଷ୍ଟି ଦେବାକୁ ଏହି ଅଞ୍ଚଳର ଗ୍ରାମବାସୀମାନେ ଗୁହାରି କରିଛନ୍ତି।

## ଇଟ୍ ରାଇଟ୍ ଚ୍ୟାଲେଞ୍ଜ୍ : ଭାରତରେ ବ୍ରହ୍ମପୁର ଖାଦ୍ୟ ନଂ-୧

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌-ଏଆଇ) ପକ୍ଷରୁ ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ 'ଇଟ୍ ରାଇଟ୍ ଚ୍ୟାଲେଞ୍ଜ୍' ପ୍ରତିଯୋଗିତାରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)କୁ ଶୀର୍ଷ ସଫଳତା ମିଳିଛି। ୨୦୨୪-୨୫ ବର୍ଷ ପାଇଁ ସର୍ବଭାରତୀୟ ସ୍ତରରେ ବିଏମ୍‌ସି ୨୭ ର୍ୟାଙ୍କ୍ ପାଇଥିବା ୨୦୨୩-୨୪ ବର୍ଷ ପାଇଁ ୮୩ ର୍ୟାଙ୍କ୍ ପାଇଛି। ଅନ୍ୟପଟେ ରାଜ୍ୟସ୍ତରରେ ବିଏମସି ଏକ ନମ୍ବର ହୋଇଛି। ନୂଆ ଲାଇସେନ୍ସ ପଞ୍ଜୀକରଣ, ନବୀକରଣ, ଏନଫୋର୍ସମେଣ୍ଟ, ନିରୀକ୍ଷଣ ଆଦି ଏଫ୍‌ଏସ୍‌ଏସ୍‌ଏଆଇର ୧୬ଟି ମୂଲ୍ୟାଙ୍କନ ମାନଦଣ୍ଡ ପାଳନ କରି ଏହି ସଫଳତା ହାସଲ କରିଛି ବୋଲି ବିଏମସି ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡ଼ଙ୍ଗା ସୂଚନା ଦେଇଛନ୍ତି।

୨୦୦ ମାର୍କ ବିଶିଷ୍ଟ ଇଟ୍ ରାଇଟ୍ ଚ୍ୟାଲେଞ୍ଜ୍ ପ୍ରତିଯୋଗିତା। ବ୍ରହ୍ମପୁର ମହାନଗର ନିଗମ ଏହି ପ୍ରତିଯୋଗିତାରେ ୧୭୪ ନମ୍ବର ପାଇଛି। ଯାହା ମୋଟ ନମ୍ବରର ୮୭ ପ୍ରତିଶତ। ୧୬ଟି ମୂଲ୍ୟାଙ୍କନ ମାନଦଣ୍ଡ ପୂରଣ ପାଇଁ ପ୍ରତିଯୋଗିତା ହୋଇଥିଲା ଏବଂ ପ୍ରତ୍ୟେକ ପ୍ରତିଯୋଗିତାର ନିର୍ଦ୍ଦିଷ୍ଟ ନମ୍ବର ରହିଥିଲା। ଖାଦ୍ୟ ବ୍ୟବସାୟୀଙ୍କ ଦକ୍ଷତା ବିକାଶଜନିତ ପଦକ୍ଷେପ, ଖାଦ୍ୟ ସ୍ୱଚ୍ଛତା ରେଟିଂ, ଷ୍ଟ୍ରିଟ୍ ଫୁଡ୍ ଓ ପରିବା ମାର୍କେଟ୍ ଆଦି ହବ୍ର ପ୍ରମାଣପତ୍ର ପ୍ରସ୍ତୁତି, ନୋ ଫୁଡ୍ ୱେଷ୍ଟ ସାର୍ଟିଫିକେସନ୍, ଆଶା ଓ ଅଙ୍ଗନବାଡ଼ି



କର୍ମୀଙ୍କୁ ଇଟ୍ ରାଇଟ୍ ଟୁଲ୍ କିଟ୍ ବ୍ୟବହାର ତାଲିମ ଆଦି ଗୋଟିଏ ଗୋଟିଏ ମାପଦଣ୍ଡ ରହିଥିଲା।

କେବଳ ସେତିକି ନୁହେଁ, ଇଟ୍ ରାଇଟ୍ କ୍ୟାମ୍ପସ୍‌ର ପ୍ରଚାରପ୍ରସାର, ଇଟ୍ ରାଇଟ୍ ମେଳା ମାଧ୍ୟମରେ ଖାଦ୍ୟ ରୁଚି ପରିବର୍ତ୍ତନ ପାଇଁ ପଦକ୍ଷେପ, ଖାଦ୍ୟ ନିରାପତ୍ତା ଯାଞ୍ଚ, ଚଢ଼ଉ, ଗଣମାଧ୍ୟମର ଅଂଶଗ୍ରହଣ ଭଳି ୧୬ଟି ମାନଦଣ୍ଡର ମୂଲ୍ୟାଙ୍କନ ହୋଇଥିଲା। ଏଫ୍‌ଏସ୍‌ଏସ୍‌ଏଆଇର ଅଡିଟ୍ ଟିମ୍ ସହରରେ ବୁଲି ଏ ସମସ୍ତ କାର୍ଯ୍ୟର ଅନୁସନ୍ଧାନ ଏବଂ ପ୍ରମାଣ ସଂଗ୍ରହ କରିଥିଲେ। ଉପରୋକ୍ତ ପ୍ରତିଯୋଗିତା ଏବଂ ସେଥିରୁ ପାଇଥିବା ନମ୍ବର୍କୁ ଆଧାର କରି ରାଙ୍କ୍ ପ୍ରସ୍ତୁତ ହୋଇଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ଖାଡ଼ଙ୍ଗା କହିଛନ୍ତି। ଏକାଥରରେ ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ଇଟ୍ ରାଇଟ୍ ଚ୍ୟାଲେଞ୍ଜର ମାନ୍ୟତା ଘୋଷଣା ହୋଇଛି। ଯେଉଁଥିରେ ବିଏମ୍ ରାଜ୍ୟରେ ଏକ ନମ୍ବର ହୋଇଛି। ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଅନ୍ୟ ସହକାରୀଙ୍କ ସହଯୋଗରେ ଏହି ସଫଳତା ମିଳିଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ଖାଡ଼ଙ୍ଗା କହିଛନ୍ତି।

## ପାଇପ୍ ଫାଟି ଭାସୁଛି ପାଣି, ହେଲେ ଲୋକଙ୍କ ନିକଟରେ ପହଞ୍ଚୁନି

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**



ଯୋଡ଼ା ବ୍ଲକ ଅନ୍ତର୍ଗତ ବଳଦା ପଞ୍ଚାୟତର ଖଣି ଖାଦାନ ଦ୍ୱାରା ପ୍ରଭାବିତ ବି ପ୍ଲଟ ଗ୍ରାମରେ ଦୀର୍ଘ ଏକ ମାସ ହେବ ବସୁଧା ଯୋଜନାରେ ବିଛା ଯାଇଥିବା ପାଣି ପାଇପ୍ ଫାଟି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଶାସନର ଦୃଷ୍ଟି ପଡୁନାହିଁ। ଫଳରେ ପାଣି ଭାସି ଯାଉଥିବାବେଳେ ଉକ୍ତ ସ୍ଥାନରେ ପାଣି ପ୍ରଦୂଷିତ ହେବା ଆଶଙ୍କା ରହୁଛି। ଏପଟେ ବ୍ୟାପକ ଧୂଳି ପ୍ରଦୂଷଣ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡୁଥିବା ବେଳେ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ସେପଟେ ପାଇପ ଫାଟି ପାଣି ବହି ଯାଉଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ପଙ୍କଜ ବାରିକ କହିଛନ୍ତି। ଉକ୍ତ ଗ୍ରାମରେ ନଳକୂପ ନାହିଁ କି କୌଣସି ପାଣି ସୁବିଧା ମଧ୍ୟ ନାହିଁ। ଫଳରେ ଏଭଳି ପାଣି ବହି ଯାଉଥିବାରୁ ଗ୍ରାମକୁ ପାଣି ପହଞ୍ଚିପାରୁନାହିଁ, ଲୋକମାନେ ବହୁ ଦୁର୍ଦ୍ଦଶା ଭୋଗୁଥିବା କହିଛନ୍ତି। ଗତ ସରକାରଙ୍କ ତରଫରୁ ବସୁଧା ଯୋଜନାରେ ପାଇପ୍ ପାଣି ହିଁ ଲୋକଙ୍କ ପାଇଁ ବହୁ ବଡ଼ ସାହାରା ହେଇଥିଲା। ଏଣୁ ତୁରନ୍ତ ଖରାଦିନ ପୂର୍ବରୁ ପାଣି ପାଇପ୍ ସଜାଡ଼ିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏପଟେ ଖଣିରୁ ନିର୍ଗତ ଧୂଳିଧୂଆଁ ଖାଇ ଅନେକ ରୋଗରେ ପଡୁଛନ୍ତି। ଫଳରେ ବହୁ ଗରିବ ପରିବାର ପାଣି ଭଳି ମୌଳିକ ସୁବିଧା ପାଉ ନ ଥିବାରୁ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଖଣି ସଂସ୍ଥାଗୁଡ଼ିକ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମ ଓ ପ୍ରଶାସନର ଜନ କଲ୍ୟାଣ କାର୍ଯ୍ୟକ୍ରମ ଗ୍ରାମରେ ଅପହଞ୍ଚ ହୋଇପଡ଼ିଛି। ପ୍ରଶାସନ କିମ୍ବା ଖଣି କମ୍ପାନୀମାନେ ଉକ୍ତ ଅଞ୍ଚଳର ମୌଳିକ ସମସ୍ୟା ସମାଧାନ କରିବାକୁ ପଦକ୍ଷେପ ନେଉ ନ ଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି।

## କଣାସରେ ପାନୀୟ ଜଳକୁ ନେଇ ହାହାକାର ସ୍ଥିତି, ପିଲାଙ୍କ ଖେଳ ପଡ଼ିଆ ପାଲଟିଛି ନଦୀ ଶଯ୍ୟା

**ପୁରୀ/କଣାସ, ନ୍ୟୁଜ୍‌ବ୍ୟୁରୋ**

ଆଉ କିଛିଦିନ ପରେ ଗ୍ରୀଷ୍ମପ୍ରବାହ। ଦିନ ୧୦ଟା ପରେ ଖରାକୁ ବାହାରିଲେ ମୁଣ୍ଡ ବୁଲାଇ ଦେଉଛି। ମୁନ୍ଦାଏ ସ୍ୱଚ୍ଛ ଜଳ ପିଇବାକୁ ଖୋଜିଲେ ମିଳୁନି। ନଦୀ ଜଳ ପ୍ରଦୂଷିତ ହୋଇପଡ଼ିଛି। କୂଅ, ପୋଖରୀ, ନଳକୂଅ ଝରର ମଧ୍ୟ ସମାନ ସ୍ଥିତି। ପୁରୀ ଜିଲ୍ଲା କଣାସ ଅଞ୍ଚଳରେ ଏବେଠୁ ପାନୀୟ ଜଳକୁ ନେଇ ଦେଖାଦେଇଛି ହାହାକାର। ଦୟା ଓ ରାଜୁଆରେ ଜଳସ୍ତର କମି ଗଲାଣି। ନଦୀ ଭିତରେ ବାଲିଚର ଫୁଟି ଦିଶୁଛି। ମଲାଗୁଣି, ଲୁଣା ଓ ଦୟାର ଛୋଟଛୋଟ ଶାଖା ନଦୀରେ କେଉଁଠି ପାଦେ ପାଣି ତ ଆଉ କେଉଁଠି ଆଣ୍ଠୁଏ। ଅନେକ ସ୍ଥାନରେ ନଦୀ ଶଯ୍ୟା ଶୁଖି ଯାଇଥିବାରୁ ଏହା ପିଲାମାନଙ୍କ ଖେଳ ପଡ଼ିଆ ପାଲଟିଛି। ଏଭଳି ସ୍ଥିତିରେ ପିଇବା ପାଣି ପାଇଁ ଲୋକେ ନାହିଁ ନଥିବା କଷ୍ଟ ଭୋଗୁଛନ୍ତି। ଏ ପର୍ଯ୍ୟନ୍ତ ସରକାରୀ ଯୋଜନା ମୁତାବକ ସମସ୍ତ ପରିବାରକୁ ପାଇପ୍ ପାନୀୟ ଜଳ ମିଳିପାରିଲା ନାହିଁ। ତେଣୁ ମାସ ପରେ ଆରମ୍ଭ ହେବାକୁ ଥିବା ଉତ୍କଟ ଗ୍ରୀଷ୍ମ ପ୍ରବାହ ବେଳେ ଲୋକେ କ'ଣ କରିବେ ସେନେଇ ଭାଳେଣୀ ପଡ଼ିଛି। ରାଜୁଆର ଢୋଲପାଟଣା ବ୍ୟାରେଜ୍ ଓ ତିରୁମଲ ନିକଟ ପାଣ୍ଡିଆବିଲି ଦୟା ନଦୀ ଆଡ଼ିବନ୍ଧ ଯୋଗୁ ତଳିଆ ନଦୀକୂଳିଆବାସୀଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ତଳମୁଣ୍ଡକୁ ପାଣି ଆସୁନଥିବାରୁ ନଦୀ ଶୁଖି ଗଲାଣି। କେନାଲ ପାଣି ନଆସିବାରୁ ଧାନ ଓ ପରିବା ଚାଷ କ୍ଷତିଗ୍ରସ୍ତ ହୋଇଛି।

ସେପଟେ ଏପରି ସ୍ଥିତିରେ ମେଗା ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ନଦୀ ଜଳସ୍ତର ଓ ଭୂତଳ ଜଳସ୍ତର ହ୍ରାସ ଆଶଙ୍କା ରହିଛି। ତେଣୁ ନଦୀ ପାଣି ଉପରେ ନିର୍ଭରଶୀଳ ୫ ହଜାର ହେକ୍ଟର ଜମିରେ ଚାଷ ପ୍ରଭାବିତ ହେବା ଆଶଙ୍କା କରାଯାଉଛି। ନଦୀ ପାଣି ଉପରେ ରବି ଧାନ, ମୁଗ, ଚିନାବାଦାମ ଓ ପନିପରିବା ଫସଲ ନିର୍ଭରଶୀଳ। ଏନେଇ କଣାସର ଚାଷୀ ରବୀନ୍ଦ୍ର କୁମାର ରାଉତରାୟ କହିଛନ୍ତି, ଜଳ



ପ୍ରବାହ ସବୁଦିନିଆ ଜାରି ରଖିବା ନିମନ୍ତେ ଦୟା ମୁହଁରେ (ପାଣ୍ଡିଆବିଲି ନିକଟରେ) କାଜ ନିର୍ମାଣ ହେବା ଦରକାର। ଢୋଲପାଟଣା ବ୍ୟାରେଜ୍ ବନ୍ଧ ମଧ୍ୟ ସାମାନୁପାତିକ ଉଚ୍ଚ ହେବା ଆବଶ୍ୟକ। ଏମିତି ହେଲେ ଅଧିକ ପାଣି କେନାଲ ସହ ଦୟା ଓ ରାଜୁଆକୁ ଗଡ଼ିବ। ଚାଷୀଙ୍କ ସୁବିଧା ନିମନ୍ତେ ରାଜୁଆ ଗେଟ୍ ଖୋଲି ପାଣି ଛାଡ଼ିବା ଆବଶ୍ୟକ। ବ୍ୟାରେଜ୍ର ବାମ ପାଶ୍ୱର୍ କେନାଲରେ ପାଣି ଆସୁନଥିବାରୁ ଗଡ଼ବଡ଼ପୁଟ ଓ ପାଣ୍ଡିଆକେରା ପଞ୍ଚାୟତରେ ଚାଷ ପ୍ରଭାବିତ ହେଉଛି। ଜଳଯୋଗାଣ ଠିକ୍ ପରିଚାଳନା ନହେଲେ ମେଗା ପାନୀୟ ମଧ୍ୟ ପ୍ରଭାବିତ ହେବ। ନଦୀ ଜଳକୁ ପ୍ରଦୂଷଣ ମୁକ୍ତ କରିବା ଜରୁରୀ। ତେଣୁ ତୁରନ୍ତ ଟ୍ରିଟମେଣ୍ଟ ପ୍ଲାଣ୍ଟ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଜୀବନ ମହାନ୍ତି କହିଛନ୍ତି, କଣାସର ୨୮ ପଞ୍ଚାୟତ ସମେତ ବ୍ରହ୍ମଗିରି ୧୮ ସତ୍ୟବାଦୀର ୧୪ଟି ଗ୍ରାମକୁ ମେଗା ପାଇପ୍ ପାନୀୟ ଜଳ ପ୍ରକଳ୍ପରୁ ଜଳ ଯୋଗାଣ ହେବ। ମେଗା ପ୍ରକଳ୍ପରୁ ପ୍ରତି ପରିବାରକୁ ଦୈନିକ ୭୦ ଲିଟର ପାଣି ଯୋଗାଣ ଲକ୍ଷ୍ୟ ରଖିଛି। କାର୍ଯ୍ୟ ବିଳମ୍ବ ଯୋଗୁ ଲୋକେ ପାଣି ପାଇପାରୁ ନାହାନ୍ତି।

ଫଳରେ ପନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁନି। କଣାସ ଅଞ୍ଚଳରେ ଝାଡ଼ାବାନ୍ତି, ଜଣ୍ଡିସ, ଓ ଚର୍ମ ରୋଗ ବ୍ୟାପୁଛି। ଲୋକେ ରୋଗବ୍ୟାଧିରେ ପଡ଼ି ଜୀବନ ହରାଇବା ସହ ଚିକିତ୍ସାଜନିତ ଆର୍ଥିକ କଷ୍ଟ ପାଉଛନ୍ତି। ତେଣୁ ଲୋକଙ୍କ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହେଉ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ କହିଛନ୍ତି, ମେଗା ପ୍ରକଳ୍ପରେ ଆମେ ୧୨୬ଟି ଗାଁକୁ ଜଳ ଯୋଗାଣ ଯୋଜନା ରହିଛି। ସେଥିରୁ ଏବେ ୨୭ଟି ଗ୍ରାମକୁ ସମ୍ପୂର୍ଣ୍ଣ ଜଳ ଯୋଗାଣ କାର୍ଯ୍ୟକ୍ଷମ ହୋଇଛି। ଆଉ ୭୦ଟି ଗାଁକୁ ଟ୍ରାଏଲ ଚାଲିଛି। ମାର୍ଚ୍ଚ ୩୧ ସୁଦ୍ଧା ୯୬ଟି ଗାଁରେ ପାଣି ପହଞ୍ଚାଇବା ଲକ୍ଷ୍ୟ ରଖିଛି। ଜୁନ ୩୧ ସୁଦ୍ଧା ସବୁ ଗାଁ'କୁ ପାଣି ପହଞ୍ଚିବ। ଖରାଦିନ ପାଇଁ ବଡ଼ାସ, କଖାରୁବସ୍ତ ଆଦି ଜଳକ୍ଲିଷ୍ଟ ପଞ୍ଚାୟତକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ବ୍ୟବସ୍ଥା ହେବ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୨ ଫେବୃୟାରୀ, ରବିବାର, ୨୦୨୬


# ଆମେ ବିଫଳ ହେଲୁ: ଜାମ୍ପା



**ପାଲେକେଲ୍**

ଶୁକ୍ରବାର ଓମାନ ବିପକ୍ଷରେ ୯ ୱିକେଟରେ ବିଜୟ ହାସଲ କରିବା ସହ ଅଷ୍ଟ୍ରେଲିଆ ପାଇଁ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଶେଷ ହୋଇଯାଇଛି। ଅଷ୍ଟ୍ରେଲିଆ ପରି ଏକ ଚାମ୍ପିୟନ ଦଳ ଏତେ ସହଜ ବିଶ୍ୱକପରୁ ବିଦାୟ ନେବା କ୍ରିକେଟ୍ ପ୍ରସଂଶକଙ୍କୁ ଚକିତ କରିଛି। ଖୋଦ୍ ଅଷ୍ଟ୍ରେଲିଆର ଡ୍ରେସିଂ ରୁମ୍‌ରେ ଦୁଃଖ ଓ ହତାଶାର ବାତାବରଣ ରହିଛି। ଓମାନ୍ ବିପକ୍ଷରେ ଏକ ବଡ଼ ବିଜୟ ମଧ୍ୟ ଦଳର ଦୁଃଖକୁ ଦୂର କରିପାରି ନାହିଁ।

ଦଳର ମୁଖ୍ୟ ସ୍ପିନର୍ ଆଡାମ୍ ଜାମ୍ପା କହିଛନ୍ତି "ଗତ କିଛି ଦିନ ଆମ ପାଇଁ ବେଶ କଠିନ ଥିଲା। ଡ୍ରେସିଂରୁମ୍‌ରେ ସମସ୍ତେ ହତାଶ ଯେ ଆମ ପାଇଁ ଏତେ ଶୀଘ୍ର ବିଶ୍ୱକପ୍ ଶେଷ ହୋଇଗଲା''। ଗୁରୁତ୍ୱପୂର୍ଣ୍ଣ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ ଦଳର ପରାଜୟ ଲାଗି ନିଜକୁ ଦାୟୀ କରି ସେ କହିଛନ୍ତି ଯେ ସେ ଏହି ମ୍ୟାଚ୍‌ରେ ଆହୁରି ଭଲ କରିବାର ଥିଲା। ମଧ୍ୟବର୍ତ୍ତୀ ଓଭରଗୁଡ଼ିକରେ ୱିକେଟ୍ ନେବା ତାଙ୍କର କାମ ଥିଲା। କିନ୍ତୁ ଏଥିରେ ସେ ବିଫଳ ହୋଇଥିଲେ। ଓମାନ ବିପକ୍ଷରେ ମାତ୍ର ୨୧ ରନ୍ ବିନିମୟରେ ୪ଟି ୱିକେଟ୍ ନେଇ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇବା ସତ୍ତ୍ୱେ ହତାଶ ଜାମ୍ପା ଆହୁରି ମଧ୍ୟ କହିଛନ୍ତି ଯେ ଗତ କିଛି ବର୍ଷ ହେଲା ଏହି ଦଳ ଗଠନ କରାଯାଇଥିଲା, କିନ୍ତୁ ଆମେ ନିଜର କାମ ସୁଚାରୁ ରୁପେ କରିବାକୁ ବିଫଳ ହେଲୁ।

## ଭାରତୀୟ ମହିଳା କ୍ରିକେଟ୍ ଦଳର ଐତିହାସିକ ଶୃଙ୍ଖଳା ବିଜୟ

# ୨-୧ରେ ଅଷ୍ଟ୍ରେଲିଆକୁ ହରାଇଲା

**ଆଡିଲେଡ**

ସ୍ମୃତି ମନ୍ଧାନା ଓ ଜେମିମା ରଡ୍ରିଗ୍ସଙ୍କ ଶତକୀୟ ଭାଗୀଦାରି ବଳରେ ଅଷ୍ଟ୍ରେଲିଆକୁ ନିର୍ଣ୍ଣାୟକ ତୃତୀୟ ତଥା ଶେଷ ଟ୍ୱେଣ୍ଟି-୨୦ରେ ଅଷ୍ଟ୍ରେଲିଆକୁ ୧୭ ରନରେ ହରାଇ ଦେଇଛି ଭାରତୀୟ ମହିଳା କ୍ରିକେଟ୍ ଦଳ। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାକୁ ୨-୧ରେ ଜିତି ନେଇଛି। ୨୦୧୭ ମସିହାରେ ପରେ ଘରୋଇ ମାଟିରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳର କୌଣସି ଗୋଟିଏ ଫର୍ମାଟ୍‌ରେ ପ୍ରଥମ ଶୃଙ୍ଖଳା ପରାଜୟ। ଶନିବାର ଭ୍ରମଣକାରୀ ଭାରତୀୟ ଦଳ ଟସ୍ ଜିତି ବ୍ୟାଟିଂ କରିବା ପରେ ୧୯ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା। ଦ୍ୱିତୀୟ ୱିକେଟ୍‌ରେ ମନ୍ଧାନା ଓ ରଡ୍ରିଗ୍ସ ୧୨୧ ରନ୍ ଯୋଡ଼ିବା କିନ୍ତୁ ଭାରତୀୟ ଦଳର ସ୍ଥିତିକୁ ମଜଭୁତ କରି ନେଇଥିଲା।

ଉଭୟ ଖେଳାଳି ରେକର୍ଡ ଭାଗୀଦାର ସହ ଅଷ୍ଟ୍ରେଲିଆ ମାଟିରେ ଅର୍ଦ୍ଧଶତକ ଅର୍ଜନ କରିବାର ଗୌରବ ହାସଲ କରିଥିଲେ। ସେହିଭଳି ଶେଷ ଆଡ଼କୁ ୱିକେଟ୍ ରକ୍ଷକ ବ୍ୟାଟର୍ ରିଚା ଘୋଷ ଦ୍ରୁତ ୧୮ ରନ୍ କରିବାରୁ



ଭାରତୀୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୬ ରନ୍ କରିଥିଲା। ଜବାବରେ ଅଷ୍ଟ୍ରେଲିଆର ପଶ୍ଚାତବଧାବନ ପ୍ରଥମ ୪ ଓଭରରେ ହିଁ ବାଟ ହୁଡ଼ିଥିଲା। ୩୨ ରନ୍‌ରେ ୩ ୱିକେଟ୍ ହରାଇ ଦଳ ୧୭୭ ରନର ବଡ଼ ଲକ୍ଷ୍ୟକୁ ହାସଲ କରିବା ଦିଗରେ ପାୱାର ପ୍ଲେ ଭିତରେ ହିଁ ଚାପଗ୍ରସ୍ତ ହୋଇଥିଲା। ମଧ୍ୟକ୍ରମରେ ଆସଲି ଗାର୍ଡ଼ନରଙ୍କ ଛଡ଼ା ଅନ୍ୟ କୌଣସି ଅଷ୍ଟ୍ରେଲୀୟ ବ୍ୟାଟର୍ ଭାରତୀୟ ବୋଲର୍ଙ୍କ ସଠିକ ମୁକାବିଲା କରିପାରି ନଥିଲେ। ଫଳରେ ଘରୋଇ ଦଳ ୯ ୱିକେଟ୍‌ରେ ୧୫୯ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ମ୍ୟାଚର ସର୍ବୋଚ୍ଚ ପାଳି ଖେଳିଥିବା ମନ୍ଧାନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ସଂକ୍ଷିପ୍ତ ସ୍କୋର : ଭାରତ ୨୦ ଓଭରରେ-୧୭୬/୬ (ସ୍ମୃତି ମନ୍ଧାନା ୮୨, ଜେମିମା ରଡ୍ରିଗ୍ସ ୫୯, ରିଚା ଘୋଷ ୧୮, ଆନାବେଲ ସଦରଲାଣ୍ଡ ୨/୩୪, କିମ୍ ଗର୍ଥ ୧/୨୫)। ଅଷ୍ଟ୍ରେଲିଆ ୨୦ ଓଭରରେ-୧୫୯/୯ (ଆସଲି ଗାର୍ଡ଼ନର ୫୭, ଫୋବେ ଲିଚଫିଲ୍ଡ ୨୬, ଶ୍ରୀୟଙ୍କା ପାଟିଲ ୩/ ୨୨, ଶ୍ରୀ ଚାରଣୀ ୩/୩୨, ଅରୁନ୍ଧତୀ ରେଡ୍ଡୀ ୨/୩୫)।

# ଜେଏମସିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ
# କପସିପାଲି ଚାମ୍ପିଅନ, ବଡ଼ ଗୁର୍ଜିଭଟା ରନର୍ସ ଅପ୍

**ପାଟଣାଗଡ, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ପାଟଣାଗଡ ଉପଖଣ୍ଡ ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ କପସିପାଲି ଗାଁରେ ଜେଏମସିସି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ କପସିପାଲି ଓ ବଡ଼ ଗୁର୍ଜିଭଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କପସିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୦୩ ରନ୍ ସଂଗ୍ରହ କରି ଥିବା ବେଳେ ବଡ ଗୁର୍ଜିଭଟା ଦଳ ସମସ୍ତ ୱିକେଟ ବିନିମୟରେ କେବଳ ୫୫ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲେ। ଯାହାଫଳରେ କପସିପାଲି ଦଳ ଚାମ୍ପିଅନ ଘୋଷିତ ହୋଇଥିଲେ। ଶିବରାମ କୁମ୍ଭାର ଓ ସାମନ୍ତ ସାହୁ ଆମ୍ପାୟାର ଭାବରେ ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ଉଦଯାପନୀ ଉତ୍ସବରେରେ ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନୀତ ଅତିଥି ରୂପେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ଖପ୍ରାଖୋଲ ବନପାଳ ସୁଧିର କୁମାର ଜେନା, ସାମାଜିକ କର୍ମୀ ଅଭୟ ତ୍ରିପାଠୀ, ବିଜେପି ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିଅନ ଦଳକୁ ଟ୍ରଫି ସହିତ ନଗଦ ୧୪ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜେଏମ କ୍ରିକେଟ୍ କ୍ଲବ୍‌ର ସମସ୍ତ ସଦସ୍ୟ ସହିତ ଶହ ଶହ କ୍ରିକେଟ୍ ପ୍ରେମୀ ମହିଳା ପୁରୁଷ ଉପସ୍ଥିତ ଥିଲେ।

# ଲଗାତାର ପଞ୍ଚମ ମ୍ୟାଚ୍ ହାରିଲା ଭାରତୀୟ ହକି ଦଳ

**ନୂଆଦିଲ୍ଲୀ**

ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ପୁରୁଷ ହକିରେ ଭାରତର ଲଜ୍ଜାଜନକ ପ୍ରଦର୍ଶନ ଜାରି ରହିଛି। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମ୍‌ରେ ଖେଳିଥିବା ଘରୋଇ ପର୍ଯ୍ୟାୟର ଚାରିଟି ଯାକ ମ୍ୟାଚ୍ ହାରିଥିବା ଭାରତୀୟ ଦଳ ଅଷ୍ଟ୍ରେଲୀୟ ପର୍ଯ୍ୟାର ପ୍ରଥମ ମୁକାବିଲାରେ ୟୁରୋପୀୟ ଶକ୍ତି ସ୍ପେନଠାରୁ ୦-୨ ଗୋଲ୍ ହାରିଯାଇଛି। ଫଳରେ କ୍ରମାଗତ ଭାବେ ପଞ୍ଚମ ମ୍ୟାଚ୍ ହାରିବାର ଅପଯଶ ମୁଣ୍ଡାଇବା ସହ ଶୋଚନୀୟ ହକି ଖେଳିବା ଲାଗି ତୀବ୍ର ସମାଲୋଚିତ ହୋଇଛି। ଅଷ୍ଟ୍ରେଲିଆର ହୋବର୍ଟରେ ଖେଳାଯାଉଥିବା ଏହି ପର୍ଯ୍ୟାୟ ଲାଗି ଭାରତୀୟ ଦଳ ହର୍ମନପ୍ରୀତ ସିଂହଙ୍କ ସ୍ଥାନରେ ଦୁଇ ଥର ଅଲିମ୍ପିଆନ୍ ହାର୍ଦ୍ଦିକ ସିଂହଙ୍କୁ ଅଧିନାୟକ ନିଯୁକ୍ତ କରିଥିଲା। ଦଳରେ କେତେକ ନୂଆ ଯୁବ ଓ ଅଭିଜ୍ଞ ଖେଳାଳିଙ୍କୁ ସାମିଲ ମଧ୍ୟ କରାଯାଇଥିଲା।



ଏହା ସତ୍ତ୍ୱେ ପଡ଼ିଆ ଭିତରେ ଖେଳାଳିଙ୍କ ତାଳମେଳ, କୌଶଳ ଓ ଗତିରେ ଏହାର କୌଣସି ସକାରାତ୍ମକ ପ୍ରତିଫଳନ ଦେଖିବାକୁ ମିଳି ନଥିଲା। ଫଳରେ ଉଭୟାର୍ଦ୍ଧରେ ଗୋଟିଏ ଲେଖାଏଁ ଗୋଲ୍ ବରଣ କରି ମ୍ୟାଚ୍ ହାତଛଡ଼ା କରିଥିଲା ଭାରତୀୟ ଦଳ। ମୁଖ୍ୟ ପ୍ରଶିକ୍ଷକ କ୍ରେଗ୍ ଫୁଲଟନ୍‌ଙ୍କ ବିଜୟ ଧାରାକୁ ଫେରିବାର ଦୃଢ଼ୋକ୍ତି ସତ୍ତ୍ୱେ ଭାରତୀୟ ରକ୍ଷଣଭାଗ ଶନିବାର ସକାଳର ଏହି ମ୍ୟାଚ୍‌ର ଦକ୍ଷତା ମୂଳକ ଖେଳ ପ୍ରଦର୍ଶନ କରି ପାରି ନଥିଲା। ବିଶେଷ କରି ପ୍ରଥମାର୍ଦ୍ଧରେ ସ୍ପେନ୍ ଖେଳାଳିଙ୍କ ରଚନାତ୍ମକ ପାସ୍ ଏବଂ ଉନ୍ନତ ରଣକୌଶଳ ଆଗରେ ପୂରା ହାର ମାନିଥିଲା ହାର୍ଦ୍ଦିକ ସେନା। ଷଷ୍ଠ ମିନିଟ୍‌ରେ ହିଁ ସ୍ପେନର ପ୍ରତିଆକ୍ରମଣକୁ ରୋକି ନପାରି ପ୍ରଥମ ଗୋଲ୍ ବରଣ କରିଥିଲା। ଏହି ଫିଲ୍ଡ ଗୋଲ୍ଟିକୁ ଇଗ୍ନାସିଓ ଆବାଜୋ ଦେଇଥିଲେ।

ଗୋଲପୋଷ୍ଟରେ ବାଜି ଫେରୁ ଆସୁଥିବା ସଟ୍‌କୁ ପୁଣି ଥରେ ଭିତରକୁ ପୂରାଇ ଇଗ୍ନାସିଓ ଏହି ଦର୍ଶନୀୟ ଗୋଲଟିକୁ ଅର୍ଜନ କରିଥିଲେ। ଏହା ପରେ ଭାରତୀୟ ଦଳ କେତେକ ପେନାଲ୍ଟି କର୍ଣ୍ଣର ହାତଛଡ଼ା କରିଥିଲା। ହେଲେ ୩୦ ମିନିଟ୍ ପର୍ଯ୍ୟନ୍ତ ସ୍ପେନ୍ ଅଗ୍ରଭାଗକୁ ଅଟକାଇବାକୁ ସକ୍ଷମ ହୋଇଥିଲା। ମଧ୍ୟାନ୍ତର ପରେ କିନ୍ତୁ ସ୍ପେନ୍ ଏହି ଗତିରୋଧ ଦୂର କରିବାକୁ ସକ୍ଷମ ହୋଇଥିଲା। ଇଗ୍ନାସିଓ କବୋସ୍ ଏକ ସୁନ୍ଦର ଷ୍ଟ୍ରୋକ୍ ଜରିଆରେ ଆଉ ଏକ ଫିଲ୍ଡ ଗୋଲ୍ ଦେଇ ସ୍ଥିତି ୨-୦ କରି ନେଇଥିଲେ। ଭାରତୀୟ ଅଗ୍ରଭାଗ ଖେଳାଳିମାନେ ବହୁ ଚେଷ୍ଟା କରିଥିଲେ ମଧ୍ୟ ସ୍ପେନ୍ ରକ୍ଷଣଭାଗକୁ ଭେଦ କରିବାକୁ ସକ୍ଷମ ହୋଇ ନଥିଲେ। ଫଳରେ ସେହି ସ୍କୋର୍ ଲାଇନ୍‌ରେ ମ୍ୟାଚ୍ ହାରି ଭାରତ ପରାଜୟରୁ ତା'ର ଏହି ପର୍ଯ୍ୟାୟ ଆରମ୍ଭ କରିଥିଲା।

# ଡି'କକ୍ ହେବେ ଦକ୍ଷିଣ ଆଫ୍ରିକାର ପ୍ରମୁଖ ଅସ୍ତ୍ର

**ଅହମ୍ମଦାବାଦ**

ଟ୍ୱେଣ୍ଟି-୨୦ ବିଶ୍ୱକପର ସୁପର-୮ ପର୍ଯ୍ୟାୟରେ ରବିବାର ଭାରତର ମୁକାବିଲା ଦକ୍ଷିଣ ଆଫ୍ରିକା ସହ ହେବ। ଗ୍ରୁପ୍ ପର୍ଯ୍ୟାୟର କେବଳ ଭାରତ ନୁହେଁ ଦକ୍ଷିଣ ଆଫ୍ରିକା ବି ଅପରାଜିତ ରହି ସୁପର-୮ରେ ପ୍ରବେଶ କରିଥିଲା। ଏଣୁ ଭାରତ ପାଇଁ ଅସଲ ପରୀକ୍ଷା ଏହି ମ୍ୟାଚ୍‌ରୁ ଆରମ୍ଭ ହେବ। ଗତ ସଂସ୍କରଣ ଫାଇନାଲ୍‌ରେ ଦକ୍ଷିଣ ଆଫ୍ରିକାକୁ ଭାରତ ରୋମାଞ୍ଚକ ଭାବେ ହରାଇଥିଲା। ଦକ୍ଷିଣ ଆଫ୍ରିକା ଏବେ ସେହି ପରାଜୟର ପ୍ରତିଶୋଧ କଡ଼ଗେଣ୍ଡାରେ ନେବାକୁ ଲକ୍ଷ୍ୟ ରଖିଛି। ଗ୍ରୁପ୍ ପର୍ଯ୍ୟାୟରେ ଉଭୟ ଦଳ ଚାରିଟି ଲେଖାଏଁ ମ୍ୟାଚ୍ ଜିତି ସୁପର-୮କୁ ଆସିଛନ୍ତି। ଏଣୁ ରବିବାର ଉଭୟ ଦଳ ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି ଆଶା କରାଯାଉଛି।



ଭାରତ ପାଇଁ ମୁଖ୍ୟ ଚିନ୍ତା ବ୍ୟାଟିଂ ବିଭାଗ ରହିବ। କାରଣ ଗ୍ରୁପ୍ ପର୍ଯ୍ୟାୟରେ ନିଜର ସବୁ ମ୍ୟାଚ୍ ଜିତିଥିଲେ ବି ଭାରତୀୟ ବ୍ୟାଟିଂର ଦୁର୍ବଳତା ପଦାରେ ପଡ଼ିଯାଇଥିଲା। ଅଫ୍-ସ୍ପିନ୍ ବିପକ୍ଷରେ ଭାରତୀୟ ବ୍ୟାଟରମାନେ ସଂଘର୍ଷ କରୁଥିବା ଦେଖାଯାଇଥିଲା। ବିଶେଷକରି ବିସ୍ଫୋରକ ଓପନର୍ ଅଭିଷେକ ଶର୍ମାଙ୍କ ଖରାପ ଫର୍ମ ଦଳପାଇଁ ଚିନ୍ତାର କାରଣ ପାଲଟିଛି। ଚଳିତ ବିଶ୍ୱକପ୍‌ରେ ସେ ଏପର୍ଯ୍ୟନ୍ତ ଖାତା ଖୋଲିପାରିନାହାନ୍ତି। କେବଳ ସେ ନୁହେଁ, ତିନି ନମ୍ବରରେ ଆସୁଥିବା ତିଲକ ବର୍ମା ବି ଖାପଛଡ଼ା ଲାଗୁଛନ୍ତି। ତାଙ୍କର ଷ୍ଟ୍ରାଇକ୍ ହାର ମାତ୍ର ୧୨୦ ରହିଛି। ପାକିସ୍ତାନ ବିପକ୍ଷରେ ସେ ୨୪ ବଲ୍ ଖେଳି ୨୫, ନାମିବ୍ୟା ବିପକ୍ଷରେ ୨୧ ବଲରୁ ୨୫ ଓ ନେଦରଲାଣ୍ଡସ ବିପକ୍ଷରେ ୨୭ ବଲ୍‌ରୁ ୩୧ ରନ୍ କରିଥିଲେ।

ଅଧିନାୟକ ସୂର୍ଯ୍ୟକୁମାର ଯାଦବ କେତୋଟି ଭଲ ପାଳି ଖେଳିଥିଲେ ବି ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ତାଙ୍କର ଷ୍ଟ୍ରାଇକ୍ ହାର ମାତ୍ର ୧୩୬ ରହିଛି। ଅନ୍ୟପକ୍ଷରେ ଫିଲଡିଂରେ ବି ଭାରତୀୟ ଦଳରେ ଥିବା ତ୍ରୁଟିକୁ ସୁଧାରିବାକୁ ପଡ଼ିବ। ଭାରତୀୟ ବ୍ୟାଟିର ଅସଲ ପରୀକ୍ଷା ଦକ୍ଷିଣ ଆଫ୍ରିକାର ଶକ୍ତିଶାଳୀ ବୋଲିଂ ବିପକ୍ଷରେ ଦେଖିବାକୁ ମିଳିବ। ଦକ୍ଷିଣ ଆଫ୍ରିକା ବୋଲିଂ ବିଭାଗରେ କାସିଗୋ ରାବାଡ଼ା, ଲୁଙ୍ଗି ଏନଗିଡି, ମାର୍କୋ ୟାନସେନ୍, କେଶବ ମହାରାଜ ଓ ଐଡେନ୍ ମାର୍କରାମ୍‌ଙ୍କ ପରି ଭଲ ବୋଲର ଅଛନ୍ତି। ଅନ୍ୟପକ୍ଷରେ ଭାରତର ବୋଲିଂ ବିଭାଗ ସନ୍ତୁଳିତ ଅଛି। ଯଶପ୍ରୀତ ବୁମରା ଓ ବରୁଣ ଚକ୍ରବର୍ତ୍ତୀଙ୍କ ଉପରେ ଭାରତର ବୋଲିଂ ଆକ୍ରମଣ ନିର୍ଭର କରିବ। ତେବେ ଦକ୍ଷିଣ ଆଫ୍ରିକାର ଆଗଧାଡ଼ିର ବ୍ୟାଟର୍ କ୍ୱିଣ୍ଟନ୍ ଡି'କକ୍, ଐଡେନ୍ ମାର୍କରାମ୍, ଦେୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟନ୍ ଷ୍ଟବ୍ସ, ଡେଭିଡ୍ ମିଲର୍ ଫର୍ମରେ ଥିବାରୁ ଭାରତୀୟ ବୋଲିଂର ଅସଲ ପରୀକ୍ଷା ହେବ।

ତେବେ ଦୁଇ ଦଳ ଗତ ଦୁଇ ମାସ ମଧ୍ୟରେ ପରସ୍ପରକୁ ୬ଷ୍ଠ ଥର ପାଇଁ ଭେଟିବାକୁ ଯାଉଥିବାରୁ ଉଭୟ ନିଶ୍ଚିତଭାବେ ପରସ୍ପରର ଦୁର୍ବଳତା ଓ ଶକ୍ତି ସମ୍ପର୍କରେ ଭଲଭାବରେ ଅବଗତ ଥିବେ। ଦକ୍ଷିଣ ଆଫ୍ରିକା ବୋଲରଙ୍କୁ ମୁକାବିଲା ଲାଗି ଏକ ସୁଚିନ୍ତିତ ଯୋଜନା ପ୍ରସ୍ତୁତ ହୋଇ ସାରିଥିବା ଭାରତୀୟ କ୍ରିକେଟ୍ ଦଳର ବୋଲିଂ ପ୍ରଶିକ୍ଷକ ମର୍ଣ୍ଣ ମୋର୍କେଲ ମଧ୍ୟ କହିଛନ୍ତି। ସେହିଭଳି ଶନିବାର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଢେର ସମୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ପିଚ୍‌କୁ ଅନୁଧ୍ୟାନ କରିଛନ୍ତି। ଉଭୟ ତଦନୁଯାୟୀ ଯୋଜନା କରିଥିବାର ସଙ୍କେତ ବି ଦେଇଛନ୍ତି। ସେପଟେ ଦକ୍ଷିଣ ଆଫ୍ରିକା ଭାରତ ବିପକ୍ଷରେ ସବୁବେଳେ ଭଲ ପ୍ରଦର୍ଶନ କରୁଥିବା ଓପନର୍ ତଥା ୱିକେଟ୍ ରକ୍ଷକ କ୍ୱିଣ୍ଟନ୍ ଡି'କକ୍‌ଙ୍କୁ ଅସ୍ତ୍ର କରିବ ବୋଲି ସଙ୍କେତ ଦେଇଛି।

# ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ : ଭୂୟାଁରୋଇଡା ଚାମ୍ପିଅନ

**ଯୋଡା, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ ଭୂୟାଁରୋଇଡା ପଞ୍ଚାୟତରେ ରୋଇଡା ସି ଲୌହ ଓ ମାଙ୍ଗାନିଜ ଖଣି,ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଦିତ୍ୱୀୟ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଏହି ଦୁଇ ଦିବସୀୟ ଟୁର୍ଣ୍ଣାମେଣ୍ଟରେ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରୁ ୧୦ ଗୋଟି ଦଳ ଅଂଶଗ୍ରହଣ କରି ଖେଳ ପ୍ରଦର୍ଶନ କରିଥିଲେ। ଫାଇନାଲ ମ୍ୟାଚ ଭୂୟାରୋଇଡା ଫୁଟବଲ ଟିମ ଏବଂ ଭୁତ ହଟିଙ୍ଗ ଫୁଟବଲ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦିତ୍ୱୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ରୋମାଞ୍ଚକପୂର୍ଣ୍ଣ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଭୂୟାରୋଇଡା ଫୁଟବଲ ଟିମ ଭୁତ ହଟିଙ୍ଗ ଫୁଟବଲ ଟିମକୁ ୨-୦ ଗୋଲରେ ହରେଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉଦଯାପନୀ ସମାରୋହର ମୁଖ୍ୟଅତିଥି ଭାବେ ଓଡିଶା ଖଣି ନିଗମ ବଡ଼ବିଲ




ଆଞ୍ଚଳିକ ପ୍ରବନ୍ଧକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଭୂୟାଁରୋଇଡା ଗ୍ରାମ ପଞ୍ଚାୟତ ସରପଞ୍ଚ ତୁଳସୀ ବୃଙ୍ଗା, ଖଣି ପ୍ରବନ୍ଧକ ଅଂଶୁମାଳୀ ସାହୁ, ଭୂୟାଁରୋଇଡା ସମିତିସଭ୍ୟ ସରୋଜିନୀ ମୁଣ୍ଡା ଯୋଗ ଦେଇଥିଲେ। ବଡ଼ବିଲ ଆଞ୍ଚଳିକ କାର୍ଯ୍ୟାଳୟ ସିଏସଆର ପରାମର୍ଶଦାତା ନୂତନ କୁମାର ରାଉତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିଅନ ଭୂୟାଁରୋଇଡା ଟିମକୁ ଟ୍ରଫି ସହ ଉପହାର ପ୍ରଦାନ କରାଯାଇଥିବା ବେଳେ ରନର୍ସ ଭୁତ ହଟିଙ୍ଗ ଟିମକୁ ମଧ୍ୟ ଟ୍ରଫି ସହ ଉପହାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କୃଷ୍ଣ ଚନ୍ଦ୍ର ମହାନ୍ତ, ଦୀପକ ମହାନ୍ତ, ଶଙ୍କର୍ଷଣ ନାଏକ, ଜତୀନ ମହାନ୍ତ ଏବଂ ତାଙ୍କ ସହଯୋଗୀ ମାନଙ୍କ ଦ୍ୱାରା ଖେଳ ପରିଚାଳିତ ହେଉଥିବା ବେଳେ କ୍ଷୀରୋଦ କୁମାର ଗିରି ଭାଷ୍ୟକାରିତା ଦାୟିତ୍ୱ ତୁଲାଇ ଦର୍ଶକଙ୍କ ମନ ମୋହିପାରିଥିଲେ। ଉକ୍ତ ଫୁଟବଲ ଟୁର୍ଣ୍ଣାମେଣ୍ଟକୁ ଆଖପାଖ ଗ୍ରାମର ଶତାଧିକ ଦର୍ଶକ ଉପସ୍ଥିତ ରହି ଫାଇନାଲ ମ୍ୟାଚକୁ ଉପଭୋଗ କରିଥିଲେ। ପ୍ରବୀଣ କୁମାର ଶୟ, ସୁନାକାର ସାହୁ, ଇନ୍ଦ୍ରଦ୍ୟୁମ୍ନ ପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଅପ୍ରେଲ ୧ରୁ କାର୍ଯ୍ୟକ୍ଷମ ହେବ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଏକାଡେମୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମ ସ୍ଥିତ "ଡାଲମିଆ ଭାରତ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର" ଠାରେ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଏକାଡେମୀ କାର୍ଯ୍ୟକ୍ଷମ ହେବାକୁ ଯାଉଛି ।ଏହି କେନ୍ଦ୍ରକୁ ରାଜ୍ୟ ପ୍ରଶିକ୍ଷଣ ଏକାଡେମୀ କରି ଓଡ଼ିଶାର ପ୍ରତିଭାବାନ ଖେଳାଳିଙ୍କୁ ଉଚ୍ଚମାନର ବ୍ୟାଡମିଣ୍ଟନ ପ୍ରଶିକ୍ଷଣ ଦେବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏଥିପାଇଁ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ (ପିଜିବିଏଫ୍)ର ପ୍ରସ୍ତାବକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିସାରିଛନ୍ତି। ଏହି ଏକାଡେମୀ କାର୍ଯ୍ୟକାରୀ ହେବା ପାଇଁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଡାମଲିଆ ସିମେଣ୍ଟ (ଭାରତ) ଏବଂ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଂଟନ ଫାଉଣ୍ଡେସନର ମିଳିତ ପ୍ରୟାସ ଜାରି ରହିଛି।

ଏହି ପରିପ୍ରେକ୍ଷୀରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତକାଲି ଗୁରୁବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଭୁପେନ୍ଦ୍ର ସିଂ ପୁନିଆ, କ୍ରୀଡ଼ା ବିଭାଗ ନିର୍ଦ୍ଦେଶକ ଡଃ.ୟେଦୁଲା ବିଜୟ, ପୁଲେଲା ଗୋପୀଚାନ୍ଦ ବ୍ୟାଡମିଂଟନ ଫାଉଣ୍ଡେସନର ପ୍ରତିଷ୍ଠାତା ଶ୍ରୀ ପୁଲେଲା ଗୋପୀଚାନ୍ଦ ଏବଂ ଡାଲମିଆ ସିମେଂଟ (ଭାରତ)ର କର୍ତୃପକ୍ଷମାନେ ଯୋଗଦେଇ ଆଲୋଚନା କରିଥିଲେ।

ଅନୁଷ୍ଠିତ ବୈଠକରେ ଆରମ୍ଭ ହେବାକୁ ଥିବା ରାଜ୍ୟ ବ୍ୟାଡମିଣ୍ଟନ ପ୍ରଶିକ୍ଷଣଏକାଡେମୀର ବାର୍ଷିକ କାର୍ଯ୍ୟ ପରିଚାଳନା, ପ୍ରଶିକ୍ଷଣ ଓ ଆନୁଷଙ୍ଗିକ ଖର୍ଚ୍ଚ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିନେଇ ଓଡ଼ିଶା ରାଜ୍ୟ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ ଏବଂ ଡାଲମିଆ ସିମେଣ୍ଟ (ଭାରତ) ମଧ୍ୟ ଆର୍ଥିକ ସହଯୋଗ କରିବ । ଏକାଡେମୀରେ ପ୍ରଶିକ୍ଷଣ ଆରମ୍ଭ କରାଯିବା ନେଇ ରହୁଥିବା ଆନୁଷଙ୍ଗିକ ସମସ୍ୟାର ସମାଧାନ ଓ ପ୍ରସ୍ତୁତି କରି ଏହି ଏକାଡେମୀକୁ ଶୀଘ୍ର କାର୍ଯ୍ୟକାରୀ କରାଯିବା ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟ ସରକାରଙ୍କ ପକ୍ଷରୁସମସ୍ତ ସହଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଓଡ଼ିଶା ସରକାରଙ୍କ ରାଜ୍ୟର କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା ରହିଛି । କଳିଙ୍ଗ ଷ୍ଟାଡିୟମରେ ଅନ୍ୟକ୍ରୀଡ଼ା ସହିତ ବ୍ୟାଡମିଣ୍ଟନ ପ୍ରଶିକ୍ଷଣକୁ ଗୁରୁତ୍ୱ ଦିଆଯାଉଥିବା ସେ ପ୍ରକାଶ କରିଥିଲେ। କଳିଙ୍ଗ ଷ୍ଟାଡିୟମ ଠାରେ ବ୍ୟାଡମିଣ୍ଟନ ଏକାଡେମୀ କାର୍ଯ୍ୟକାରୀ ହେବା , ଏହା ରାଜ୍ୟର ବ୍ୟାଡମିଣ୍ଟନ ପ୍ରତିଭାମାନଙ୍କୁ ଚିହ୍ନଟ ସହ ସେମାନଙ୍କ ପାଇଁ ଅନନ୍ୟ ସୁଯୋଗ ପ୍ରଦାନ କରିବ। ସୁନାମଧନ୍ୟ ବ୍ୟାଡମିଣ୍ଟନ କୋଚ୍‌ଶ୍ରୀ ପୁଲେଲା ଗୋପୀଚାନ୍ଦ ଏବଂ ଅଭିଜ୍ଞ ଅନ୍ୟ ବ୍ୟାଡମିଣ୍ଟନ କୋଚମାନଙ୍କ ଦ୍ୱାରା ଏଠାରେ ଉଚ୍ଚମାନର ପ୍ରଶିକ୍ଷଣ ପ୍ରଦାନ କରାଯାଇ ଓଡ଼ିଶାରୁ ଆନ୍ତର୍ଜାତୀୟ ସ୍ତରର ବ୍ୟାଡମିଣ୍ଟନ ଖେଳାଳି ସୃଷ୍ଟି କରିବା, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ରଖିଥିବା ସେ ପ୍ରକାଶ କରିଛନ୍ତି।

ପ୍ରସିଦ୍ଧ କୋଚ୍‌ଶ୍ରୀ ଗୋପୀଚାନ୍ଦ ରାଜ୍ୟ ପ୍ରଶିକ୍ଷଣ ଏକାଡେମୀ ଆରମ୍ଭ ନେଇ ବିଭିନ୍ନ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ହାଇ ପରଫରମାନ୍ସ ସେଣ୍ଟରକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ କରିବା ପାଇଁ ଆଗାମୀ ଅପ୍ରେଲ ୧ରୁ ଏକାଡେମୀ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପାଇଁ ସେ ଆଶାବାଦୀ ରହିଛନ୍ତି ବୋଲି ପ୍ରକାଶ କରିଥିଲେ। ଓଡ଼ିଶାର ପ୍ରତିଭାମାନ ବ୍ୟାଡମିଣ୍ଟନ ଖେଳାଳିଙ୍କୁ ବିଶ୍ୱସ୍ତରୀୟ ପ୍ରଶିକ୍ଷଣ ଦେଇ ଓଡ଼ିଶାକୁ ଆନ୍ତର୍ଜାତୀୟ ବ୍ୟାଡମିଣ୍ଟନ ମାନଚିତ୍ରରେ ନୂଆ ପରିଚୟ ଦେବାରେ ସେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରକାଶ କରିଥିଲେ।

ସୂଚନାଯୋଗ୍ୟ ଯେ, କଳିଙ୍ଗ ଷ୍ଟାଡିୟମ ଠାରେ ଗତ ୨୦୨୪ ଡିସେମ୍ବର ୧୨ ତାରିଖରେ ଏହି ହାଇ ପରଫରମାନ୍ସ ସେଣ୍ଟର ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଥିଲା। ଏହି କେନ୍ଦ୍ରର ଉଦଘାଟନ କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱାଶର୍ମା ଓ ପ୍ରସିଦ୍ଧ ବ୍ୟାଡମିଣ୍ଟନ କୋଚ୍‌ଶ୍ରୀ ପୁଲେଲା ଗୋପୀଚାନ୍ଦ ଉପସ୍ଥିତ ଥିଲେ। ଏକ ବୃହତାକାର" ଶଟଲ କକ୍" ଆକୃତିର ଅତ୍ୟାଧୁନିକ ଶୈଳୀରେ ଏଠାରେ ଏକାଧିକ ବ୍ୟାଡମିଣ୍ଟନ କୋର୍ଟ, ଦର୍ଶକଙ୍କ ବସିବା ସୁବିଧା, ଆମ୍ଫିଥିଏଟର ସହ ଖେଳାଳିଙ୍କ ପାଇଁ ଆବାସିକ ସୁବିଧା ରହିଛି । ଓଡ଼ିଶା ସରକାର, ପୁଲେଲା ଗୋପିଚନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେସନ ଓ ଡାଲମିଆ (ଭାରତ) ଗ୍ରୁପ୍‌ର ସହଯୋଗରେ ଏହା ନିର୍ମିତ ହୋଇଛି ।

# ବରଗଡ଼ ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ବରଗଡ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିଗିଡି ଚାଲିଥିବା ପ୍ରସଙ୍ଗ ନେଇ ବରଗଡ଼ ମହିଳା ସମିତି ଆଜି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛି। ସେଥିରେ ମୁଖ୍ୟତଃ ବରଗଡ଼ ଜିଲ୍ଲା ମହକୁମାର ସ୍ଥିତି ସବୁଠୁ ଅଧିକ ଚିନ୍ତାଜନକ ଏବଂ ମାଦକ ଦ୍ରବ୍ୟର ଅବାଧ କାରବାର ଯୋଗୁଁ ଯୁବ ସମାଜକୁ ନଷ୍ଟ ଭ୍ରଷ୍ଟ କରାଯାଉଛି ବୋଲି ଉଦବେଗ ପ୍ରକାଶ କରାଯାଇ ପୋଲିସର ନିଷ୍କ୍ରିୟତାକୁ ଏଥିପାଇଁ ଦାୟୀ କରାଯାଇଛି। ଏହି ସହରରେ ଏକ ମହିଳା ଥାନା ପ୍ରତିଷ୍ଠା କରାଯିବାକୁ ଏବଂ ସ୍ଥାଣୁ ପାଲଟିଥିବା ଜିଲ୍ଲା ପୋଲିସ ବିଭାଗର ସୁଧାର ପାଇଁ ଜଣେ ଦକ୍ଷ ଆଇପିଏସ ଅଧିକାରୀଙ୍କୁ ବରଗଡ଼ ଜିଲ୍ଲାରେ ଅବସ୍ଥାପିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଏହା ସାଙ୍ଗକୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଦ୍ୱାରା ପ୍ରତିଷ୍ଠିତ ପାଇକମାଳ ସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନ ରେ ଥିବା ଅବ୍ୟବସ୍ଥା ଏ ଅନୁଷ୍ଠାନକୁ ଅବିଳମ୍ବେ ଅନ୍ଧାର ମଧ୍ୟକୁ ଠେଲି ଦେବାକୁ ଯାଉଛି ବୋଲି ଦୃଷ୍ଟି ଆକର୍ଷଣ କରାଯାଇ ଏହି ଆଶ୍ରମର ସମ୍ପୂର୍ଣ୍ଣ ପରିଚାଳନା ଭାର ରାଜ୍ୟ ସରକାର ନିଜ ହାତକୁ ନେବାକୁ ନିବେଦନ କରାଯାଇଛି। ସମିତିର ସଭାନେତ୍ରୀ ଅଞ୍ଜନା ଦାସଙ୍କ ନେତୃତ୍ୱରେ ମମତା ମିଶ୍ର, ରାଧାରାଣୀ ମିଶ୍ର, ପଦ୍ମିନୀ ସାହୁ, ସଲୋନୀ ଦାଶ, ଜୟନ୍ତୀ ପ୍ରଧାନ, ପ୍ରଣତି ପ୍ରଧାନ ଏହି ପ୍ରତିନିଧି ଦଳରେ ସାମିଲ ହୋଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

# ରିଙ୍କୁ ଜେନା ହତ୍ୟାକାଣ୍ଡକୁ ନେଇ ଦୁଇ ପୂର୍ବତନ ବିଧାୟକ ମୁହାଁମୁହିଁ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ନୂଆପଡା ପ୍ରେସ କଲୋନୀରେ ସୌମ୍ୟରଞ୍ଜନ ଓରଫ ରିଙ୍କୁ ଜେନା ହତ୍ୟାକାଣ୍ଡକୁ ନେଇ ଦୁଇ ପୂର୍ବତନ ବିଧାୟକ ଚନ୍ଦ୍ର ସାରଥି ବେହେରା ଓ ପ୍ରକାଶ ସେଠୀଙ୍କ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବତନ ବିଧାୟକ ଶ୍ରୀ ବେହେରା ରିଙ୍କୁ ହତ୍ୟାକାଣ୍ଡ ଘଟଣା ପାଇଁ ପରୋକ୍ଷରେ ପୂର୍ବତନ ବିଧାୟକ ଶ୍ରୀ ସେଠୀଙ୍କୁ ଇଙ୍ଗିତ କରିଛନ୍ତି। ସେ କହିଛନ୍ତି ସ୍ଥାନୀୟ ବିଧାୟକ ଅପରାଧୀଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଦିନ ଦ୍ୱିପହରରେ ଅପରାଧୀ ବନ୍ଧୁକ ଧରି ବୁଲୁଛନ୍ତି ଏବଂ ହତ୍ୟା କରୁଛନ୍ତି। ପୋଲିସ ଉପରେ ଅପରାଧୀଙ୍କ ଭୟ ନାହିଁ। ସେପଟେ ଶ୍ରୀ ସେଠୀ ଏହାର କଡା କାଉଣ୍ଟର କରିଛନ୍ତି । ସେ କହିଛନ୍ତି ଶ୍ରୀ ବେହେରା ନିର୍ବାଚନ ହାରିବା ପରେ ପ୍ରହେଳିକା କରୁଛନ୍ତି।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୨୨ ଫେବୃୟାରୀ ୨୦୨୬ ରବିବାର





### ପୁଞ୍ଜି ଆକର୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ୩-ସୂତ୍ରୀ ଆକ୍ସନ ପ୍ଲାନ

# ଖୋର୍ଦ୍ଧାରେ ହେବ ସେମିକଣ୍ଡକ୍ଟର ମେମୋରି ଚିପ୍ ପ୍ଲାଣ୍ଟ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅନୁଷ୍ଠିତ ୪୪ ତମ ହାଇ ଲେଭେଲ କ୍ଲିଅରାନ୍ସ ଅଥରିଟି ବୈଠକରେ ଶନିବାର ୪୪,୨୦୦ କୋଟି ଟଙ୍କାର ୧୦ଟି ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ରାଜ୍ୟର ୮ଟି ଜିଲ୍ଲାରେ ଏହି ୧୦ଟି ପ୍ରକଳ୍ପ ସ୍ଥାପନ କରାଯିବ, ଯାହାଦ୍ୱାରା ପ୍ରାୟ ୯ ହଜାର ନିଯୁକ୍ତି ସୃଷ୍ଟି ହେବ। ଏହି ଜିଲ୍ଲାଗୁଡ଼ିକ ହେଉଛି-ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ଢେଙ୍କାନାଳ, ପୁରୀ, ନୟାଗଡ଼, କଳାହାଣ୍ଡି ଓ ଦେବଗଡ଼ । ରେଆର ଆର୍ଥ ମାନୁଫାକ୍ଚରିଙ୍ଗ୍, ସେମିକଣ୍ଡକ୍ଟର, ସିମେଣ୍ଟ, ଅଟୋମୋବାଇଲ ଓ ଅଟୋକମ୍ପୋନେଣ୍ଟ, ଟେଲିକମ୍ ଭିତ୍ତିଭୂମି ଏବଂ ଶକ୍ତି ଓ ନବୀକରଣୀୟ ଶକ୍ତି କ୍ଷେତ୍ରରେ ନିବେଶ ପ୍ରସ୍ତାବ ଗୁଡ଼ିକୁ ମଞ୍ଜୁର କରାଯାଇଛି । ବୈଠକରେ ପୁଞ୍ଜି ଆକର୍ଷଣ ଓ ପୁଞ୍ଜି ପ୍ରସ୍ତାବ କାର୍ଯ୍ୟକାରୀ କରିବାରେ ଓଡ଼ିଶାର ଉଚ୍ଚ ପ୍ରଦର୍ଶନ ପାଇଁ ସନ୍ତୋଷ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡ଼ିଶା ଏବେ ପାରମ୍ପରିକ ଶିଳ୍ପ ବ୍ୟତୀତ ଆଧୁନିକ, ଟେକ୍ନୋଲୋଜି ପରିଚାଳିତ କ୍ଷେତ୍ର ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ଏହି ଏଚ୍ଏଲ୍ସିଏ ଗୁଡିକ ଜରିଆରେ ଆମେ ଏବେ ଉଦୀୟମାନ ଶିଳ୍ପ କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି କରିପାରୁଛୁ । ବିଶେଷକରି ଆଧୁନିକ ମାନ୍ୟୁଫାକ୍ଚରିଙ୍ଗ୍ ଓ ନବୀକରଣୀୟ ଶକ୍ତି ଉତ୍ପାଦନରେ ଓଡ଼ିଶାର ସ୍ଥିତି ସୁଦୃଢ଼ ହେଉଛି । ଏହାଦ୍ୱାରା ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ତ୍ୱରାନ୍ୱିତ ହୋଇପାରୁଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କେବଳ ପୁଞ୍ଜି ଆକର୍ଷଣ କରିବା ଆମର ଲକ୍ଷ୍ୟ ନୁହେଁ, ଏହା ଯେପରି ତୁରନ୍ତ କାର୍ଯ୍ୟକାରୀ ହେବ, ତାକୁ ସୁନିଶ୍ଚିତ କରିବା ଦରକାର । ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରକଳ୍ପ ପ୍ରସ୍ତାବ ଗୁଡ଼ିକ କାର୍ଯ୍ୟକାରୀ ହୋଇ ଉତ୍ପାଦନ ଆରମ୍ଭ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ସେ କହିଥିଲେ। ଏଥିପାଇଁ ଅଧିକାରୀମାନେ ଟିମ୍ ଓଡ଼ିଶାର ମନୋଭାବ ନେଇ କାର୍ଯ୍ୟ କରିବା ଆବଶ୍ୟକ । ସମସ୍ତଙ୍କ ସମନ୍ୱୟରେ ଆମର କାର୍ଯ୍ୟଶୈଳୀରେ ଉନ୍ନତି ଆସିପାରିବ ଏବଂ ଆମର ସଂସ୍ଥାଗତ ବ୍ୟବସ୍ଥା ଗୁଡ଼ିକୁ ସୁଦୃଢ଼ ହୋଇପାରିବ ବୋଲି ସେ କହିଥିଲେ। ଏଚ୍.ଏଲ୍.ସି ଏର ସଦସ୍ୟ ଓ ଅଧିକାରୀମାନଙ୍କୁ ପୁଞ୍ଜିନିବେଶରେ ଅଧିକ ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ଏକ ୩-ସୂତ୍ରୀ ଆକ୍ସନ ପ୍ଲାନ ଦେଇଛନ୍ତି । ପ୍ରଥମଟି ହେଉଛି ଯେ, ପୁଞ୍ଜି ଆକର୍ଷଣ ପାଇଁ ବିଭିନ୍ନ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ଚାଲିଛି । ତେଣୁ ଆମକୁ ଏ କ୍ଷେତ୍ରରେ ଆମର ଅଭିଯାନକୁ ଆହୁରି ସୁଦୃଢ଼ କରିବାକୁ ପଡିବ। ଦ୍ୱିତୀୟ ହେଲା, ଆମର ଫଙ୍କସ୍ନାଲ୍ ସିଷ୍ଟମକୁ ଆହୁରି ଉନ୍ନତ କରିବାକୁ ପଡିବ। ଏହାଦ୍ୱାରା ଶିଳ୍ପ ସ୍ଥାପନ କ୍ଷେତ୍ରରେ ଅଧିକ ଗତି ଆସିବ ଏବଂ ଶିଳ୍ପାୟନ ପ୍ରକ୍ରିୟା ମଧ୍ୟ ସହଜ ହେବ। ତୃତୀୟ ବିଷୟଟି ହେଉଛି, ପ୍ରକଳ୍ପ ଗୁଡିକୁ ଗ୍ରାଉଣ୍ଡିଙ୍ଗ୍ କରିବା ପାଇଁ ଯେତିକି ସମୟ ଲାଗୁଛି,ତାକୁ ଆହୁରି କମ୍ କରିବାକୁ ପଡିବ। ଯେଉଁ ରାଜ୍ୟରେ ଶିଳ୍ପ ପ୍ରକଳ୍ପ ଗୁଡିକ ସବୁଠାରୁ କମ୍ ସମୟ ମଧ୍ୟରେ ଗ୍ରାଉଣ୍ଡିଙ୍ଗ ହେଉଥିବ, ନିବେଶକ ମାନେ ସେଠାକୁ ଯିବାପାଇଁ ଅଧିକ ପସନ୍ଦ କରିବେ। ତେଣୁ, ଆମକୁ ଏହିସବୁ ବିଷୟ ଗୁଡିକ ପ୍ରତି ଅଧିକ ଧ୍ୟାନ ଦେଇ ଏକ ଫୋକସ୍ଡ ଆପ୍ରୋଚ୍ ନେଇ ଉଦ୍ୟମ ଅବ୍ୟାହତ ରଖିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ସେମିକଣ୍ଡକ୍ଟର ଓ ରେଆର ଆର୍ଥ କ୍ଷେତ୍ରରେ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିବେଶ ଓଡ଼ିଶାକୁ ଆଧୁନିକ ଟେକ୍ନୋଲୋଜି କ୍ଷେତ୍ରରେ ଅଗ୍ରଣୀ କରିବାରେ ସହାୟକ ହେବ।

ସେହିପରି ନବୀକରଣୀୟ ଶକ୍ତି କ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ମଞ୍ଜୁରୀ ହାସଲ କରିଛି ।

ସେହିପରି ଟେଲିକମ ଭିତ୍ତିଭୂମି କ୍ଷେତ୍ରରେ ମଧ୍ୟ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହାଦ୍ୱାରା ଡିଜିଟାଲ କନେକ୍ଟିଭିଟିରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି ପାଇବା ସହିତ ଦେଶର ପୂର୍ବ ଉପକୂଳରେ ଓଡ଼ିଶା ଏକ ଷ୍ଟ୍ରାଟେଜିକ୍ ଗେଟ୍-ଓ୍ୱେ ଭାବେ ପ୍ରତିଷ୍ଠା ହାସଲ କରିବ ।

# ବଜେଟରେ ଜଗତସିଂହପୁର ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ଘୋଷଣା

**ଭୁବନେଶ୍ୱର,ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱର ରାଜ୍ୟ ଅତିଥି ଭବନ ଠାରେ ଜଗତସିଂହପୁର ଜିଲ୍ଲାର ନାଗରିକ ସମାଜ ଓ ଯୁବ ସମାଜ ପକ୍ଷରୁ ଏକ ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ଉପସ୍ଥିତ ରହି ଜିଲ୍ଲାରେ ନୂତନ ବିଶ୍ୱବିଦ୍ୟାଳୟ ଓ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ହେବାକୁ ଯାଉଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

ସୂଚନାଯୋଗ୍ୟ ଯେ, ଗତକାଲି ବିଧାନସଭାରେ ଉପସ୍ଥାପିତ ହୋଇଥିବା ୨୦୨୬-୨୭ ଆର୍ଥିକ ବର୍ଷ ବଜେଟରେ ଜଗତସିଂହପୁର ଜିଲ୍ଲାରେ ଏକ ବିଶ୍ୱବିଦ୍ୟାଳୟ ଓ ପାରାଦୀପରେ ଏକ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଛି ।

ଏହି ନିଷ୍ପତି ପାଇଁ ପାରାଦୀପ ବିଧାୟକ ତଥା ଶିକ୍ଷମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ, ଜଗତସିଂହପୁର ବିଧାୟକ ଶ୍ରୀ ଅମରେନ୍ଦ୍ର ଦାସ ଏବଂ ଜିଲ୍ଲାର ଅନ୍ୟାନ୍ୟ ନେତୃବର୍ଗଙ୍କ ନେତୃତ୍ୱରେ ଜଗତସିଂହପୁର ଜିଲ୍ଲାର ଚାରୋଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଏକ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ବିଶେଷକରି ଯୁବବର୍ଗ ଆସି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସମ୍ବର୍ଦ୍ଧିତ କରିଥିଲେ । ବିକାଶର ପ୍ରତ୍ୟେକ କ୍ଷେତ୍ରରେ ଜଗତସିଂହପୁର ଜିଲ୍ଲାକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଜିଲ୍ଲାବାସୀ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ ।

ଏହି ଅବସରରେ ଶିକ୍ଷ ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି କହିଥିଲେ ଯେ, ଏହି ନିଷ୍ପତି ହେଉଛି ବିକଶିତ ଜଗତସିଂହପୁର ଜିଲ୍ଲା ଗଠନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତାର ନିଦର୍ଶନ । ଏହା ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ଗୁଣାତ୍ମକ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆସିବ ଓ ବୈଷୟିକ ଶିକ୍ଷା ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ।

# ପୂର୍ବତଟ ରେଳପଥ ଜିଏମ୍ଙ୍କ ନୟାଗଡ-ଜଖପୁରା ସେକ୍ସନର ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବ ତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରମୁଖ ରେଳ ସ୍ଥାପନଗୁଡ଼ିକରେ ସୁରକ୍ଷା ମାନଦଣ୍ଡ, ଭିତିଭୂମି ସ୍ଥିତି ଏବଂ କାର୍ଯ୍ୟକ୍ଷମ ଦକ୍ଷତା ସମୀକ୍ଷା କରିବା ପାଇଁ ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ନୟାଗଡ - ଜଖପୁରା ସେକ୍ସନର ଏକ ବ୍ୟାପକ ସୁରକ୍ଷା ଯାଂଚ କରିଥିଲେ। ତାଙ୍କ ସହିତ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠି, ମୁଖ୍ୟାଳୟର ପ୍ରମୁଖ ବିଭାଗ ମୁଖ୍ୟ ଏବଂ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ନିରୀକ୍ଷଣ ନୟାଗଡ ରେଳ ଷ୍ଟେସନରୁ ଆରମ୍ଭ ହୋଇଥିଲା, ଯେଉଁଠାରେ ମହାପ୍ରବନ୍ଧକ ପ୍ଲାଟଫର୍ମ, ପରିଚାଳନା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧା ସମେତ ଷ୍ଟେସନ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ସେ ଆହୁରି ମଧ୍ୟ କ୍ରୁ ଲବି, ସ୍ୱାସ୍ଥ୍ୟ ୟୁନିଟ୍ ଏବଂ ରନିଂ ରୁମ୍, ରେଳବାଇ କଲୋନି ଏବଂ ଶିଶୁ ଉଦ୍ୟାନଏବଂ ସେକ୍ସନର ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନ ଯଥା କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳ ଷ୍ଟେସନରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥାର ମଧ୍ୟ ପୁଙ୍ଖାନୁପୁଙ୍ଖ ଯାଂଚ କରିଥିଲେ।

ଫ୍ରଂଟଲାଇନ୍ କର୍ମଚାରୀ ଏବଂ ଗ୍ୟାଙ୍ଗମ୍ୟାନଙ୍କ ସହିତ ଆଲୋଚନା ଏହି ନିରୀକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା, ଯେଉଁ ସମୟରେ ମହାପ୍ରବନ୍ଧକ ସେମାନଙ୍କର କାର୍ଯ୍ୟଜ୍ଞାନ, ସୁରକ୍ଷା ସଚେତନତା ଏବଂ କାର୍ଯ୍ୟକ୍ଷେତ୍ରରେ ଉପୁଜୁଥିବା ବିଭିର୍ଣ୍ଣ ଚ୍ୟାଲେଞ୍ଜ ଗୁଡିକ ଉପରେ ଖୋଲା ମତାମତ ଦେବାକୁ ଉତ୍ସାହିତ କରିଥିଲେ। ଶ୍ରୀ ଫୁଙ୍କୱାଲ କର୍ମଚାରୀ କଲ୍ୟାଣ ଏବଂ ଉନ୍ନତ ଜୀବନଯାପନ ପରିସ୍ଥିତି ପ୍ରତି ପ୍ରଶାସନର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରି ରେଳ ପରିବାରମାନଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ।

ସୁରକ୍ଷା ଯାଞ୍ଚର ଅନ୍ୟ ପ୍ରମୁଖ ଅଂଶଗୁଡ଼ିକ ଥିଲା ଲେଭଲ କ୍ରସିଂ ଗେଟ୍, ଟାଓ୍ୱାର ଓ୍ୱାଗନ ସେଡ୍, ଟ୍ରାକ୍ସନ୍ ସବ୍ ଷ୍ଟେସନ୍, ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପାମାର୍ଗ, କର୍ଭ, ଓ ସେତୁମାନଙ୍କୁ ପରିଦର୍ଶନ କରାଯାଇଥିଲା । ଏହାର ଉଦ୍ଦେଶ୍ୟ ସୁରକ୍ଷା ନିୟମ ପାଳନ, ପ୍ରାଥମିକ ଢାଞ୍ଚାର ସ୍ଥିତି ଓ ରକ୍ଷାବେକ୍ଷଣ ପ୍ରସ୍ତୁତିକୁ ମୂଲ୍ୟାଙ୍କନ କରିବା ଥିଲା। ନିରୀକ୍ଷଣ ସମୟରେ, ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ରକ୍ଷଣାବେକ୍ଷଣ ମାନ ବୃଦ୍ଧି କରିବା ଏବଂ ନିର୍ଭରଯୋଗ୍ୟ ଏବଂ ସମୟାନୁବର୍ତୀ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଜାରି କରିଥିଲେ। କର୍ତବ୍ୟ ପ୍ରତି ସେମାନଙ୍କର ଆନ୍ତରିକ ପ୍ରତିବଦ୍ଧତା ପାଇଁ ପ୍ରଶଂସା ସ୍ୱରୂପ ସେ ଫ୍ରଣ୍ଟଲାଇନ୍ କର୍ମଚାରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୋମବାର ଯାଏଁ ...

ପରେ ବାଚସ୍ପତି ୧୦.୩୬ରେ ବାଚସ୍ପତି ପ୍ରଥମେ ଗୃହକୁ ୧୧.୩୦ ଯାଏଁ ମୁଲତବୀ କରିଥିଲେ। ଦ୍ୱିତୀୟବାର ଗୃହ କାର୍ଯ୍ୟ ୧୧.୩୦ରେ ଆରମ୍ଭ ହେବା ପରେ ମଧ୍ୟ ଗୃହରେ ଅନୁରୂପ ହଟ୍ଟଗୋଳ ଓ ନାରାବାଜି ଜାରି ରହିଥିଲା। ଗୃହର ଏହି ଶୂନ୍ୟ କାଳରେ ହଟ୍ଟଗୋଳ, ନାରାବାଜି ଚାଲିଥିବା ବେଳେ ବାଚସ୍ପତି ବିରୋଧୀ ବିଧାୟକମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ପୁଣି ଥରେ ନିବେଦନ କରିଥିଲେ ମଧ୍ୟ ସେମାନେ ଏଥିପ୍ରତି କର୍ଣ୍ଣପାତ କରିନଥିଲେ। ଅନ୍ୟ ପକ୍ଷରେ ବାଚସ୍ପତି ଶାସକ ବିଜେପି ଦଳର ବିଧାୟକମାନଙ୍କୁ ବକ୍ତବ୍ୟ ରଖିବା ପାଇଁ ସୁଯୋଗ ଦେଇଥିଲେ। ବିଜେପି ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ଜୟ ଢୋଲକିଆ ଓ ଜଲେନ ନାୟକ ନିଜ ନିଜ ନିର୍ବାଚନ ମଣ୍ଡଳୀର ଗୁରୁତ୍ୱପୂର୍ଣ୍ଣ ସମସ୍ୟା ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ହଟ୍ଟଗୋଳ ଓ ନାରାବାଜି ଯୋଗୁ ଗୃହ ଚଳାଇବା ଅସମ୍ଭବ ହୋଇପଡ଼ିବାରୁ ବାଚସ୍ପତି ବୈଠକକୁ ୧୧.୩୪ରେ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଦ୍ୱିତୀୟାର୍ଦ୍ଧ ବୈଠକ ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା। ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକାର୍ଯ୍ୟ ପରିଚାଳନା ପାଇଁ ଆସିଥିଲେ। ହେଲେ ପୂର୍ବାହ୍ନ ବୈଠକ ପରି ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବିରୋଧି ଦଳର ବିଧାୟକମାନେ ଗୃହ ମଝିରେ ଏକାଠି ହୋଇ ସରକାରୀ ବିରୋଧୀ ନାରାବାଜି ଜାରି ରଖିଥିଲେ। ଏହାରି ମଧ୍ୟରେ ଉପବାଚସ୍ପତି ଶ୍ରୀ ଭୋଇ ଶନିବାର ଦିବସ ପାଇଁ ଧାର୍ଯ୍ୟ ହୋଇଥିବା କାର୍ଯ୍ୟସୂଚୀ ମୁତାବକ କାଗଜାତ, ବିଜ୍ଞପ୍ତି ଏବଂ ରିପୋର୍ଟ ଉପସ୍ଥାପନ ପାଇଁ ଡାକିଥିଲେ। ତଦନୁସାରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ପଞ୍ଚାୟିତରାଜ ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ପରିବହନ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ସେମାନଙ୍କ ପକ୍ଷରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କାଗଜାତ, ବିଜ୍ଞପ୍ତି ଓ ରିପୋର୍ଟ ଉପସ୍ଥାପନ କରିଥିବା ବେଳେ ଶ୍ରମ ଓ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ତାଙ୍କ ବିଭାଗ ସମ୍ପର୍କିତ ବିଜ୍ଞପ୍ତି ଗୃହରେ ଉପସ୍ଥାପନ କରିଥିଲେ। ଚାଷୀ ସମସ୍ୟା ନେଇ ଆଜି ଦିନ ତମାମ ବିଧାନସଭା ଗୃହକୁ ବିରୋଧୀ ଦଳ ସେମାନଙ୍କ ନାରାବାଜି, ହଟ୍ଟଗୋଳ ଦ୍ୱାରା ଅସ୍ୱାଭାବିକ ପରିସ୍ଥିତିରେ ପକାଇଥିଲେ। ଏଭଳି ହଟ୍ଟଗୋଳ ଲାଗି ରହିବାରୁ ବାଚସ୍ପତି ୪.୧୨ରୁ ଗୃହକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

### ଭୁବନେଶ୍ୱରରେ ଖୋଲିବ ...

ଭିସା କେନ୍ଦ୍ର ସହିତ 'ଭିସା କନସିଅର୍ଜ ସେବା' ମଧ୍ୟ ଉପଲବ୍ଧ ହେବ, ଯାହା ଫର୍ମ ପୂରଣ, ବୀମା ଏବଂ ଅନ୍ୟାନ୍ୟ ପ୍ରକ୍ରିୟାକୁ ସହଜ କରିବ ।

ଏହି ପଦକ୍ଷେପ ଦ୍ୱାରା ଓଡ଼ିଶାର ଛାତ୍ରଛାତ୍ରୀ ଏବଂ ବ୍ୟବସାୟୀମାନଙ୍କୁ ଆଉ ଭିସା କାମ ପାଇଁ କୋଲକାତା କିମ୍ବା ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ । ଏହାଦ୍ୱାରା ସେମାନଙ୍କର ସମୟ, ଅର୍ଥ ଓ ପରିଶ୍ରମ ବଞ୍ଚିବା ସହ ସ୍ଥାନୀୟ ଯୁବକଯୁବତୀଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହେବ । ଓଡ଼ିଶାର ଆନ୍ତର୍ଜାତୀୟ ସଂଯୋଗୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ।

### ୩ ରାଜ୍ୟରେ...

ଦେଇ ଗତି କରୁଛି। ଦକ୍ଷିଣ ହରିୟାଣା ଏବଂ ସଂଲଗ୍ନ ପଞ୍ଜାବ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଦୁର୍ବଳ ହେବା ଆରମ୍ଭ କରିଛି । ହେଲେ ଉତ୍ତର ଭାରତରେ ୧୦୦ କି.ମି ବେଗରେ ଏକ ପଶ୍ଚିମ ଜେଟ୍ ଷ୍ଟ୍ରିମ୍ ପ୍ରବାହିତ ହେଉଛି। ତେଣୁ, ସକାଳ ଏବଂ ସନ୍ଧ୍ୟାରେ ଉତ୍ତର ଭାରତରେ ମୃଦୁ ଥଣ୍ଡା ଅନୁଭୂତ ହେଉଛି ।

ଆଇଏମଡିଙ୍କ ସୂଚନା ଅନୁଯାୟୀ, ରବିବାର ରାତିରେ ସକ୍ରିୟ ହେବାକୁ ଥିବା ଏକ ପଶ୍ଚିମ ଘୂର୍ଣ୍ଣିବଳୟ ହିମାଳୟ ଅଞ୍ଚଳକୁ ପ୍ରଭାବିତ କରିବ। ଏହି ପ୍ରଭାବରେ ୨୨-୨୩ ଏବଂ ୨୪ ତାରିଖରେ ସମତଳ ଅଞ୍ଚଳରେ ବର୍ଷା ଏବଂ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଏବଂ ଉତ୍ତରାଖଣ୍ଡର ପର୍ବତମାଳାରେ ତୁଷାରପାତ ହେବାର ସମ୍ଭାବନା ଅଛି।

### ୪୩ ବର୍ଷରେ ...

ହୋଇଛି। ତାସହ ସେହି ବର୍ଷ ୩ କିଲୋ ୪୪୧ ଗ୍ରାମ୍ ୩ଶହ ଗ୍ରାମ ମିଶ୍ରିତ ସୁନା ଓ ୩୩ କିଲୋ ୬୪୮ ଗ୍ରାମ୍ ମିଶ୍ରିତ ରୂପା ଅଳଙ୍କାର ବି ଭକ୍ତମାନେ ଦାନ କରିଛନ୍ତି।

ଆଇନମନ୍ତ୍ରୀ କହିଛନ୍ତି- ହୁଣ୍ଡିରୁ ଆଦାୟ ଦାନର କୌଣସି ଭାଗ ଜଗନ୍ନାଥ ମହାପ୍ରଭୁଙ୍କ ଅନ୍ୟ କେଉଁ ସଂସ୍ଥାକୁ ଯାଏ ନାହିଁ। ତାସହ ଆଦାୟ ଅର୍ଥର ୯୦ ପ୍ରତିଶତ ଓ ଅନ୍ୟାନ୍ୟ ଦାନ ଯୋଜନାରେ ସଂଗୃହୀତ ୫ଶହ ଟଙ୍କାରୁ ଅଧିକ ପରିମାଣର ରାଶି ମନ୍ଦିର ଫାଉଣ୍ଡେସନ ଫଣ୍ଡ ଯୋଜନାରେ ଦୀର୍ଘ ମିଆଦି ସ୍ଥାୟୀ ଜମାରେ ରଖାଯାଉଛି। ବଳକା ୧୦ ପ୍ରତିଶତ ଅର୍ଥ ଠାକୁରଙ୍କ ଦୈନନ୍ଦିନ ଖର୍ଚ୍ଚରେ ଲାଗୁଛି।

ଏକାଥରେ ଦାନ ଆକାରରେ ମିଳୁଥିବା ନଗଦ ଲକ୍ଷେ ଟଙ୍କାରୁ ଉର୍ଦ୍ଧ୍ୱ ରାଶି ସିଧା ଶ୍ରୀମନ୍ଦିର କର୍ପସ ଫଣ୍ଡକୁ ଦୀର୍ଘ ମିଆଦି ସ୍ଥାୟୀ ଜମା ଭାବେ ବ୍ୟାଙ୍କରେ ଗଚ୍ଛିତ ରହୁଛି। ତେବେ ଯେଉଁ ସୁନା-ରୁପା ସବୁ ଦାନରେ ମିଳୁଛି- ସେଥିରୁ କିଛି କିଛି ବିଭିନ୍ନ ସମୟରେ ଆବଶ୍ୟକତା ଭିତ୍ତିରେ ମହାପ୍ରଭୁଙ୍କ ଅଳଙ୍କାର ମରାମତି ଓ ନୂଆ ଅଳଙ୍କାର ପ୍ରସ୍ତୁତିରେ ଲାଗୁଛି। ବଳକା ଧାତୁ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଷ୍ଟେଟ୍ ବ୍ୟାଙ୍କ ଲକରରେ ଗଚ୍ଛିତ ରହୁଛି ବୋଲି ଆଇନ୍ ମନ୍ତ୍ରୀ କହିଛନ୍ତି।

# ବଜେଟକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ରାଜ୍ୟ ବଜେଟ ଉପସ୍ଥାପନ କରିଥିବା ବେଳେ, ଆଜି ବିଜୁ ଜନତା ଦଳ ଏହି ବଜେଟ ଅନ୍ତସାର ଶୂନ୍ୟ ଓ କେବଳ ପ୍ରଚାରଧର୍ମୀ ବଜେଟ ବୋଲି ଅଭିହିତ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳର ଉପନେତା ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଓ ବିଧାୟକ ଶ୍ରୀ ଗୌତମ ବୁଦ୍ଧ ଦାସ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ।

ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ରାଜ୍ୟ ସରକାର ବଜେଟର ପରିମାଣ ୩ ଲକ୍ଷ ୧୦ ହଜାର କୋଟିକୁ ବୃଦ୍ଧି କରି ବାହାଦୁରି ନେବାକୁ ଯେଉଁ ପ୍ରୟାସ କରୁଛନ୍ତି, ତାହା ଗ୍ରହଣୀୟ ନୁହେଁ । ପୂର୍ବ ବର୍ଷ ତୁଳନାରେ ମାତ୍ର ୬.୨୫% ବୃଦ୍ଧି ହୋଇଥିବା ବେଳେ ମୁଦ୍ରାସ୍ଫୀତିକୁ ୮% ହାରରେ ବିଚାରକୁ ନେଲେ, ବଜେଟ ପରିମାଣ ବୃଦ୍ଧି ହୋଇନାହିଁ ବରଂ ଦୁଇ ପ୍ରତିଶତ ହ୍ରାସ ପାଇଛି । ସରକାରଙ୍କ ଆୟ କମୁଛି, ତେଣୁ ଋଣ ଭାରରେ ଓଡିଶାକୁ ବୁଡାଉଛନ୍ତି । ନବୀନ ବାବୁ ରାଜ୍ୟର ଦାୟିତ୍ୱ ନେବା ପରେ ରାଜ୍ୟର ବିପର୍ଯ୍ୟସ୍ତ ଆର୍ଥିକ ସ୍ଥିତିକୁ ସୁଧାର କରି ଓଡିଶାକୁ ଏକ ଆର୍ଥିକ ଶୃଙ୍ଖଳା ରାଜ୍ୟରେ ପରିଣତ କରିଥିଲେ । ବର୍ତ୍ତମାନର ସରକାର କେବଳ ଋଣ କରି ରାଜ୍ୟର ଆର୍ଥିକ ସ୍ଥିତିକୁ ଆଉଥରେ ବିପଦ ଆଡ଼କୁ ଠେଲି ଦେଉଛନ୍ତି । ମାତ୍ର ୩ଟି ବଜେଟରେ ବର୍ତ୍ତମାନର ସରକାର ପ୍ରାୟ ୧.୩୮ ଲକ୍ଷ କୋଟି ଋଣ କଲେଣି । ସରକାର ଋଣ ଉପରେ ନିର୍ଭର କରି ରାଜ୍ୟବାସୀଙ୍କୁ ସୁନେଲି ସ୍ୱପ୍ନ ଦେଖାଉଛନ୍ତି ।

କୃଷକ ମାନଙ୍କ ସମସ୍ୟାକୁ ସମାଧାନ ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ କି ଆନ୍ତରିକତା ନାହିଁ । ସ୍ୱାସ୍ଥ୍ୟ ବିଭାଗର ପରିମାଣକୁ କମାଇ ଦିଆଯାଇଛି । ବିଭିଜି ରାମଜୀ ଯୋଜନାରେ ୯୦:୧୦ ପରିବର୍ତ୍ତେ, ୬୦:୪୦ରେ ଖର୍ଚ୍ଚ ହେବ, ଯାହା ରାଜ୍ୟ ଉପରେ ଅଧିକ ଆର୍ଥିକ ବୋଝ ବଢିବ । ଏହି ବଜେଟ ଏକ ପ୍ରଚାରଧର୍ମୀ ବଜେଟ । ଅନେକ ଯୋଜନା ଘୋଷଣା କରିଛନ୍ତି, କିନ୍ତୁ ଅର୍ଥ ପ୍ରଦାନ କରାଯାଇନାହିଁ । ମୁଙ୍ଗେରିଲାଲଙ୍କ ହସିନ ସ୍ୱପ୍ନ ଭଳି ସରକାର ରାଜ୍ୟର ବିକାଶ ପାଇଁ ରାଜ୍ୟବାସୀଙ୍କୁ କେବଳ ସ୍ୱପ୍ନ ଦେଖାଉଛନ୍ତି । ଶ୍ରୀ ନିରଞ୍ଜନ ପୂଜାରୀ କହିଥିଲେ, ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡିଶାବାସୀଙ୍କୁ ନିରାଶ କରିଛି, କାରଣ କେନ୍ଦ୍ରୀୟ ଅନୁଦାନ ବଢୁନାହିଁ, ବରଂ କମୁଛି । ପୂର୍ବ ବଜେଟର ମାତ୍ର ୪୭% ଖର୍ଚ୍ଚ ହୋଇଛି । କେନ୍ଦ୍ର ସରକାରଙ୍କ ଅନୁଦାନ କମିବାରେ ଲାଗୁଛି । ରାଜ୍ୟର କୃଷକ ସମାଜ ହତାଶରେ ଅଛନ୍ତି । ରାଜ୍ୟ ସରକାର ଅନେକ ଯୋଜନା କେବଳ ଘୋଷଣା କରିଦେଉଛନ୍ତି, କିନ୍ତୁ ସେଗୁଡିକ କାର୍ଯ୍ୟକାରୀ ହେଉନାହିଁ । ଶ୍ରୀ ଗୌତମବୁଦ୍ଧ ଦାସ କହିଥିଲେ, ବଜେଟଟି ହେଉଛି ଅନ୍ତସାର ଶୂନ୍ୟ ବଜେଟ । ଗୋଟିଏ ଦାୟିତ୍ୱହୀନ ସରକାରଙ୍କର ଦୃଷ୍ଟିହୀନ ବଜେଟ । ବିତ୍ତୀୟ ଶୃଙ୍ଖଳା କ୍ଷେତ୍ରରେ ନବୀନ ବାବୁ ଓଡିଶାକୁ ଏକ ନମ୍ବରରେ ପହଂଚାଇଥିଲେ । କିନ୍ତୁ ଋଣବୋଝ ବଢ଼ାଇବାରେ ଲାଗିଛନ୍ତି ରାଜ୍ୟ ସରକାର । ସମୁଦାୟ ଋଣ ପରିମାଣରୁ ପ୍ରାୟ ୪୦% ଖୋଲା ବଜାରରୁ ଚଢ଼ା ସୁଧ ଦରରେ ଋଣ ନିଆଯାଉଛି, ଯାହା ରାଜ୍ୟର ଆର୍ଥିକ ସ୍ଥିତିକୁ ରେଡ୍ ଜୋନ୍କୁ ନେଇଯାଉଛି। ବିଡ଼ମ୍ବନାର ବିଷୟ ଯେ, ସରକାର ବଜେଟରେ ବିଭିନ୍ନ ବିଭାଗ ପାଇଁ ପ୍ରାବଧାନ କରିଥିବା ଅର୍ଥକୁ ଖର୍ଚ୍ଚ କରିପାରୁ ନାହାନ୍ତି, କିନ୍ତୁ ଚଢ଼ା ସୁଧରେ ଋଣ ନେଉଛନ୍ତି। ରାଜ୍ୟର ଅଭିବୃଦ୍ଧି ହାର କମୁଛି ଋଣ ବଢୁଛି । ଏହା ରାଜ୍ୟର ଅର୍ଥନୀତିକୁ ପଙ୍ଗୁ କରିଦେବ । ବିତ୍ତୀୟ ନିଅଂଟ ୧.୭%ରୁ ୩.୫%କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, କୃଷି ଓ କୃଷକ, ବିଦ୍ୟାଳୟ ଓ ଗଣଶିକ୍ଷା ଇତ୍ୟାଦି ବିଭାଗରେ ରାଜ୍ୟ ସରକାର ଚଳିତ ବଜେଟରେ ଅର୍ଥ କମାଇ ଦେଇଛନ୍ତି । ଏପରିକି ସରକାର ନିଜେ ଘୋଷଣା କରିଥିବା ଫ୍ଲାଗସିପ ଯୋଜନା ଗୁଡିକ ଆରମ୍ଭ ହୋଇପାରି ନାହିଁ । ଉଦାହରଣ ସ୍ୱରୂପ, ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ କଥା ନିଆଯାଇପାରେ, ଯାହା ଇଂଚଟିଏ ମଧ୍ୟ ଏପର୍ଯ୍ୟନ୍ତ ଆଗେଇ ପାରିନାହିଁ ।

### ରାଜ୍ୟର ୧୨ ଜିଲ୍ଲାରେ ରହିଛି ଅଧିକ ବାଲ୍ୟ ବିବାହ : ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଧାନସଭାରୁ ଆସିଲା ବାଲ୍ୟବିବାହ ତଥ୍ୟ ଚିନ୍ତାଜନକ । ଜାତୀୟ ହାର ଠାରୁ ରାଜ୍ୟରେ କମ ବାଲ୍ୟ ବିବାହ ହାର । ରାଜ୍ୟରେ ୧୨ ଜିଲ୍ଲାରେ ଅଧିକ ରହିଛି ବାଲ୍ୟ ବିବାହ । ନବରଙ୍ଗପୁରରେ ୩୯.୪%, ନୟାଗଡରେ ୩୫. ୭%, କୋରାପୁଟରେ ୩୫.୫%, ରାୟଗଡାରେ ୩୩.୨%, ମାଲକାନଗିରିରେ ୩୨.୪, ମୟୁରଭଞ୍ଜରେ ୩୧.୩%, କେନ୍ଦୁଝରରେ ୨୯%, ଗଜପତିରେ ୨୮.୧, ବାଲେଶ୍ୱରରେ ୨୬.୪, ବୌଦ୍ଧରେ ୨୫.୩%, ଅନୁଗୁଳରେ ୨୫% ହାରରେ ବାଲ୍ୟ ବିବାହ ରେକର୍ଡ କରାଯାଇଛି. ତେବେ ଜାତୀୟ ହାର ୨୩.୩% ରହିଥିବାବେଳେ ଓଡ଼ିଶାରେ ୨୦.୫%. ବାଲ୍ୟ ବିବାହର ପାଞ୍ଚୋଟି କାରଣ : ସମାଜିକ ପ୍ରଥା ଓ ପାରମ୍ପରିକ ଧାରଣା, ଲିଙ୍ଗଭିତ୍ତିକ ବିଷମତା, ଦାରିଦ୍ୟ, ସାମାଜିକ ଅସୁରକ୍ଷା ଏବଂ କିଶୋରୀମାନଙ୍କ ଶିକ୍ଷାର ଅଭାବ । ବିଧାୟକ ଅମର ନାୟକଙ୍କ ପ୍ରଶ୍ନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉତ୍ତର ରଖିଛନ୍ତି ।

# ପୃଥକ ଦୁଇ ମାମଲାରେ ଅଭିଯୁକ୍ତଙ୍କୁ ୨୧ ବର୍ଷ ଲେଖାଏଁ କଠୋର କାରାଦଣ୍ଡାଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନାବାଳିକାମାନଙ୍କୁ ଯୌନ ଶୋଷଣ କରୁଥିବା ଅପରାଧୀମାନଙ୍କ ବିରୋଧରେ କଠୋର ଦଣ୍ଡବିଧାନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ ନ୍ୟାୟସିଦ୍ଧ' ଆରମ୍ଭ କରାଯାଇଛି । ଏହି ଅଭିଯାନ ଅଧୀନରେ ତ୍ୱରିତ ତଦନ୍ତ, ଶୀଘ୍ର ଚାର୍ଜସିଟ୍ ଦାଖଲ ଓ ସମୟସୀମା ମଧ୍ୟରେ ବିଚାର ପ୍ରକ୍ରିୟାକୁ ପ୍ରାଥମିକତା ଦିଆଯାଉଛି ।

ଏହି ପରିପ୍ରେକ୍ଷୀରେ ଆଜି ସମ୍ବଲପୁର ଜିଲ୍ଲାରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି ।

ପ୍ରଥମ ମାମଲାରେ ସମ୍ବଲପୁର ଜିଲ୍ଲାର ମାନ୍ୟବର ପୋକ୍ସୋ କୋର୍ଟ ବିଚାରପତି ଜଣେ ୧୧ ବର୍ଷୀୟା ନାବାଳିକାଙ୍କ ସହ ଦୁଷ୍କର୍ମ ସମ୍ପର୍କିତ ଏକ ସମ୍ବେଦନଶୀଳ ମାମଲାରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତଙ୍କୁ ଭାରତୀୟ ନ୍ୟାୟ ସଂହିତା ଧାରା ୬୫(୨) ଓ ପୋକ୍ସୋ ଆଇନ ଧାରା ୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇ ୨୧ ବର୍ଷ କଠୋର କାରାଦଣ୍ଡ ସହ ୫୦,୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରାଯାଇଛି ।

ଉଲ୍ଲେଖଯୋଗ୍ୟ ଯେ, ଅପରାଧ ଘଟିବାଠାରୁ ଆରମ୍ଭ କରି ଚୂଡାନ୍ତ ରାୟ ପ୍ରକାଶ ପର୍ଯ୍ୟନ୍ତ ମାତ୍ର ୭୯ ଦିନ ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟା ସମ୍ପନ୍ନ ହୋଇଥିବା ନୂତନ ଭାରତୀୟ ଆଇନର କାର୍ଯ୍ୟକାରିତାର ଏକ ଉତ୍କୃଷ୍ଟ ଉଦାହରଣ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୫ ମସିହା ନଭେମ୍ବର ୨୯ ତାରିଖରେ ସମ୍ବଲପୁର ଜିଲ୍ଲା ଧାମା ଥାନା ଅଧୀନ ଭେରାପାଲି ଗ୍ରାମରେ ଅଭିଯୁକ୍ତ ଏହି ଘୃଣ୍ୟ ଅପରାଧ ଘଟାଇଥିଲେ। ଘଟଣା ସମ୍ପର୍କରେ ନାବାଳିକା ତାଙ୍କ ମା'ଙ୍କୁ ସୂଚନା ଦେବା ପରେ ପରବର୍ତ୍ତୀ ସମୟରେ ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ଘଟଣାର ତ୍ୱରିତ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା। ଏହା ସହ ସଠିକ ସମୟସୀମା ମଧ୍ୟରେ ଚାର୍ଜସିଟ୍ ଦାଖଲ କରି ଅଭିଯୁକ୍ତଙ୍କୁ କଠୋର ଦଣ୍ଡବିଧାନ କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା ।

ଦ୍ୱିତୀୟ ମାମଲାଟି ସମ୍ବଲପୁର ଜିଲ୍ଲା ରେଢାଖୋଲ ପୋଲିସ ଥାନା (ମାମଲା ନଂ– ୯୯, ତା. ୦୭.୦୫.୨୦୨୨) ଅଧୀନ ଜଣେ ନାବାଳିକାଙ୍କ ସହ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ଭିଷ୍ମ ପୁଲେଇ (୨୭)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୨୧ ବର୍ଷ କଠୋର କାରାଦଣ୍ଡ ପ୍ରଦାନ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବା ପରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ମାମଲାର ତ୍ୱରିତ ତଦନ୍ତ, ସମୟସୀମା ମଧ୍ୟରେ ବିଚାର ପ୍ରକ୍ରିୟା ଓ କଠୋର ଦଣ୍ଡାଦେଶ ସୁନିଶ୍ଚିତ ହେଉଥିବା ପ୍ରତିଫଳିତ ହେଉଛି। ଏହା ଅପରାଧୀମାନଙ୍କ ପାଇଁ ସ୍ପଷ୍ଟ ବାର୍ତ୍ତା ତଥା ଆଇନର କଠୋରତାକୁ ପ୍ରତିପାଦନ କରୁଛି । ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ସମ୍ବଲପୁର ଜିଲ୍ଲା ଏସ୍.ପି. ଓ ତଦନ୍ତକାରୀ ଅଧିକାରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ନୂତନ ଆଇନ କାର୍ଯ୍ୟକାରୀ ହେବା ପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି ପାଇଥିବାରୁ ସେ ସନ୍ତୋଷବ୍ୟକ୍ତ କରିଛନ୍ତି।


**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RWS&S DIVISION, MALKANGIRI**
E-mail-eerwss_mal@nic.in, eerwssmlkg@gmail.com

25001/208/2526

**INVITATION FOR BIDS**
**NATIONAL COMPETITIVE BIDDING**

**Bid Identification No: RWSS_MKG_ONLINE_08/2025-26** **Dated: 19.02.2026**

The Superintending Engineer, RWS&S Division, Malkangiri on behalf of Governor of Odisha invites bids from bidders having valid HT Electrical Contractor license issued by Electrical Licensing Board of Odisha (ELBO) for the works detailed in the table below to be eventually drawn up in P-1 contract.

1 Name of the Work : Construction of External Electrification (As detailed in TCN)
2 No. of Works : 02 Nos.
3 Estimated Cost : ₹9.75 Lakhs to ₹10.15 Lakhs
4 Tender Paper Cost : .4000/- to .6000/- each
5 Class of Contractor : HT Electrical Contractor
6 Period of Completion : 01 (One) calendar month

7. Critical dates :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening the Bid |
|---|---|---|---|---|---|
| | | From | To | | |
| Superintending Engineer, RWS&S Division, Malkangiri | RWSS_MKG_ONLINE_08 of 2025-26 | 25.02.2026 at 09.00 Hours | 06.03.2026 up to 17.00 Hours | 05.03.2026 | 07.03.2026 At 11.00 Hours |

❖ Further details can be seen in the bidding documents, which is available in the e-procurement portal https://www.tendersodisha.gov.in.
❖ Subsequent corrigendum if required shall be appeared in the web site.
❖ Authority reserves the right to reject any or all tenders without assigning any reason thereof.

Sd/-19.02.2026
Superintending Engineer
RWS&S Division, Malkangiri

OIPR-25001/25044/1/25-26/0027



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

25001/223/2526

Letter No. 1146 / Date 19-02-2526

1st Corrigendum to Bid Identification No. Tender Online 21 JJPT of 2025-26 invited this office Letter No. 934, Dtd. 10.02.2026.

The Change as detailed below are hereby made in the above N.I.T

1. Corrigendum to Change Date & Time.

| Procurement Officer | Bid Identification No. | Availability of Tender on-line for bidding | | | | Last date & time of seeking tender clarification | | Date & Time of opening of Technical Bid | |
|---|---|---|---|---|---|---|---|---|---|
| | | From | | To | | | | | |
| 1 | 2 | 3 | 4 | 5 | 6 | 7 | 8 | 9 | 10 |
| | | As earlier | Modified | As earlier | Modified | As earlier | Modified | As earlier | Modified |
| Superintending Engineer, Rural Works Division, Jajpur. | Tender Online 21 JJPT of 2025-26 | 13.02.2026 at 10.00 AM | 25.02.2026 at 10.00 AM | 13.02.2026 up to 05.00 PM | 06.03.2026 up to 05.00 PM | 19.02.2026 up to 5.00 PM | 05.03.2026 up to 5.00 PM | 21.02.2026 at 11.30 AM | 07.03.2026 at 11.30 AM |

Note:- If situation arises the transparent lottery will be held on 12.03.2026 , At 11:30 AM

Superintending Engineer
R.W. Division, Jajpur

OIPR-25001/25047/1/25-26/0021



**AFFIDAVIT**

By Virtue of an affidavit sworn before Notary Public, Bhubaneswar Dated-05/02/2025, I Sri Akhaya Nahak, Father of Apsana Nahak, resident of At : Bayababa Basti, Bhoi Nagar, Unit-9, Saheed Nagar, po/ps : Saheed Nagar, Bhubaneswar-751022, That my Minor Daughter's Name wrongly mentioned in her Aadhar Card as Apasna Nahak instead of her correct name Apsana Nahak as per her Birth Certificate.

Henceforth She shall be know as **Apsana Nahak** for all future reference.

**(Akhaya Nahak)**

ଭୁବନେଶ୍ୱର, ୨୨ ଫେବୃୟାରୀ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# କିଟ୍ ଓ କିସ୍ ପରିଦର୍ଶନ କଲେ ଆମାଜନ ଆଇନ୍ ମୁଖ୍ୟ

**ଭୁବନେଶ୍ୱର, ୨୧।୨ ନ୍ୟୁଜ ବ୍ୟୁରୋ**

ଆମାଜନ ଚିଫ୍ ଗ୍ଲୋବାଲ୍ ଆଫ୍ୟାୟାର୍ସ ଓ ଆଇନ୍ ଅଧିକାରୀ ଡାଭିଡ୍ ଏ ଜାପଲସ୍କି ଶନିବାର କିଟ୍ ଓ କିସ୍ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ କିଟ୍‌ର ବିଭିନ୍ନ କ୍ୟାମ୍ପସ୍ ଓ କିସ୍‌ର ସମସ୍ତ ୟୁନିଟ୍ ବୁଲି ଦେଖିଥିଲେ। କିସ୍ ବୁଲି ଦେଖିବା ପରେ ସେ ପ୍ରଥମ ଥର ଲାଗି କିସ୍ ଭଳି ଏକ ବିରାଟ ଓ ବିରଳ ଅନୁଷ୍ଠାନ ପରିଦର୍ଶନ କରି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଶିକ୍ଷା ଜରିଆରେ ଜନଜାତି ବିକାଶ କ୍ଷେତ୍ରରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉଦ୍ୟମକୁ ସେ ଭୂୟସୀ ପ୍ରଶଂସା କରିଥିଲେ । କିସ୍‌ରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କିପରି ମ୍ୟୁଜିକ୍, ଇତିହାସ ଓ ଆଇନ୍ ଆଦି ପାଠ ପ୍ରତି ଆକୃଷ୍ଟ ହୋଇଥିଲେ ସେ ସମ୍ପର୍କରେ କହିଥିଲେ । ପରେ କିଟ୍‌ରେ ଏକ ଫାୟାରସାଇଡ୍ ଚାଟ୍ ଅଧିବେଶନରେ ଯୋଗଦେଇ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହଙ୍କ ସହ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆମାଜନର ବିଶ୍ୱ ନୀତିରେ ଭାରତର ଗୁରୁତ୍ୱ ବୃଦ୍ଧି ଉପରେ ଆଲୋକପାତ କରି ଶ୍ରୀ ଜାପଲସ୍କି କହିଲେ, ଆମାଜାନ ଭାରତରେ ପ୍ରାୟ ୪୦ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। ଏଥିରେ ଡାଟା ଭିତ୍ତିଭୂମି ଓ କ୍ଲାଉଡ୍ କମ୍ପ୍ୟୁଟିଂରେ ପ୍ରମୁଖ ନିବେଶ ଅନ୍ତର୍ଭୁକ୍ତ। ସେ କହିଲେ, କର୍ପୋରେଟ୍‌ଗୁଡ଼ିକ ସେମାନଙ୍କ ସାମାଜିକ ଦାୟିତ୍ୱବୋଧ ପଦକ୍ଷେପଗୁଡ଼ିକୁ ସେମାନଙ୍କର ମୂଳ ଦକ୍ଷତା ଅନୁଯାୟୀ ପ୍ରସ୍ତୁତ କରିବା ଉଚିତ। ବିପର୍ଯ୍ୟୟ ସହାୟତା ଏବଂ ପରିବେଶଗତ ପ୍ରୟାସ ସମେତ ସାମୁଦାୟିକ ପ୍ରଭାବ ପାଇଁ ଏହାର ପ୍ରଯୁକ୍ତିବିଦ୍ୟା ଏବଂ ଲଜିଷ୍ଟିକ୍ କ୍ଷମତାକୁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିବା ଉଚିତ। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଜାପଲସ୍କି ନିଜର ଅଭିଜ୍ଞତାର ଉଦାହରଣ ଦେଇ କହିଲେ ଯୁବପିଢ଼ି ପ୍ରତିଷ୍ଠା କିମ୍ବା ଦରମା ପଛରେ ନପଡ଼ି ନିଜ ଅନ୍ତରର କଥା ଶୁଣିବା ଉଚିତ। ଯାହା ତୁମକୁ ଖୁସି କରିପାରିବ ତାହା କର ବୋଲି ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଯେତେବେଳେ ତୁମେ ତୁମର ଆଗ୍ରହକୁ ଅନୁସରଣ କରିବ ସେତେବେଳେ ସୁଯୋଗ ପଛକୁ ପଛକୁ ଆସିବ ବୋଲି ସେ ଛାତ୍ରଛାତ୍ରୀଙ୍କୁ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଡାଭିଡ୍‌ଙ୍କ ବହୁମୁଖୀ ପ୍ରତିଭାର ପ୍ରଶଂସା କରିଥିଲେ। ଏହି ଅବସରରେ ଡାଭିଡ୍‌ଙ୍କୁ କିଟ୍ ଜୀବନବ୍ୟାପୀ ସାଧନା ସମ୍ମାନ ପ୍ରଦାନ କରାଯାଇଥିଲା।





ଭୁବନେଶ୍ୱର : ଜଗତସିଂହପୁର ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଓ ପାରାଦୀପରେ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା ପାଇଁ ବଜେଟରେ ଘୋଷଣା କରିଥିବାରୁ ଜିଲ୍ଲାର ଯୁବ ବର୍ଗ ଓ ଲୋକ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟ ଅତିଥି ଭବନରେ ଭେଟି ସମ୍ବର୍ଦ୍ଧିତ କରିବା ସହ ଧନ୍ୟବାଦ ଜଣାଉଛନ୍ତି। (ଫଟୋ : ନ୍ୟୁଜ ବ୍ୟୁରୋ)

## ଦାରା ସିଂହଙ୍କ ମୁକ୍ତି ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ଜେଲ୍ ଦଣ୍ଡ କୋହଳ ନେଇ ୨ ସପ୍ତାହ ମଧ୍ୟରେ ଓଡ଼ିଶା ସରକାର ନୀତି ସ୍ପଷ୍ଟ କରନ୍ତୁ

ନୂଆଦିଲ୍ଲୀ, ୨୦/୦୨

ଖ୍ରୀଷ୍ଟଧର୍ମ ପ୍ରଚାରକ ଗ୍ରାହାମ୍ ଷ୍ଟେନସ୍‌ଙ୍କ ହତ୍ୟା ମାମଲାରେ ଦାରା ସିଂହଙ୍କ ମୁକ୍ତି ନେଇ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ଜେଲ୍ ଦଣ୍ଡ ହ୍ରାସ ନେଇ ରାଜ୍ୟର ନୀତି ସ୍ପଷ୍ଟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ମନୋଜ ମିଶ୍ର ଓ ବିଚାରପତି ମନମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କ ନିକଟରେ ଏହି ମାମଲାରେ ଶୁଣାଣି ହୋଇଥିଲା। ଦାରା ସେନାର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୁକେଶ ଜୈନ ଦାରା ସିଂହଙ୍କୁ ଶୀଘ୍ର ମୁକ୍ତ କରିବା ସକାଶେ ତାଙ୍କର ପକ୍ଷ ରଖିଥିଲେ। ଦାରା ସେନାର ଓକିଲ ଏପି ସିଂହ ମଧ୍ୟ ଶୁଣାଣି ସମୟରେ ଦାରା ସିଂହଙ୍କ ଦଣ୍ଡ କୋହଳ କରି ଶୀଘ୍ର ତାଙ୍କୁ



ମୁକ୍ତ କରିବା ପାଇଁ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଖଣ୍ଡପୀଠଙ୍କ ନିକଟରେ ତାଙ୍କ ଯୁକ୍ତି ଉପସ୍ଥାପନ କରିଥିଲେ।

ଜୈନ ଉଲ୍ଲେଖ କରିଥିଲେ ଯେ, ଦାରା ସିଂହ ୨୬ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ଜେଲ୍‌ରେ ରହିଆସୁଛନ୍ତି। ସେ ଆହୁରି ମଧ୍ୟ ଯୁକ୍ତି ଉପସ୍ଥାପନ କରିଥିଲେ କି, ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ମାମଲାରେ ୭ ଜଣ ହତ୍ୟାକାରୀଙ୍କୁ ୯-୧୦ ବର୍ଷ ଜେଲ୍ ଦଣ୍ଡ ଭୋଗିବା ପରେ ଓଡ଼ିଶା ସରକାର ଜେଲରୁ ସେମାନଙ୍କୁ ମୁକ୍ତ କରିଥିଲେ। ଓଡ଼ିଶା ସରକାରଙ୍କ ପକ୍ଷରୁ ଓକିଲ ପି ଭି ଯୋଗେଶ୍ୱର ଶୁଣାଣି ସମୟରେ ଉପସ୍ଥିତ ଥିଲେ। ଦାରା ସେନା ପକ୍ଷ ଶୁଣିବା ପରେ ଖଣ୍ଡପୀଠ ଜେଲ୍ ଦଣ୍ଡ ଭୋଗୁଥିବା ବନ୍ଦୀମାନଙ୍କୁ ମୁକ୍ତକରିବା ନେଇ ଓଡ଼ିଶା ସରକାରଙ୍କର କ'ଣ ନୀତି ରହିଆସିଛି ତାହା ଆସନ୍ତା ୨ ସପ୍ତାହ ମଧ୍ୟରେ ସ୍ପଷ୍ଟ କରିବା ସକାଶେ ରାଜ୍ୟ ସରକାରଙ୍କ ଓକିଲଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପୁଅ-ବୋହୂଙ୍କୁ ନିଜ ସମ୍ପତ୍ତିରୁ ବେଦଖଲ କରିପାରିବେ ମା'

**କଟକ, ୨୧/୦୨ ନ୍ୟୁଜ ବ୍ୟୁରୋ**

ବୃଦ୍ଧ ପିତାମାତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ପୁଅ-ବୋହୂଙ୍କ ଉଦ୍ଦେଶ୍ୟରେ ହାଇକୋର୍ଟ କଡ଼ା ଚେତାବନୀ ଦେଇଛନ୍ତି । ମା'ଙ୍କ ଅର୍ଜିତ ସମ୍ପତ୍ତିରେ ପୁଅ କିମ୍ବା ବୋହୂଙ୍କର କୌଣସି ଆଇନଗତ ଅଧିକାର ନାହିଁ ଏବଂ ମା' ଚାହିଁଲେ ଉକ୍ତ ଜମିରେ ଥିବା ଘରୁ ସେମାନଙ୍କୁ ବାହାର କରିଦେଇପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ଏହି ମର୍ମରେ ବିଚାରପତି ଜଷ୍ଟିସ୍ ଆନନ୍ଦ ଚନ୍ଦ୍ର ବେହେରା ଆବେଦନକାରୀ ପୁଅ-ବୋହୂ ଚନ୍ଦ୍ରମଣି ସାମଲ ଓ ତାଙ୍କ ପତ୍ନୀଙ୍କ ପିଟିସନ୍‌କୁ ଖାରଜ କରି ନିମ୍ନ ଅଦାଲତଙ୍କ ଆଦେଶକୁ କାଏମ୍ ରଖିଛନ୍ତି ।

ଏହି ପରିପ୍ରେକ୍ଷୀରେ ହାଇକୋର୍ଟ କହିଛନ୍ତି ଯେ, ହିନ୍ଦୁ ଉତ୍ତରାଧିକାରୀ ଆଇନର ଧାରା-୧୪ ଅନୁଯାୟୀ ମା'ଙ୍କ ନାମରେ ଥିବା ସମ୍ପତ୍ତିର ସେ



ପୂର୍ଣ୍ଣ ମାଲିକାଣୀ ଏବଂ ସେହି ଘରେ ରହିବା ପାଇଁ ପୁଅ-ବୋହୂଙ୍କର କୌଣସି ଆଇନଗତ ଅଧିକାର ନାହିଁ । ଯେହେତୁ ସମ୍ପତ୍ତି ପୈତୃକ ନୁହେଁ, ତେଣୁ ସେଠାରେ ରହିବା ପାଇଁ ପୁଅର କୌଣସି ସାମ୍ବିଧାନିକ କିମ୍ବା ଆଇନଗତ ଅଧିକାର ନାହିଁ । ଏଭଳି କ୍ଷେତ୍ରରେ ବୟସ୍କ ପିତାମାତାଙ୍କୁ ନିର୍ଯାତନା ଦେଉଥିବା ସନ୍ତାନମାନଙ୍କୁ ଏହି ସଂପତ୍ତିରୁ ବେଦଖଲ କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି । ସୁକାନ୍ତି ସାମଲ ନାମକ ଜଣେ ବୃଦ୍ଧା ନିଜ ପୁଅ ଚନ୍ଦ୍ରମଣି ସାମଲ ଓ ବୋହୂଙ୍କ ବିରୋଧରେ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ ।

ସୁକାନ୍ତି ଦର୍ଶାଇଥିଲେ ଯେ, ସେ ୧୯୮୯ ମସିହାରେ ପଞ୍ଜୀକୃତ ବିକ୍ରୟ ପତ୍ର ମାଧ୍ୟମରେ ସେ ଏକ ଜମି କିଣିଥିଲେ । ସେଠାରେ ଘର ନିର୍ମାଣ କରି ସ୍ୱାମୀଙ୍କ ସହ ରହି ଆସୁଛନ୍ତି । ପୁଅ ଓ ବୋହୂ ପ୍ରେମ ବିବାହ ପରେ ସେହି ଘରେ ରହୁଥିଲେ । ମାତ୍ର ପୁଅ ଓ ବୋହୂ ତାଙ୍କୁ ଏବଂ ତାଙ୍କ ସ୍ୱାମୀଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେବା ସହ ଘରୁ ବାହାର କରିଦେବାକୁ ଧମକ ଦେଉଥିଲେ । ଏପରିକି ଗ୍ରାମ ସଭା ବସିଥିଲା । ପୁଅ-ବୋହୂ ଆଉ ନିର୍ଯାତନା ଦେବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେମାନଙ୍କ ବ୍ୟବହାରରେ କୌଣସି ପରିବର୍ତ୍ତନ ହେଲା ନାହିଁ । ପରିସ୍ଥିତି ଏପରି ହୋଇଥିଲା ଯେ ବୃଦ୍ଧ ପିତାମାତା ନିଜ ଘର ଛାଡ଼ି ଅନ୍ୟ ପିଲାମାନଙ୍କ ପାଖରେ ଭଡ଼ାଘରେ ରହିବାକୁ ବାଧ ହୋଇଥିଲେ । ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ସୁକାନ୍ତି ବାଧହୋଇ ସିଭିଲ କୋର୍ଟରେ ଏକ ମାମଲା ଦାଏର କରିଥିଲେ । ସିଭିଲ୍ କୋର୍ଟ ସୁକାନ୍ତିଙ୍କ ପକ୍ଷରେ ରାୟ ଦେଇ ପୁଅ-ବୋହୂଙ୍କୁ ଘର ଖାଲି କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ଆଦେଶକୁ ବିରୋଧ କରି ପୁଅ-ବୋହୂ ଜିଲ୍ଲାସ୍ତରୀୟ ଅପିଲ କୋର୍ଟରେ ମାମଲା କରିଥିଲେ। ଏହି ଆବେଦନକୁ ଅପିଲ କୋର୍ଟ ମଧ୍ୟ ଖାରଜ କରି ଦେଇଥିଲେ । ଶେଷରେ ପୁଅ-ବୋହୂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଅବସରରେ ପୁଅ- ବୋହୂଙ୍କ ଆବେଦନକୁ ଖାରଜ କରି ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୧/୦୨/୨୦୨୬
୪,୯୭,୬୭୨ ଟଙ୍କା
ସୁନା:-୦୦ ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:-୫୪ ଗ୍ରାମ୍ ୮୦୦ ମିଲିଗ୍ରାମ୍

# ସ୍କୁଲରେ ଗ୍ରୀଷ୍ମ ମୁକାବିଲା ପାଇଁ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୧।୨ ନ୍ୟୁଜ ବ୍ୟୁରୋ**

ଗ୍ରୀଷ୍ମ ମୁକାବିଲା ପାଇଁ ସ୍କୁଲମାନଙ୍କରେ ପ୍ରସ୍ତୁତି ଏବଂ ସତର୍କତାମୂଳକ ପଦକ୍ଷେପ ନେବା ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଚିଠି କରାଯାଇଛି। ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ନିର୍ଦ୍ଦେଶ ଦେଇଛନ୍ତି । ବିଭାଗର ସମସ୍ତ ନିର୍ଦ୍ଦେଶକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଅତିରିକ୍ତ ସଚିବ ଚିଠିରେ ଦର୍ଶାଇଛନ୍ତି ଯେ, ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲଗୁଡ଼ିକ ଗ୍ରୀଷ୍ମ ପ୍ରବାହ ସୁରକ୍ଷା ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବେ । ସ୍କୁଲଗୁଡ଼ିକରେ ପାନୀୟ ଜଳର ବ୍ୟବସ୍ଥା, ଆବଶ୍ୟକସ୍ଥଳେ ନଳକୂପ ମରାମତି କରିବା ଏବଂ ଛାତ୍ର ଓ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ଓଆର୍‌ଏସ୍ ପ୍ୟାକେଟ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅତ୍ୟଧିକ ଗରମରୁ ରକ୍ଷା ପାଇବା ପାଇଁ ବାହ୍ୟ କାର୍ଯ୍ୟକଳାପକୁ ସୀମିତ କରିବାକୁ ସ୍କୁଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପିଲାମାନେ ସ୍କୁଲକୁ ପାଣି ବୋତଲ ନେଇ ଆସିବା ପାଇଁ ଅଭିଭାବକମାନଙ୍କୁ ସଚେତନ କରାଯିବ। ଏହା ସହିତ ସ୍କୁଲଗୁଡ଼ିକରେ ଛାତ୍ରଛାତ୍ରୀମାନଙ୍କୁ ଗ୍ରୀଷ୍ମ ପ୍ରବାହ ସୁରକ୍ଷା ଟିପ୍ସ ବିଷୟରେ ଶିକ୍ଷା ଦେଇପାରିବେ।

# ଏଥର ବି ହୋଇପାରିଲାନି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ହାଣ୍ଡି ଭଙ୍ଗା ଯାତ୍ରା

**ଭୁବନେଶ୍ୱର, ୨୧/୦୨ ନ୍ୟୁଜ ବ୍ୟୁରୋ**

ଗତ ବର୍ଷ ଭଳି ଏବର୍ଷ ବି ବନ୍ଦ ରହିଲା ମହାପ୍ରଭୁ ଲିଙ୍ଗରାଜଙ୍କ ହାଣ୍ଡି ଭଙ୍ଗା ଯାତ୍ରା। କପିଳେଶ୍ୱର ମନ୍ଦିରରେ କେଉଁ ସେବାୟତ ବାଟ ବରଣୀ କରିବେ ସେନେଇ ବିବାଦ ନ ତୁଟିବାରୁ ଏବର୍ଷ ବି ମହାପ୍ରଭୁଙ୍କ ହାଣି ଭଙ୍ଗା ଯାତ୍ରା ହୋଇପାରିନାହିଁ। ଆଉ ଏହାକୁ ମିଶାଇଲେ ପ୍ରାୟ ୧୨ ବର୍ଷ ହେବ ମହାପ୍ରଭୁଙ୍କ ଏହି ନୀତି ବନ୍ଦ ରହିଛି।

ବଡ଼ କଥା ହେଲା ଏହି ଯାତ୍ରା ଆରମ୍ଭ କରିବା ତଥା ବିବାଦର ସମାଧାନ ପାଇଁ ଗତ ୧୯ ତାରିଖରେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ କପିଳେଶ୍ୱର ମନ୍ଦିର ଟ୍ରଷ୍ଟବୋର୍ଡ ବୈଠକ ହୋଇଥିଲା। ଆଉ ଶନିବାର ଏହି ପରମ୍ପରା ହେବା ନେଇ କୁହାଯାଇଥିଲା। ମାତ୍ର ଏହା ଏବେ ପୁଣି ବନ୍ଦ ରହିଲା।

ଏନେଇ ଖୋର୍ଦ୍ଧା ଜିଲ୍ଲାପାଳ କହିଛନ୍ତି, କପିଳେଶ୍ୱର ମନ୍ଦିରରେ କେଉଁ ସେବାୟତ ବାଟ ବରଣୀ କରିବେ ସେନେଇ ଥିବା ବିବାଦ ତୁଟିନାହିଁ। ଲିଙ୍ଗରାଜ ମନ୍ଦିର ସେବାୟତ ଖୁଣ୍ଟିଆ ସେବାୟତ ଏହି ସେବା କରିବାର ପରମ୍ପରା ରହିଛି। ଅନ୍ତରୀଣ ଆଦେଶରେ ମଳିଆଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ହାଣ୍ଡି ଭଙ୍ଗା ଜାତ ବନ୍ଦ ରହିଲା। ରବିବାର ଠାରୁ କପିଳେଶ୍ୱରରେ



ଖୁଣ୍ଟିଆ ଓ ମଳିଆ ନିଜ ନିଜ ସେବା ଅନ୍ତରୀଣ ଆଦେଶ ଅନୁଯାୟୀ କରିବେ। ଶ୍ୱେତଲିପି ଆସିବା ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ। ସୂଚନାଥାଉକି, ଦୀର୍ଘ ବର୍ଷ ଧରି ଖୁଣ୍ଟିଆ ଓ ମଳିଆ ସେବାୟତଙ୍କ ମଧ୍ୟରେ ବିବାଦ ରହିଆସିଛି। ଫଳରେ ମହାପ୍ରଭୁଙ୍କର ଏହି ସ୍ୱତନ୍ତ୍ର ଯାତ୍ରା ହୋଇପାରୁନାହିଁ।

ସେପଟେ ଶନିବାର ଦ୍ୱିପହରରୁ ଉପବାସରେ ଅଛନ୍ତି ପ୍ରଭୁ ଲିଙ୍ଗରାଜ। ପୂଜା ପଣ୍ଡା ଓ ସୁଆର ସେବକଙ୍କ ମଧ୍ୟରେ ବିବାଦ ଯୋଗୁ ନୀତି ନହୋଇପାରିବାରୁ ଉପାସରେ ଅଛନ୍ତି ପ୍ରଭୁ। ଏନେଇ ବଡ଼ୁ ନିଯୋଗ କମିଟି ସମ୍ପାଦକ କମଳାକାନ୍ତ ବଡ଼ୁ କହିଛନ୍ତି, ସକାଳ ମଙ୍ଗଳ ଆଳତି ଠାରୁ ଭୋଗ ମଣ୍ଡପ ପର୍ଯ୍ୟନ୍ତ ସବୁ ନୀତି ଠିକ ଥିଲା। ହେଲେ ଦ୍ୱିପ୍ରହରରେ ନୀତିକାନ୍ତି ବିଭ୍ରାଟ ଯୋଗୁ ପ୍ରଭୁ ଉପାସରେ ଅଛନ୍ତି। ଏପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରୁନି ନୀତିକାନ୍ତି।

ଶ୍ରୀଲିଙ୍ଗରାଜଙ୍କ ସ୍ନାନ ପରେ ତାଙ୍କୁ ବସ୍ତ୍ର ମଧ୍ୟ ପିନ୍ଧିବାକୁ ଦେଇ ନାହାନ୍ତି ପତ୍ରୀ ସେବାୟତ। ଦ୍ୱିପହର ନୀତି କେତେବେଳେ ହେବ ଏବେ ତାହା ସବୁଠାରୁ ବଡ଼ ପ୍ରଶ୍ନ । ଜିଲ୍ଲାପାଳ କହିଥିଲେ ଯଦି ହାଣ୍ଡିଭଙ୍ଗା ଯାତ ନ ହୁଏ ତେବେ ତେବେ ନୀତିକାନ୍ତିରେ କୌଣସି ବିଭ୍ରାଟ ନ କରିବାକୁ ହେଲେ ତାକୁ ମାନିଲେନି ପୂଜା ପଣ୍ଡା ଓ ସୁଆର ସେବକ। ସେହିଭଳି କପିଳେଶ୍ୱରଙ୍କ ସକାଳ ଧୂପ ପର ଠାରୁ ନୀତି ବନ୍ଦ ରହିଛି। ଦିନ ୨ଟା ପର ଠାରୁ ନୀତି ହୋଇ ନାହିଁ।

# ନାବାଳିକା ଛାତ୍ରୀ ଦୁଷ୍କର୍ମ ଘଟଣାରେ ୩ ଶିକ୍ଷକଙ୍କ ସମେତ ୫ ଅଟକ

**କେନ୍ଦ୍ରାପଡ଼ା ୨୧।୨ ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡ଼ା ରାଜକନିକାରେ ଲଜ୍ଜା। ପବ୍ଲିକ୍ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ସହ ଦୁଷ୍କର୍ମ ଅଭିଯୋଗ ହୋଇଛି। ଦୁଷ୍କର୍ମରେ ସମ୍ପୃକ୍ତ ୩ ଜଣ ଶିକ୍ଷକ ଓ ଜଣେ ପିଅନ ରହିଛନ୍ତି। ଏଥିରେ ସହଯୋଗ କରିଛନ୍ତି ସ୍କୁଲର ଜଣେ ଶିକ୍ଷୟିତ୍ରୀ । ବିଗତ ୪ ବର୍ଷ ଧରି ନିୟମିତ ଛାତ୍ରୀଙ୍କ ସହ ଦୁଷ୍କର୍ମ କରି ଆସୁଥିଲେ ଏମାନେ । ଭାଇକୁ ମାରିଦେବାର ଧମକ ଦେଇ ଛାତ୍ରୀଙ୍କ ସହ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ୩ ଜଣ ଶିକ୍ଷକ, ଜଣେ ପିଅନ ଓ ସେମାନଙ୍କୁ ସହଯୋଗ କରିଥିବା ଜଣେ ଶିକ୍ଷୟିତ୍ରୀଙ୍କୁ ଅଟକ ରଖିଛି । ଘଟଣାର ତଦନ୍ତ ପାଇଁ କେନ୍ଦ୍ରାପଡ଼ା ଏସ୍‌ପି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଛନ୍ତି । ଏଥିରେ ଜଣେ ମହିଳା ଡିଏସପି ଓ ଜଣେ ଆଡିସନାଲ ଏସପି ସାମିଲ ହୋଇଛନ୍ତି । ଏସପି ସିଦ୍ଧାର୍ଥ କଟାରିଆ ନିଜେ ଟିମ୍‌ର ନେତୃତ୍ୱ ନେଉଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଅନ୍ୟପକ୍ଷରେ ଛାତ୍ରୀଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି । ପୀଡିତାଙ୍କୁ ତ୍ୱରିତ ଓ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ ପୋଲିସ ଉଦ୍ୟମ କରୁଛି ବୋଲି ଏସପି ସୂଚନା ଦେଇଛନ୍ତି । ଦୁଷ୍କର୍ମର ଶିକାର ହୋଇଥିବା ଛାତ୍ରୀ ଗତ ଜାନୁଆରୀ ୧୪ ତାରିଖରେ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ । ଏନେଇ ପରିବାର ଲୋକେ ସ୍କୁଲର ପ୍ରିନ୍ସିପାଲଙ୍କୁ ଭେଟି ଅଭିଯୁକ୍ତ ଶିକ୍ଷକଙ୍କ ବିରୁଦ୍ଧରେ ଅଭିଯୋଗ କରିଥିଲେ । ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରିନ୍ସିପାଲ ୧୫ ଦିନ ସମୟ ନେଇଥିଲେ। କିନ୍ତୁ ପ୍ରିନ୍ସିପାଲ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ । ଫଳରେ ଅଭିଯୁକ୍ତମାନଙ୍କ ସାହସ ବଢ଼ି ଯାଇଥିଲା। ତେବେ ଘଟଣା ସମ୍ପର୍କରେ ଛାତ୍ରୀ ପରିବାର ଗତ ୧୮ ତାରିଖରେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷାଙ୍କୁ ଭେଟି ଅଭିଯୋଗ କରିଥିଲେ। ପରଦିନ ଅର୍ଥାତ୍ ୧୯ ତାରିଖରେ କମିଟିର ଏକ ଟିମ୍ ସ୍କୁଲରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ସମୟରେ ଅନେକ ଘଟଣା ସାମ୍ନାକୁ ଆସିଥିଲା ଯାହାକି ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ନେଇ ସୂଚନା ଦେଇଥିଲା। ଅଭିଯୋଗ ପାଇବା ପରେ ପ୍ରିନ୍ସିପାଲ କାହିଁକି ଚୁପ୍ ରହିଲେ ତାକୁ ନେଇ ଏବେ ପ୍ରଶ୍ନ ଉଠୁଛି । ଅନ୍ୟପକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି ।




## ଅଘୋଷିତ ବିଦ୍ୟୁତ୍ କାଟ୍‌ରୁ ଡେଲାଙ୍ଗବାସୀଙ୍କୁ ମିଳିବ ଆଶ୍ୱସ୍ତି

# ଖୁବ୍‌ଶୀଘ୍ର ଠଣଠଣାରୁ ବିଦ୍ୟୁତ୍ ସଂଯୋଗ, ଉପକୃତ ହେବେ ୬୦ ହଜାର ଉପଭୋକ୍ତା

ଡେଲାଙ୍ଗ, ୨୦/୦୨ ନ୍ୟୁଜ ବ୍ୟୁରୋ

ଡେଲାଙ୍ଗବାସୀଙ୍କୁ ଅଘୋଷିତ ବିଦ୍ୟୁତ୍ କାଟରୁ ମିଳିବ ମୁକ୍ତି । ଖୁବ୍‌ଶୀଘ୍ର ଠଣଠଣାରୁ ଡେଲାଙ୍ଗ ସବ୍ ଷ୍ଟେସନକୁ ବିଦ୍ୟୁତ୍ ସଂଯୋଗ କରାଯିବ । ଏହାକୁ ଦ୍ୱିତୀୟ ଉତ୍ସ ରୂପେ ବ୍ୟବହାର କରାଯିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହାଦ୍ୱାରା ଡେଲାଙ୍ଗ ଓ କଣାସ ବ୍ଲକର ୬୦ ହଜାର ଉପଭୋକ୍ତା ଉପକୃତ ହେବେ ।

ଖୋର୍ଦ୍ଧାରୁ ବରୁଣେଇ ଘାଟି ଦେଇ ତିରୁମଲ ଗ୍ରୀଡ୍ ଓ ସେଠାରୁ ଡେଲାଙ୍ଗ ସବ୍ ଷ୍ଟେସନକୁ ୩୩ କେଭି ବିଦ୍ୟୁତ୍ ସଂଯୋଗ କରାଯାଇଛି । ଡେଲାଙ୍ଗ ସବ୍ ଷ୍ଟେସନରୁ ବାହାରିଥିବା ୧୧ କେଭି ବିଦ୍ୟୁତ୍ ତା'ର ଡେଲାଙ୍ଗ ସହିତ କଣାସ ବ୍ଲକର ପ୍ରାୟ ୬୦ ହଜାର ଉପଭୋକ୍ତାଙ୍କୁ ସେବା ଯୋଗାଉଛି । ଖୋର୍ଦ୍ଧାରୁ ଜଙ୍ଗଲିଆ ଅଞ୍ଚଳ ଦେଇ ଆସିଥିବା ତାର ଉପରେ ଗଛ ଓ ଡାଳ ପଡ଼ି ଯାଉଥିବାରୁ ଅନେକ ସମୟରେ




ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି ।

ପ୍ରାୟ ୨୫ କିମି ଦୂରରୁ ଆସିଥିବା ୩୩ କେଭି ବିଦ୍ୟୁତ୍ ତାରରେ ଖରାଦିନେ ସାମାନ୍ୟ ତ୍ରୁଟି ଦେଖାଦେଲେ ସେବା ବାଧାପ୍ରାପ୍ତ ହେଉଥିବାରୁ ଅଞ୍ଚଳବାସୀ ସମସ୍ୟା ଭୋଗୁଛନ୍ତି । ସେହିପରି କଣାସ ଅଞ୍ଚଳରେ କିଛି ତ୍ରୁଟି ଦେଖାଦେଲେ ଡେଲାଙ୍ଗରୁ ବିଦ୍ୟୁତ୍ କାଟ୍ କରାଯାଉଛି । ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ବିଭାଗୀୟ ଅଧିକାରୀଙ୍କ ଉପରେ କ୍ଷୋଭ ପ୍ରକାଶ କରୁଛନ୍ତି । ଖୋର୍ଦ୍ଧା ସହିତ ଦ୍ୱିତୀୟ ଉତ୍ସ ଭାବେ ଅନ୍ୟ ଗ୍ରୀଡରୁ ଡେଲାଙ୍ଗକୁ ୩୩ କେଭି ବିଦ୍ୟୁତ୍ ସଂଯୋଗ ହୋଇପାରିଲେ ଏହାର ସମାଧାନ ମିଳିପାରିବ ବୋଲି ଆଶା କରି ପିପିଲି ବ୍ଲକ ଠଣଠଣା ଗ୍ରୀଡ୍ ବିଦ୍ୟୁତ ସଂଯୋଗ ପାଇଁ ୫ ମାସ ପୂର୍ବେ ସ୍ଥାନୀୟ ଲୋକେ ବିଭାଗକୁ ଦାବିପତ୍ର ପ୍ରଦାନ କରିଥିଲେ। ଯାହା ଏବେ କାର୍ଯ୍ୟକାରୀ ହେବାକୁ ଯାଉଛି ।

ନିମାପଡ଼ାସ୍ଥିତ ଦିଘାଳୋଠାରୁ ଠଣଠଣା ଗ୍ରୀଡ୍‌କୁ ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଦ୍ୱାରା ୧୩୨ କେଭି ସଂଯୋଗ କରାଯାଇଛି । ସେଠାରେ ଲଗା ଯାଇଥିବା ୨୦ ଏମ୍‌ଭିଏ (ମେଗାଭୋଲ୍ଟ ଆମ୍ପିୟର) ଟ୍ରାନ୍ସଫର୍ମରରୁ ଟାଟା ପାୱାର ପିପିଲି, ମଙ୍ଗଳପୁର, ସାତଶଙ୍ଖ ସହିତ ସାକ୍ଷୀଗୋପାଳର କୁମାରେଶ୍ୱର ଅଞ୍ଚଳକୁ ୩୩ କେଭି ବିଦ୍ୟୁତ୍ ଯୋଗାଉଛି । ଗତ ଫନି ମହାବତ୍ୟାରେ ଡେଲାଙ୍ଗରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବା ବେଳେ ଠଣଠଣାରୁ ୩୩ କେଭି ତାର ସାତଶଙ୍ଖ ବଜାର ଦେଇ ପଟ୍ଟନାୟିକିଆ-ଡେଲାଙ୍ଗ ରାସ୍ତା କଡ଼ରେ ଆସି ଡେଲାଙ୍ଗ ସବ୍ ଷ୍ଟେସନକୁ ସଂଯୋଗ କରାଯାଇଥିଲା । ଅଳ୍ପ କିଛିଦିନ ପରେ ଖୋର୍ଦ୍ଧାରୁ ବିଦ୍ୟୁତ୍ ସରବରାହ ଆରମ୍ଭ ହେବାରୁ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଇଥିଲା । ଦୀର୍ଘ ୬ ବର୍ଷରୁ ଅଧିକ ସମୟ ଏହି ବିଦ୍ୟୁତ୍ ଖୁଣ୍ଟ ଓ ତାର ଗୁଡିକ ଅକାମି ହୋଇ ପଡ଼ି ରହିଥିବାରୁ କେତେକ ସ୍ଥାନରେ ଅସାମାଜିକ ତାର ଚୋରି କରି ନେଇଥିବା ବେଳେ ଅନେକ ସ୍ଥାନରେ ଗଛଲତା ମାଡ଼ି ଯାଇଥିବା ଦେଖିବାକୁ ମିଳିଛି ।

ଠଣଠଣାରୁ ଡେଲାଙ୍ଗକୁ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି ହେବାପରେ ବିଭାଗ ଏହାକୁ ବିଶେଷ ପ୍ରାଧାନ୍ୟ ଦେଇଥିଲା। ଚୋରି ଓ ଛିଣ୍ଡି ଯାଇଥିବା ସ୍ଥାନରେ ନୂଆ ତାର ଲଗାଯାଇଥିବା ବେଳେ ଖୁଣ୍ଟ ଗୁଡିକର ସ୍ଥାୟିତ୍ୱ ଯାଞ୍ଚ କରି ଆବଶ୍ୟକସ୍ଥଳେ ନୂତନ ପୋତା ଯାଇଥିଲା । ସେହିପରି ତାର ଉପରେ ଗଛଲତା ମାଡ଼ି ଯାଇଥିବା ସ୍ଥାନ ସଫା କରାଯାଇଛି। ଠଣଠଣାରେ ଲଗା ଯାଇଥିବା ୨୦ ଏମ୍‌ଭିଏ ଟ୍ରାନ୍ସଫର୍ମରର ପାହ୍ୟାବୃଦ୍ଧି କରାଯାଇ ୪୦ ଏମଭିଏ କରାଯିବ । ଏହାକୁ ମଞ୍ଜୁରି ମିଳି ସାରିଥିବା ବେଳେ ଆସନ୍ତା ଗ୍ରୀଷ୍ମ ପ୍ରବାହ ପୂର୍ବରୁ କାର୍ଯ୍ୟ ସମାପ୍ତ କରାଯିବ ବୋଲି ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ରାକେଶ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି।

## ବନ୍ଧାହେଲେ କୋଟିପତି ଫରେଷ୍ଟର

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ

**ଭବାନୀପାଟଣା, ୨୧।୨ ନ୍ୟୁଜ ବ୍ୟୁରୋ**

ଭବାନୀପାଟଣା ରେଞ୍ଜ ଅନ୍ତର୍ଗତ ଭଟାଙ୍ଗପଦର ଫରେଷ୍ଟର ଭାଗବତ ଭୂଷଣ ବେହେରାଙ୍କୁ ଶନିବାର ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗିରଫ କରିଛି ଭିଜିଲାନ୍ସ।

ସୂଚନାଯୋଗ୍ୟ, ଭବାନୀପାଟଣା ସ୍ପେଶାଲ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଭିଜିଲାନ୍ସ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ସକାଳ ପ୍ରାୟ ୬ଟାରୁ ଭିଜିଲାନ୍ସର ୩ଟି ଟିମ୍ ଭବାନୀପାଟଣା ହିଲ ଟାଉନରେ ଥିବା ଫରେଷ୍ଟରଙ୍କ ତିନି ମହଲା ବାସଭବନ, ଜୁନାଗଡ଼ ଥାନା ଅନ୍ତର୍ଗତ ଦେଉଣ୍ଡି ଗାଁରେ ଥିବା ପୈତୃକ ବାସଭବନ ଓ ଭଟାଙ୍ଗପଦର ସେକ୍ସନର ଫରେଷ୍ଟରଙ୍କ ସରକାରୀ କାର୍ଯ୍ୟାଳୟରେ ଚଢ଼ଉ କରିଥିଲେ। ଏହି ସମୟରେ ଫରେଷ୍ଟର ବେହେରାଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ, ସୁନାଗହଣା ଓ ଜମିବାଡ଼ି ସମ୍ପର୍କିତ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ହିଲ ଟାଉନରେ ଥିବା ୫୩ ଶହ ସ୍କୋୟାରଫୁଟ୍‌ର ଏକ ମଲ୍ଟି ଷ୍ଟୋରେଡ଼ କୋଠା, ଭବାନୀପାଟଣା ସହର ମଧ୍ୟରେ ଥିବା ୯ଟି ପ୍ଲଟ, ୨୧୦ ଗ୍ରାମ୍ ସୁନା, ୨ଟି ହାରଭେଷ୍ଟର (ଧାନକଟା ମେସିନ), ଗୋଟିଏ ଚାରିଚକିଆ ଗାଡ଼ି, ୪ଟି ବେନାମୀ ଟ୍ରାକ୍ଟର ଓ ବୋଲେରୋ ସମେତ ବ୍ୟାଙ୍କ, ପୋଷ୍ଟାଲ ଜମା, ଜୀବନ ବୀମା ପଲିସି ଆଦି ମିଳିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ସେହିପରି ଭବାନୀପାଟଣା ସେଣ୍ଟ୍ରାଲ ବ୍ୟାଙ୍କରେ ତାଙ୍କ ନାମରେ ଏକ ଲକର ଖୋଲାଯାଇଥିବାବେଳେ ସେ ଏହାକୁ ପରିଚାଳନା କରୁଥିବା ଭିଜିଲାନ୍ସ ବିଭାଗ ଜାଣିପାରିଛି। ତେବେ ଜବତ ସମ୍ପତ୍ତି ପରିମାଣ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ଭିଜିଲାନ୍ସ ବିଭାଗ ଫରେଷ୍ଟର ବେହେରାଙ୍କୁ ଗିରଫ କରି ଅଧିକ ଖୋଳତାଡ଼ କରୁଛି। ଏହି ଚଢ଼ଉରେ କୋରାପୁଟ ଭିଜିଲାନ୍ସ ଡିଭିଜନ ଅଧୀନ କଳାହାଣ୍ଡି, ରାୟଗଡ଼ା, ନବରଙ୍ଗପୁର, ମାଲକାନଗିରି, ନୂଆପଡ଼ା ଆଦି ଜିଲ୍ଲାର ୪ ଜଣ ଡିଏସ୍‌ପି, ୭ ଜଣ ଇନ୍ସପେକ୍ଟର, ୪ ଜଣ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀ ସାମିଲ ଅଛନ୍ତି।